

▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ADMISSION OPEN FOR NEET 2026 -27

# TETRAHEDRON ACADEMY PRIVATE LIMITED

Tangi, Cuttack-754022

: 8093064522, 8093064525, 8093064500

Mentor
Trideb Sir
:7008222977

## We are expecting 150 MBBS Admissions in 2026



| Score | Name | Place | Mobile |
|---|---|---|---|
| 653 | DIBYA RANJAN | JAJPUR | M. : 9692036713 |
| 648 | SIBA SANKAR | BALESWAR | M. : 6371756580 |
| 647 | SUSHREE PRIYANKA | DHENKANAL | M. : 9777153555 |
| 645 | ADITYA | JAGATSINGHPUR | M. : 9937769733 |
| 635 | BISWABID | JAJPUR | M. : 9558959879 |
| 635 | SHUBHAM | BALESWAR | M. : 9123066603 |
| 631 | ADYASHA | CUTTACK | M. : 8249136458 |
| 630 | JYOTI PRAKASH | BALESWAR | M. : 9040026074 |
| 620 | SANDEEP KU. | KEONJHAR | M. : 7749823914 |
| 620 | SAI PRAKASH | JAGATSINGHPUR | M. : 9777090684 |
| 616 | BIKASH | PURI | M. : 9139254073 |




| Score | Name | Place | Mobile |
|---|---|---|---|
| 616 | SUSHREE SAMIKHYA | JAJPUR | M. : 7205422843 |
| 615 | DIBYAJYOTI | CUTTACK | M. : 9778171571 |
| 612 | ABINASH | JAGATSINGHPUR | M. : 9853385091 |
| 607 | SOUMYA RANJAN | DHENKANAL | M. : 9437809042 |
| 607 | MANORANJAN | KENDRAPARA | M. : 9556233735 |
| 605 | PRASANTA KU. | CUTTACK | M. : 9937898486 |
| 605 | PRIYANSU PRITAM | JAJPUR | M. : 7008399671 |
| 603 | PRANESH | BARIPADA | M. : 9439093446 |
| 602 | AMIYADEEP | KENDRAPARA | M. : 9692308132 |
| 601 | BISWARUPA | KENDRAPARA | M. : 6371780995 |
| 591 | RIDHIRANI | ANGUL | M. : 7008146953 |



| Score | Name | Place | Mobile |
|---|---|---|---|
| 590 | ADARSH AMLAN | CUTTACK | M. : 9861012314 |
| 590 | DEBA PRASAD | BALESWAR | M. : 9040165239 |
| 590 | SASWAT SWAYANSHU | DHENKANAL | M. : 7077762559 |
| 587 | RAJESH | BALESWAR | M. : 8457895059 |
| 587 | SMRUTI RANJAN | JAJPUR | M. : 8018868766 |
| 586 | PRAKASH | CUTTACK | M. : 8260761144 |
| 585 | SUBHASHREE | CUTTACK | M. : 9937339439 |
| 582 | BHARAT KU. | BOUDH | M. : 7749022783 |
| 582 | RAJESH | KENDAPARA | M. : 8260397534 |
| 580 | RAMAKRUSHNA | ANGUL | M. : 7684000422 |
| 580 | TARINI PRASAD | KENDRAPARA | M. : 8455886194 |

& Many More .....

## OUR INCREDIBLE ACHIEVERS IN AIIMS



| Score | AIIMS | Name | Mobile |
|---|---|---|---|
| 710 | AIIMS BBSR(2024) | KAMALAKANTA | Mob. : 8249906661 |
| 700 | AIIMS RAIPUR(2024) | RAHUL | M. : 6372741832 |
| 697 | AIIMS DELHI (2021) | SUSHREE SANGITA | Mob. : 9810975701 |
| 695 | AIIMS GORAKHPUR(2024) | OMM PRAKASH | M. : 6372521307 |
| 695 | AIIMS GORAKHPUR(2024) | SWAGATIKA | M. : 7381845430 |
| 680 | AIIMS BBSR(2021) | DEVASIS SAHOO | Mob. : 9861492793 |
| 675 | AIIMS GORAKHPUR(2023) | ASHIRBAD BISWAL | Mob. : 7846821473 |
| 670 | AIIMS KALYANI (2023) | ANUPAM NAYAK | Mob. : 7205755502 |
| 670 | AIIMS MADURAI(2024) | ADITYA NARAYAN | M. : 8260333635 |
| 665 | AIIMS RAIPUR(2022) | SATYAJIT NAYAK | Mob. : 8260601336 |
| 590 | AIIMS KALYANI(2025) | SOURAV RANJAN | Mob. : 9337135920 |
| 585 | AIIMS KALYANI(2025) | AMIT ANSUMAN | Mob. : 8260552053 |
| 578 | AIIMS KALYANI(2025) | G.S. TANISHA | Mob. :6370203229 |
| 575 | AIIMS DEOGHAR(2025) | SOUMYA RANJAN | Mob. : 9853490176 |
| 574 | AIIMS BBSR (2025) | ASHUTOSH (SC) | Mob. : 9438110102 |

2025 : 127 MBBS ADMISSIONS
2024 : 71 MBBS ADMISSIONS
2023 : 54 MBBS ADMISSIONS

## OUR CHSE RESULTS -2026

| Above 98% | Above 95% | Above 560 | Above 90% | Above 89% | Above 88% |
|---|---|---|---|---|---|
| 13 STUDENTS | 95 STUDENTS | 163 STUDENTS | 315 STUDENTS | 367 STUDENTS | 412 STUDENTS |

| Above 85% | Above 80% | Above 75% | Above 70% | Above 60% |
|---|---|---|---|---|
| 558 STUDENTS | 774 STUDENTS | 948 STUDENTS | 1066 STUDENTS | 1144 STUDENTS |

## OUR CHSE RESULTS -2025

| Above 95% | Above 560 | Above 90% | Above 89% | Above 88% |
|---|---|---|---|---|
| 14 STUDENTS | 51 STUDENTS | 199 STUDENTS | 236 STUDENTS | 285 STUDENTS |

| Above 500 | Above 80% | Above 75% | Above 70% | Above 60% |
|---|---|---|---|---|
| 536 STUDENTS | 714 STUDENTS | 902 STUDENTS | 1023 STUDENTS | 1120 STUDENTS |

## OUR FACULTIES

### DEPT. OF PHYSICS :
- Mr. Maheswar Parida (MP Sir) : (43 Yrs. Experience)
- Mr. Milan Kumar Samal (Milan Sir) : (35 Yrs. Experience)
- Mr. Samal Sir : (30 Yrs. Experience)
- Mr. Manas Mishra (MM Sir) : (28 Yrs. Experience)
- Mr. Suman Ku. Sharma (SK Sir : (16 Yrs. Experience)
- Mr. Sangram Sahoo (SS Sir) : (15 Yrs. Experience)
- Mr. Rahul Singh (RS Sir) : (11 Yrs. Experience)

### DEPT. OF BOTANY :
- Mr. Amitav Behera (AB Sir) : (28 Yrs. Experience)
- Mr. Manas Kumar (MK Sir) : (28 Yrs. Experience)

### DEPT. OF CHEMISTRY :
- Dr. Kailash Chandra Rout (KR Sir) : (40 Yrs. Experience)
- Dr. Baikuntha Narayan Dash (BN Sir): (39 Yrs. Experience)
- Mr. Tridib Behera (CB Sir) : (26 Yrs. Experience)
- Mr. Bhagirathi Mallick (BM Sir) : (40 Yrs. Experience)
- Dr. Ashok Kumar Roul (AKR Sir) : (37 Yrs. Experience)
- Mr. Keshab Chandra Nath(KN Sir) : (18 Yrs. Experience)
- Dr. Ranjit Kumar Kesh (RK Sir) : (12 Yrs. Experience)
- Mr. Padarbinda Mantri (PM Sir) : (11 Yrs. Experience)

### DEPT. OF ZOOLOGY :
- Dr. Kamalakanta Sahoo (KK Sir) : (40 Yrs. Experience)
- Mr. Akshya Ku. Mohanty (AS Sir) : 40 Yrs. Experience)
- Mrs. Manorama Sahu (MS Ma'am) : 12 Yrs. Experience)

- We give maximum emphasis on physics and chemistry
- We teach our students from the concept level to higher level.
- Maximum problem solving approach on each subject in the class room.
- Doubt clearing classes by expert faculties from 3p.m. to 9p.m.
- 100% monitoring on Self Study of students.
- Special scholarship for very very poor talented students.
- Special Scholarship for SC and ST students.
- Special discount for OAV & Navodaya Students

- ONE YEAR NEET COURSE STARTS ON 02ND JULY , 09TH JULY & 16TH JULY -2026
- The NEET Qualifying Test will be held on 28TH JUNE, 05TH JULY & 12TH JULY 2026
- The Exam will be conducted from 1:00 p.m. to 4:00 p.m. (Reporting Time : 12:00 noon)

### Name of the Exam Centre :
TETRAHEDRON OLD CAMPUS,TANGI, CUTTACK,MOB. : 8093064525, 8093064500, 8093064522
TETRAHEDRON COACHING, ARUNODAYA NAGAR, CUTTACK, MOB. : 8093064572, 8093064508

Visit our Website : NEET : www.tetrahedroncoaching.com

### ଏସ୍‌ଆଇଆର୍ ପ୍ରସଙ୍ଗ
# ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଲେ ୨୩ଟି ଦଳ

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରସଙ୍ଗରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଚିଠି ଲେଖଇଛନ୍ତି ୨୩ଟି ବିରୋଧୀ ଦଳ। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିବା ସହିତ କୋର୍ଟଙ୍କ ହସ୍ତକ୍ଷେପ ଦାବି କରିଥିବା ଜଣାପଡ଼ିଛି। କଂଗ୍ରେସ ମୁଖପାତ୍ର ଜୟରାମ ରମେଶ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଡିଏମକେ ଏବଂ ଆପ୍ ସହିତ ଇଣ୍ଡିଆ ମେଣ୍ଟର ୨୧ଟି ଦଳ ତରଫରୁ ଏହି ଚିଠି ଲେଖାଯାଇଛି। ଗତ ଜୁନ ୮ ତାରିଖରେ ଇଣ୍ଡିଆ ମେଣ୍ଟ ବୈଠକରେ ଏସଂପର୍କରେ ନିଷ୍ପତ୍ତି ହୋଇଥିଲା। ସେହି ବୈଠକରେ ଡିଏମକେ ଏବଂ ଆପ୍ ଯୋଗ ଦେଇନଥିଲେ ମଧ୍ୟ ସେମାନେ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଦୁଇ ଦଳ ଇଣ୍ଡିଆ ମେଣ୍ଟର ଅଂଶୀଦାର ନୁହନ୍ତି। ତାମିଲନାଡୁରେ ବିଜୟଙ୍କ ଟିଭିକେ ଦଳ ସହ କଂଗ୍ରେସ ହାତ ମିଳାଇବାରୁ ଏଥିରେ ବିରକ୍ତି ପ୍ରକାଶ କରି ଇଣ୍ଡିଆ ମେଣ୍ଟରୁ ବାହାରି ଯାଇଥିଲା ଷ୍ଟାଲିନଙ୍କ ଡିଏମକେ। ତେବେ ଏସଆଇଆର ପ୍ରସଙ୍ଗରେ ସେମାନେ ଅନ୍ୟ ଦଳ ସହିତ ଏକମତ ବୋଲି ସ୍ପଷ୍ଟ କରିଛନ୍ତି। ୨୩ଟି ରାଜନୈତିକ ଦଳ ସହିତ ସ୍ୱାଧୀନ ସାଂସଦ ତଥା ବିଶିଷ୍ଟ ଆଇନଜୀବୀ କପିଲ ଶିବଲ ମଧ୍ୟ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି।

ପତ୍ରରେ କଣ ଲେଖାଯାଇଛି, ତାହାର ବିସ୍ତୃତ ବିବରଣୀ ହସ୍ତଗତ ହୋଇନାହିଁ। ତେବେ ଏସଆଇଆର ପ୍ରକ୍ରିୟାରେ ଚାଲିଥିବା ଅନିୟମିତତା ନେଇ ସେମାନେ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥିରେ ସୁପ୍ରିମ କୋର୍ଟ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏଥିରେ ଟାର୍ଗେଟ କରାଯାଉଥିବା ପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଗତବର୍ଷ ବିହାରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସଂପନ୍ନ ହୋଇଛି। ଏଥିରେ ୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। ଗତ ଏପ୍ରିଲରେ ପଶ୍ଚିମ ବଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୨୭ ଲକ୍ଷ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରାଯାଇଥିଲା। ସେମାନଙ୍କର ଅପିଲ ଏବେ ବି ବିଭିନ୍ନ ଟ୍ରିବୁନାଲର ବିଚାରାଧୀନ ରହିଛି। ବିଚାର ପ୍ରକ୍ରିୟାକୁ ଜାଣିଶୁଣି ମନ୍ଥର କରାଯାଉଥିବା ଅଭିଯୋଗ ହୋଇଛି।

# ଉଦ୍ଧବଙ୍କୁ ପୁଣି ଝଟ୍‌କା
## ସିନ୍ଦେ ଶିବିରରେ ସଚିନ ଅହିର


ମୁମ୍ବଇ, ୩୦।୬ (ଏଜେନ୍ସି): ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)କୁ ମଙ୍ଗଳବାର ପୁଣି ଏକ ବଡ଼ ଧକ୍କା ଲାଗିଛି।



ଦଳର ବରିଷ୍ଠ ନେତା ତଥା ଆଦିତ୍ୟ ଠାକରେଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ସଚିନ ଅହିର ଆଜି ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହୋଇଛନ୍ତି। ଶାସକ ମହାୟୁତି ମେଣ୍ଟର ପ୍ରାର୍ଥୀ ଭାବେ ଏମ୍‌ଏଲ୍‌ସି ଉପାଧ୍ୟକ୍ଷ ପଦ ପାଇଁ ସେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ସୁନେତ୍ରା ପାୱାରଙ୍କ ଉପସ୍ଥିତିରେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୨୦୨୨ରେ ଶିବସେନା ବିଭାଜନ ପରେ ମଧ୍ୟ ଅହିର ଉଦ୍ଧବ ଠାକରେଙ୍କ ସହିତ ରହିଥିଲେ। ତାଙ୍କର ଏହି ହଠାତ୍ ଦଳ ପରିବର୍ତ୍ତନ ସମସ୍ତଙ୍କୁ ଚକିତ କରିଛି। ଉଦ୍ଧବ ସେନାର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଶିନ୍ଦେଙ୍କ ଦଳରେ ଯୋଗ ଦେବାର ମାତ୍ର କିଛି ଦିନ ପରେ ଏହି ଘଟଣା ଘଟିଛି। ସଚିନ ମୁମ୍ବାଇ ରାଜନୀତିର ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ। ସେ ପୂର୍ବରୁ ୱର୍ଲି ଆସନରୁ ବିଧାୟକ ରହିବା ସହ ଏନ୍‌ସିପିର ମୁମ୍ବଇ ୟୁନିଟ୍ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଅବିଭକ୍ତ ଶିବସେନାରେ ଯୋଗ ଦେଇଥିଲେ। ମୁମ୍ବାଇର ମିଲ୍ ଶ୍ରମିକମାନଙ୍କ ମଧ୍ୟରେ ଜଣେ ପ୍ରମୁଖ ନେତା ଭାବେ ତାଙ୍କର ବେଶ୍ ଜନପ୍ରିୟତା ରହିଛି। ୨୦୧୯ ଏବଂ ୨୦୨୪ ବିଧାନସଭା ନିର୍ବାଚନରେ ଆଦିତ୍ୟ ଠାକରେଙ୍କ ବିଜୟ ସୁନିଶ୍ଚିତ କରିବାରେ ସଚିନ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଉଦ୍ଧବ ଶିବିରର ବିଧାୟକ ସୁନୀଲ ରାଉତ ଏହି ଘଟଣାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଦଳ ପୂର୍ବରୁ ଅନେକ ଶକ୍ତ ଧକ୍କା ସହିଛି। ଏଥିରେ ଦଳ ଶେଷ ହୋଇଯିବ ନାହିଁ।

# ପେଟ୍ରୋକେମିକାଲ୍ସ ପ୍ଲାଣ୍ଟ ଅଗ୍ନିକାଣ୍ଡରେ ଜଣେ ମୃତ, ୩୫ ଆହତ

ହଳଦିଆ, ୩୦।୬ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବ ମେଦିନୀ ପୁରରେ ହଳଦିଆ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟରେ ମଙ୍ଗଳବାର ଭୋରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ଅତିକମରେ ୩୫ ଜଣ ଶ୍ରମିକ ଓ ସ୍ଥାନୀୟ ବାସିନ୍ଦା ଆହତ ହୋଇଛନ୍ତି। ନାଫଥା ପାଇପଲାଇନ ଫାଟିଯିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ବେଳେ ଏହା ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭୋର ପ୍ରାୟ ୪.୩୦ରେ ବଜ୍ରପାତ ହୋଇଥିଲା। ପରେ ନାଫଥା ପାଇପଲାଇନରେ ଲିକେଜ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା



ଦେଖିବାକୁ ମିଳିଥିଲା। କିଛି ସମୟ ମଧ୍ୟରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ପୁରା ପ୍ଲାଣ୍ଟ ପରିସରକୁ ନିଆଁ ବ୍ୟାପି ଯାଇଥିଲା। ଦୁର୍ଘଟଣା ସମୟରେ ଅନେକ ଲୋକ କାମକୁ ଯିବା ପାଇଁ ବାହାରକୁ ଆସିଥିବା ବେଳେ ସେମାନେ ନିଆଁର କବଳରେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ମନୁ ବିବି ନାମକ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାୟ ୩୫ ଜଣ ବ୍ୟକ୍ତି ପୋଡ଼ି ହୋଇ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ହଳଦିଆ ସବ୍-ଡିଭିଜନାଲ୍ ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବା ୫ ଜଣ ଗୁରୁତରଙ୍କୁ 'ଗ୍ରୀନ୍ କରିଡର' ମାଧ୍ୟମରେ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡ ଓ ପାଇପଲାଇନ ବିସ୍ଫୋରଣ ଯୋଗୁଁ ହଳଦିଆ ଏବଂ ଦୁର୍ଗାଚକ ମଧ୍ୟରେ ଟ୍ରେନ୍ ସେବା ବନ୍ଦ ରହିଛି। ହଳଦିଆ-ହାୱଡା ଲୋକାଲ ବାତିଲ କରାଯାଇଛି।

# ୨୨୦ ଫୁଟ୍ ବୋରୱେଲ୍‌ରେ ଖସିପଡ଼ିଲା ୪ ବର୍ଷର ଶିଶୁ

ଅମ୍ବାଲା, ୩୦।୬ (ଏଜେନ୍ସି): ହରିୟାଣାର ଅମ୍ବାଲା ଜିଲ୍ଲା ଅନ୍ତର୍ଗତ ଧନୌରା ଗ୍ରାମରେ ମଙ୍ଗଳବାର ଏକ ୪ ବର୍ଷର ଶିଶୁ ୨୨୦ ଫୁଟ୍ ଗଭୀର ଏକ ଖୋଲା ବୋରୱେଲ୍ ମଧ୍ୟକୁ ଖସି ପଡ଼ିଛି। ଏହାପରେ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶିଶୁଟିର ନାମ ନିର୍ଭୟ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬.୩୦ରେ ନିର୍ଭୟ ତାଙ୍କ ପିତା ମନଜିତ୍‌ଙ୍କ ସହିତ ସେମାନଙ୍କ ଚାଷ ଜମିକୁ ଯାଇଥିଲେ। ସେଠାରେ ନିର୍ଭୟଙ୍କ ଜେଜେବାପା କର୍ଣ୍ଣେଲ ସିଂହ କାମ କରୁଥିଲେ। ପିତା ଓ ଜେଜେବାପା କାମରେ ବ୍ୟସ୍ତ ଥିବା ସମୟରେ ନିର୍ଭୟ ପାଖରେ ଖେଳୁଥିଲେ। ଖେଳୁ ଖେଳୁ ସେ ସେଠାରେ ଥିବା ଏକ ଖୋଲା ବୋରୱେଲ୍ ନିକଟକୁ ଚାଲିଯାଇଥିଲେ ଏବଂ ସେଥିରେ ମାଟି ପକାଇବାକୁ ଚେଷ୍ଟା କରିଥିଲେ। ବୋରୱେଲ୍ ଚାରିପାଖର ମାଟି ଓଦା ଏବଂ ପିଚ୍ଛିଳ ଥିବାରୁ ନିର୍ଭୟ ଭାରସାମ୍ୟ ହରାଇ ଉକ୍ତ ୯ ଇଞ୍ଚ ଚଉଡ଼ାର ସଂକୀର୍ଣ୍ଣ ଗାତ ଭିତରକୁ ଖସି ପଡ଼ିଥିଲେ। ଶିଶୁଟି ଗାତରେ ପଡ଼ିବା ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ଉଦ୍ଧାର ପାଇଁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନକୁ ଖବର ଦିଆଯିବା ପରେ ସକାଳ ପ୍ରାୟ ୭.୩୦ ସୁଦ୍ଧା ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବର୍ତ୍ତମାନ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ଭାରତୀୟ ସେନା ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଡେପୁଟି କମିଶନର ଅଜୟ ସିଂହ ତୋମାର ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବୋରୱେଲ୍ ମାତ୍ର ୯ ଇଞ୍ଚ ଚଉଡ଼ା ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇଛି। ଏହି ଘଟଣା ପୁଣି ଥରେ ଖୋଲା ବୋରୱେଲ୍‌ର ବିପଦକୁ ସାମ୍ନାକୁ ଆଣିଛି।



# ସ୍କୁଲ ବସ୍ ଉପରେ ଗଛ ପଡ଼ି ୧୧ ବର୍ଷୀୟ ଛାତ୍ର ମୃତ

ମୁମ୍ବାଇ, ୩୦।୬ (ଏଜେନ୍ସି): ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ମଙ୍ଗଳବାର ଏକ ସ୍କୁଲ ବସ୍ ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବା ଫଳରେ ଜଣେ ୧୧ ବର୍ଷୀୟ ଛାତ୍ରଙ୍କର ମୃତ୍ୟୁ ହୋଇଛି। ଏହାସହ ଅନ୍ୟ ୫ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ଅପରାହ୍ଣ ପ୍ରାୟ ୨.୫୦ରେ ପ୍ରାୟ ୧୮ ଜଣ ପିଲାଙ୍କୁ ନେଇ ତିଲକ ନଗର ସ୍ଥିତ ୟୁନିଭର୍ସାଲ ସ୍କୁଲ ବସ୍‌ଟି ଯାତ୍ରା କରୁଥିଲା। ଏହି ସମୟରେ ହଠାତ୍ ଗଛଟି ବସ୍ ଉପରେ ପଡ଼ିଯିବା ଫଳରେ ବସ୍‌ର ଏକ ଅଂଶ ସମ୍ପୂର୍ଣ୍ଣ ଭାବେ ଚାପି ହୋଇଯାଇଥିଲା। ଫଳରେ ଛାତ୍ରଛାତ୍ରୀ ମଧ୍ୟ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକ ଏବଂ ବସ୍ କଣ୍ଡକ୍ଟରଙ୍କ ସହାୟତାରେ ପିଲାମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା। ମୃତ ଛାତ୍ରଙ୍କ ନାମ ବିହାନ ଶ୍ରୀବାସ୍ତବ ବୋଲି ଜଣାପଡ଼ିଛି। ତାଙ୍କୁ ଡାକ୍ତରଖାନା ଆଣିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଛନ୍ତି। ଆହତ ଅନ୍ୟ ୫ ଜଣ ଆହତ ଛାତ୍ରଙ୍କୁ ଚେମ୍ବୁରର ଜେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସ୍ଥିର ଥିବାବେଳେ ଜଣେ ଛାତ୍ରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି ଏବଂ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାସ୍ଥଳରେ ମୁମ୍ବାଇ ପୁଲିସ ଏବଂ ବିଏମସିର ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ। ଗଛଟିକୁ ବସ୍ ଉପରୁ ହଟାଇବା ପାଇଁ ଏକ କ୍ରେନ୍ ସହାୟତା ନିଆଯାଇଥିଲା। ଗଛଟି କେଉଁ କାରଣରୁ ଉପୁଡ଼ିଲା, ସେ ନେଇ ଅଧିକାରୀମାନେ ଅଧିକ ତଦନ୍ତ ଚଳାଇଛନ୍ତି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

### ୧୨୬ ବର୍ଷରେ ୫ମ ଶୁଖିଲା ଜୁନ୍
# ମହାବିପଦରେ ୨୨ ରାଜ୍ୟ

ନୂଆଦିଲ୍ଲୀ, ୩୦।୬: ଏଥର ନିରାଶ କଲା ଜୁନ୍ ମୌସୁମୀ। କେବଳ ନିରାଶ କରିନାହିଁ, ଭୟଙ୍କର ପରିସ୍ଥିତି ମଧ୍ୟ ସୃଷ୍ଟି କରିଛି। ବର୍ଷା ନଥିବାରୁ ମରୁଡ଼ି ପରିସ୍ଥିତି ଦେଖାଦେଲାଣି। ଏଥର ଜୁନ ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବାରୁ ଗତ ୧୨୬ ବର୍ଷରେ ସବୁଠାରୁ ପଞ୍ଚମ ଶୁଖିଲା ଜୁନ ମାସରେ ପରିଣତ ହୋଇଛି। ୧୯୦୧ ପରେ ପଞ୍ଚମ ଥର ଲାଗି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଧୋକା ଦେଇଥିବାରୁ ଦେଶର ବ୍ୟାପକ ଅଞ୍ଚଳ ଶୁଖିଲା ପଡ଼ିଛି। ଚାଷ କାମ ଆରମ୍ଭ ହୋଇପାରି ନଥିବାରୁ କୃଷି କ୍ଷେତ୍ର ପାଇଁ ମାଡ଼ି ଆସିଲାଣି ମହାବିପଦ।




- ଓଡ଼ିଶାରେ ୪୭% ନିଅଣ୍ଟିଆ ବର୍ଷା
- ଗୁଜରାଟରେ ୮୨% କମ୍

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜୁନ ମାସରେ ୧୬୫.୩ ଏମ୍‌ଏମ୍ ବର୍ଷା ହେବା କଥା। କିନ୍ତୁ ଜୁନ ୧ରୁ ୩୦ ତାରିଖ ମଧ୍ୟରେ ଏଥର ହୋଇଛି ମାତ୍ର ୯୯.୫ ଏମ୍‌ଏମ୍ ବର୍ଷା। ପୂରା ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ୨୦୦୯ ଜୁନରେ ସବୁଠାରୁ କମ୍ ବର୍ଷା (୮୭.୬ ଏମ୍‌ଏମ୍) ହୋଇଥିଲା। ୧୯୦୫ରେ ୯୧.୯ ଏମ୍‌ଏମ୍, ୨୦୧୪ରେ ୯୨.୮ ଏମ୍‌ଏମ୍ ଏବଂ ୧୯୨୬ରେ ୯୬.୭ ଏମ୍‌ଏମ୍ ବର୍ଷା ରେକର୍ଡ କରାଯାଇଥିଲା।

କେବଳ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ ଏବଂ ପଶ୍ଚିମ ବଙ୍ଗକୁ ଛାଡ଼ିଦେଲେ ଓଡ଼ିଶା ସମେତ ୨୨ଟି ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଓଡ଼ିଶାରେ ଜୁନରେ ୨୦୯.୩୦ ଏମଏମ୍ ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୧୧୦.୩ ଏମଏମ୍ ବର୍ଷା। ଅର୍ଥାତ ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ଝାଡ଼ଖଣ୍ଡରେ ୫୯%, ଉତ୍ତର ପ୍ରଦେଶରେ ୫୦% ଏବଂ ମହାରାଷ୍ଟ୍ରରେ ମଧ୍ୟ ୪୭ % ନିଅଣ୍ଟିଆ ବର୍ଷା ହୋଇଛି। ଏଥର ଗୁଜରାଟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ୮୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଏହା ପଛକୁ ରହିଛି ଛତିଶଗଡ଼। ଏଠାରେ ୬୫ ଭାଗ ନିଅଣ୍ଟିଆ ବର୍ଷା ହୋଇଛି। ବିହାର, ପଞ୍ଜାବ, ଦିଲ୍ଲୀ, ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ତେଲେଙ୍ଗାନା, କଶ୍ମୀର, ଉତ୍ତରାଖଣ୍ଡ, ହରିଆଣା, ହିମାଚଳ ପ୍ରଦେଶ, ଆସାମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ ପ୍ରଭୃତି ରାଜ୍ୟରେ ନିଅଣ୍ଟିଆ ବର୍ଷା ବେହାଲ କରିଛି। ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ନିଅଣ୍ଟିଆ ବର୍ଷା ଯୋଗୁଁ କୃଷି ଚାଷ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କେବଳ ଏତିକି ନୁହେଁ ଉତ୍ତର ଏବଂ କେନ୍ଦ୍ରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ମଧ୍ୟ ଜାରି ରହିଛି।

# ସନ୍ଦେହରେ ୪୦୦ ସୁରକ୍ଷାକର୍ମୀ

ଅଯୋଧ୍ୟା, ୩୦।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ହୋଇଥିବା ଦାନ ଅର୍ଥର ଆତ୍ମସାତ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯାଇଛି। ସଦ୍ୟତମ ସୂଚନା ଅନୁସାରେ, ଏହି ମାମଲାରେ ଏବେ ମନ୍ଦିର ପରିସରରେ ନିୟୋଜିତ ଥିବା ବେସରକାରୀ ସୁରକ୍ଷା କର୍ମୀଙ୍କ ଭୂମିକାକୁ ନେଇ ଯାଞ୍ଚ କରାଯାଉଛି। ତଦନ୍ତକାରୀ ଦଳ ବର୍ତ୍ତମାନ ପ୍ରାୟ ୪୦୦ ବେସରକାରୀ ସୁରକ୍ଷା କର୍ମୀଙ୍କ କାର୍ଯ୍ୟକଳାପ ଏବଂ ସେମାନଙ୍କର ସମ୍ଭାବ୍ୟ ସମ୍ପୃକ୍ତି ଉପରେ ନଜର ରଖିଛନ୍ତି। ପୁଲିସ ବର୍ତ୍ତମାନ ମନ୍ଦିରର ମୁଖ୍ୟ ପ୍ରବେଶ ଓ ପ୍ରସ୍ଥାନ ପଥ, ଦର୍ଶନ ମାର୍ଗ ଏବଂ ପ୍ରସାଦ ବା ଅର୍ପଣ ସାମଗ୍ରୀ ନିଆଯାଉଥିବା ରାସ୍ତାରେ ମୁତୟନ ଥିବା ସୁରକ୍ଷା କର୍ମୀଙ୍କ ଡ୍ୟୁଟି ରେକର୍ଡ ଯାଞ୍ଚ କରୁଛି। ସୁରକ୍ଷା କର୍ମୀମାନେ ନିଜ ନିର୍ଦ୍ଧାରିତ ସ୍ଥାନରେ ଠିକ୍ ଭାବେ କାର୍ଯ୍ୟ କରୁଥିଲେ କି ନାହିଁ ଏବଂ ସେମାନଙ୍କ ଉପସ୍ଥିତିରେ କୌଣସି ଅସ୍ୱାଭାବିକ କାର୍ଯ୍ୟକଳାପ ଘଟିଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ଅର୍ପଣ ସାମଗ୍ରୀ ସ୍ଥାନାନ୍ତର ସମୟରେ କୌଣସି ବ୍ୟକ୍ତିଙ୍କୁ ବିନା ଯାଞ୍ଚରେ ଛଡ଼ାଯାଇଥିଲା କି ନାହିଁ, ତାହାର ତଦନ୍ତ ଚାଲିଛି। ଯଦି କୌଣସି ସୁରକ୍ଷାକର୍ମୀ ଜାଣିଶୁଣି ନିୟମକୁ ଅଣଦେଖା କରିଥିବା କିମ୍ବା ଚୋରି କାର୍ଯ୍ୟରେ ସହାୟତା କରିଥିବାର ପ୍ରମାଣ ମିଳେ, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ରାମ ମନ୍ଦିର ଚାନ୍ଦା ଚୋରି**



# ୧୫ ହଜାର ଦରମା, କିଣିଲେ ୨୫ ଲକ୍ଷ ଟଙ୍କାର ଜମି, ୬୫ ଲକ୍ଷର ଫାର୍ମ ହାଉସ, ସ୍କର୍ପିଓ କାର

ଅଯୋଧ୍ୟା, ୩୦।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲା ଦେଶରେ ହଇଚଇ ସୃଷ୍ଟି କରିଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ଦୁର୍ନୀତି ଭକ୍ତଙ୍କ ମନରେ ଆଘାତ ଦେବା ସହ ଆକ୍ରୋଶ ସୃଷ୍ଟି କରିଛି। ଏହି ଦୁର୍ନୀତିର ତଦନ୍ତ ଚାଲିଥିବା ବେଳେ ଧିରେ ଧିରେ ଅନେକ ଗୁମର ଖୋଲିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମନ୍ଦିରରେ ଟଙ୍କା ଗଣିବା କାର୍ଯ୍ୟରେ ନିୟୋଜିତ ଥିବା ସାମାନ୍ୟ କର୍ମଚାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ମାତ୍ର ୧୨, ୦୦୦ ରୁ ୧୫, ୦୦୦ ଟଙ୍କା ମାସିକ ଦରମା ପାଉଥିବା କର୍ମଚାରୀମାନେ କିପରି କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କଲେ, ତାହା ଏବେ ତଦନ୍ତକାରୀ ସଂସ୍ଥା ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ର (୨୭) ମନ୍ଦିରର ନଗଦ ଟଙ୍କା ଗଣିବା ଦଳର ଏକ ସାଧାରଣ ସଦସ୍ୟ ଥିଲେ। ମାତ୍ର ତାଙ୍କର ଅଯୋଧ୍ୟା-ଲକ୍ଷ୍ନୌ ହାଇୱେ ନିକଟରେ ପ୍ରାୟ ୨୫ ଲକ୍ଷ ଟଙ୍କା ମୂଲ୍ୟର ଜମିରେ ଏକ ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ ହେଉଥିବା ଜଣାପଡ଼ିଛି। ମନ୍ଦିର ଟ୍ରଷ୍ଟରେ ଯୋଗ ଦେବାର ମାତ୍ର ଏକ ବର୍ଷ ମଧ୍ୟରେ ସେ ନିଜ ପତ୍ନୀଙ୍କ ନାମରେ ଏହି ଜମି କିଣିବା ସହ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଚଢ଼ଉ ସମୟରେ ଲବକୁଶଙ୍କ ପୈତୃକ ଗ୍ରାମ ମିଲ୍କିପୁରରେ ଥିବା ଘରୁ ଗୋବର ଗଦା ତଳୁ ୧୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ୨୦ ବର୍ଷୀୟ ଅନୁକଳ୍ପ ମିଶ୍ରଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଛି। ସେ ନିଜ ଗାଁ ବାହାରେ ପ୍ରାୟ ୬୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଫାର୍ମହାଉସ୍ ନିର୍ମାଣ କରିଛନ୍ତି। ଏହା ବ୍ୟତୀତ ତାଙ୍କ ପାଖରେ ୧ ଲକ୍ଷ ଟଙ୍କାର ବାଇକ୍ ଥିବା ବେଳେ ନିକଟରେ ସେ ଏକ ମହିନ୍ଦ୍ରା ସ୍କର୍ପିଓ ଗାଡ଼ି ବୁକିଂ କରିଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଉଭୟ ଲବକୁଶ ଏବଂ ଅନୁକଳ୍ପଙ୍କ ପରିବାର ବେଶ୍ କଷ୍ଟେମଷ୍ଟେ ଚଳୁଥିବା ସେମାନଙ୍କ ଚିହ୍ନା ଲୋକମାନେ କହିଛନ୍ତି। ଏପରିକି ଲବକୁଶଙ୍କ ପଡ଼ୋଶୀ କହିଛନ୍ତି ଯେ, 'ସେମାନଙ୍କ ଜୀବନଶୈଳୀରୁ, ଏହା କେବେ ଜଣାପଡ଼ିନଥିଲା ଯେ ସେମାନଙ୍କର ଏତେ ଟଙ୍କା ଅଛି'। ତେବେ ଉଭୟ ଗତ ଏକ ବର୍ଷ ମଧ୍ୟରେ ଅସ୍ୱାଭାବିକ ଭାବେ ସମ୍ପତ୍ତି ଠୁଳ କରିଛନ୍ତି।



# ସିୟାଙ୍କୁ ନେଇ ସନ୍ଦେହରେ ଥିଲେ କେତନ ଅଗ୍ରୱାଲ




ପୁଣେ, ୩୦।୬ (ଏଜେନ୍ସି): ମହାରାଷ୍ଟ୍ରର ଲୋହଗଡ଼ ଦୁର୍ଗରେ ପୁଣେ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ହତ୍ୟା ମାମଲାରେ ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, କେତନଙ୍କୁ ନିଜ ଭାବି ପତ୍ନୀ ସିୟା ଗୋୟଲଙ୍କ ଚରିତ୍ର ଉପରେ ସନ୍ଦେହ ଥିଲା ଏବଂ ସେ ସିୟାଙ୍କର ଅନ୍ୟ କାହା ସହ ପ୍ରେମ ସମ୍ପର୍କ ଥିବା ନେଇ ନିଜ ପରିବାର ସହିତ ଆଲୋଚନା ମଧ୍ୟ କରିଥିଲେ। ପୁଲିସର ସୂଚନା ଅନୁଯାୟୀ, କେତନ ଏବଂ ସିୟାଙ୍କ ମଧ୍ୟରେ ଚଳିତ ବର୍ଷ ଫେବୃଆରୀରେ ନିର୍ବନ୍ଧ ସମ୍ପନ୍ନ ହୋଇଥିଲା ଏବଂ ଆସନ୍ତା ନଭେମ୍ବରରେ ସେମାନଙ୍କର ବିବାହ ସ୍ଥିର ହୋଇଥିଲା। ତେବେ କେତନ ନିଜ ପରିବାର ସଦସ୍ୟଙ୍କୁ ସିୟାଙ୍କର ଚେତନ ଚୌଧୁରୀ ନାମକ ଜଣେ ଯୁବକଙ୍କ ସହ ନିବିଡ଼ ସମ୍ପର୍କ ରହିଛି ବୋଲି ଅବଗତ କରିଥିଲେ। ଏପରିକି କେତନ ବିବାହ ସ୍ଥିର କରିବା ପୂର୍ବରୁ ସିୟାଙ୍କର ପୃଷ୍ଠଭୂମି ଯାଞ୍ଚ କରାଯାଇଛି କି ନାହିଁ ବୋଲି ବାରମ୍ବାର ପରିବାରକୁ ପ୍ରଶ୍ନ କରିଥିଲେ। ସିୟା ଫୋନ୍‌ରେ ସବୁବେଳେ ବ୍ୟସ୍ତ ରହୁଥିବା ଏବଂ କଥାବାର୍ତ୍ତା ବେଳେ ପ୍ରାୟତଃ ଚେତନଙ୍କ ନାମ ନେଉଥିବା କଥା ମଧ୍ୟ ସେ ପରିବାରକୁ କହିଥିଲେ।

ଜୁନ୍ ୧୮ ରେ ସିୟା ଏବଂ ତାଙ୍କ ପ୍ରେମୀ ଚେତନ ମିଶି କେତନଙ୍କୁ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ହତ୍ୟା କରିଥିବା ଅଭିଯୋଗ ହୋଇଛି। କେତନ ପିତାଙ୍କ ଅଭିଯୋଗ ଅନୁଯାୟୀ, ସିୟା ପୂର୍ବରୁ ବାଲି ଯିବାର ଏକ ଯୋଜନାକୁ ମଧ୍ୟ ଜାଣିଶୁଣି ବାତିଲ କରିଥିଲେ ଏବଂ ସବୁବେଳେ ଛୋଟ ଛୋଟ କଥାରେ କେତନଙ୍କ ସହ ଝଗଡ଼ା କରୁଥିଲେ। ପୁଲିସ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛି।

କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଓକିଲ ବୋଲି ଦାବି କରୁଥିବା ଆଡଭୋକେଟ୍ ଆଶୁତୋଷ ଶ୍ରୀବାସ୍ତବ, ସିୟାଙ୍କ ଭାଇ ସାହିଲ ଗୋୟଲଙ୍କ ବିରୋଧରେ ୧୦ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଛନ୍ତି। ଏକ ସାକ୍ଷାତକାରରେ ସାହିଲ କହିଥିଲେ ଯେ, ଗୋୟଲ ପରିବାର ପକ୍ଷରୁ ଆଶୁତୋଷ ଶ୍ରୀବାସ୍ତବଙ୍କୁ ନିଯୁକ୍ତ କରାଯାଇ ନାହିଁ। ସେ ଅଭିଯୋଗ କରିଥିଲେ, ଶ୍ରୀବାସ୍ତବ ପ୍ରତାରଣା କରି ସିୟାଙ୍କଠାରୁ କେତେକ ଦଲିଲରେ ସ୍ୱାକ୍ଷର କରାଇ ନେଇଥାଇ ପାରନ୍ତି।

### ୬୫୭ କୋଟିର ବ୍ୟାଙ୍କ ଘୋଟାଲା
# ଧରାପଡ଼ିଲେ ଆଉ ଜଣେ ଆଇଏଏସ୍ ଅଧିକାରୀ

ଚଣ୍ଡିଗଡ଼, ୩୦।୬ (ଏଜେନ୍ସି): ୬୫୭ କୋଟି ଟଙ୍କାର ବ୍ୟାଙ୍କ ଘୋଟାଲାରେ ସିବିଆଇ ଆଜି ଆଇଏଏସ୍ ଅଫିସର ପ୍ରଦୀପ କୁମାରଙ୍କୁ ଗିରଫ କରିଛି। ଏହାକୁ ମିଶାଇ ତିନି ଜଣ ଆଇଏଏସ ଅଧିକାରୀଙ୍କୁ ଗିରଫ କରାଗଲାଣି। ଏହାପୂର୍ବରୁ ରାମ କୁମାର ଏବଂ ପଙ୍କଜ ଅଗ୍ରୱାଲଙ୍କୁ ଗିରଫ କରାଯାଇଥିଲା।



କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ହରିୟାଣା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏଚ୍‌ଏସ୍‌ପିସିବି)ର ତତ୍କାଳୀନ ସଦସ୍ୟ ସଚିବ ତଥା ଆଇଏଏସ୍ ଅଫିସର ପ୍ରଦୀପ କୁମାରଙ୍କୁ ଗିରଫ କରିଛି। ସିବିଆଇର ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରଦୀପ କୁମାର ଏହି ମାମଲାରେ ସିଧାସଳଖ ସଂଶ୍ଳିଷ୍ଟ ରହିଥିଲେ। ଏଚ୍‌ଏସ୍‌ପିସିବି ସଦସ୍ୟ ସଚିବ ଭାବରେ ପ୍ରଦୀପ କୁମାର ସମସ୍ତ ନିବେଶ ସମ୍ବନ୍ଧୀୟ କାର୍ଯ୍ୟ ନିଜେ ପରିଚାଳନା କରୁଥିଲେ। ସେ ନିର୍ଦ୍ଧାରିତ ସୀମାଠାରୁ ଯଥେଷ୍ଟ ଅଧିକ ଅର୍ଥ ସ୍ଥାୟୀ ଜମା (ଏଫ୍‌ଡି) କରିବା ପାଇଁ ବ୍ୟାଙ୍କକୁ ପଠାଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ, ବ୍ୟାଙ୍କରେ ଏକ ନୂତନ ଆକାଉଣ୍ଟ ଖୋଲାଯାଇ ସେଥିରେ ଟଙ୍କା ଜମା କରାଯାଇଥିଲା। ତେବେ ଏହାର କୌଣସି ସରକାରୀ ଅନୁମୋଦନ କିମ୍ବା ରେକର୍ଡ ବିଭାଗ ପାଖରେ ନଥିଲା। ତଦନ୍ତ ଅନୁଯାୟୀ, ଏଫ୍‌ଡି କରିବା ନାମରେ ଟଙ୍କା ପଠାଯାଇଥିଲେ ମଧ୍ୟ ପ୍ରକୃତରେ ବ୍ୟାଙ୍କରେ କୌଣସି ଏଫ୍‌ଡି କରାଯାଇନଥିଲା ବରଂ ଜାଲିଆତି କରି ବେଆଇନ ଭାବେ ସେହି ଆକାଉଣ୍ଟରୁ ଟଙ୍କା ଉଠାଯାଇ ସରକାରଙ୍କ ପ୍ରାୟ ୧୬୯ କୋଟି ଟଙ୍କାର କ୍ଷତି ହୋଇଛି। ତେବେ ତଦନ୍ତ ପରେ ଏଚ୍‌ଏସ୍‌ପିସିବିର ଏହି ମାମଲାଟି ଏକ ବୃହତ ବ୍ୟାଙ୍କିଙ୍ଗ୍ ଘୋଟାଲାର ଅଂଶବିଶେଷ ବୋଲି ଜଣାପଡ଼ିଛି। ଏଥିରେ ହରିୟାଣା ସରକାରଙ୍କ ୮ଟି ବିଭାଗର ପ୍ରାୟ ୫୦୪ କୋଟି ଟଙ୍କା ହେରଫେର କରାଯାଇଛି। ଜାଲ୍ ଏଫ୍‌ଡି ଏବଂ ବେଆଇନ କାରବାର ମାଧ୍ୟମରେ ଏହି ଅର୍ଥକୁ ଛଦ୍ମ କମ୍ପାନୀଗୁଡ଼ିକ ମାଧ୍ୟମରେ ଅନ୍ୟତ୍ର ପଠାଯାଇଥିଲା।

ପ୍ରଦୀପ କୁମାର ଦୀର୍ଘ ଦିନ ଧରି ତଦନ୍ତରୁ ବର୍ତ୍ତିବା ପାଇଁ ଫେରାର ଥିଲେ। ଶେଷରେ ସିବିଆଇ ହାତରେ ଧରାପଡ଼ିଛନ୍ତି। ପୂର୍ବରୁ ହରିୟାଣା ରାଜ୍ୟ ଭିଜିଲାନ୍ସ ବ୍ୟୁରୋ ଏହି ମାମଲାର ତଦନ୍ତ କରୁଥିଲା। ପରେ ସିବିଆଇକୁ ତଦନ୍ତ ଭାର ପ୍ରଦାନ କରାଯାଇଥିଲା। ସିବିଆଇ ଏପର୍ଯ୍ୟନ୍ତ ଏହି ମାମଲାରେ ୧୭ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିସାରିଛି। ସେଥିରେ ୬ ଜଣ ଆଇଡିଏଫ୍‌ସି ଫାଷ୍ଟ ଓ ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଅଧିକାରୀ, ୩ ସରକାରୀ କର୍ମଚାରୀ, ୨ ବେସରକାରୀ ସଂସ୍ଥା ଏବଂ ୬ ଜଣ ବ୍ୟକ୍ତି ସାମିଲ ଅଛନ୍ତି। ଏହା ବ୍ୟତୀତ ଚଣ୍ଡିଗଡ଼ ସ୍ମାର୍ଟ ସିଟି ଏବଂ ସିଆର୍‌ଇଏସ୍‌ଟି ବିଭାଗ ସହ ଜଡ଼ିତ ଅନ୍ୟ ୨ଟି ମାମଲାରେ ମଧ୍ୟ ତଦନ୍ତ ଜାରି ରହିଛି। ଏହି ମାମଲାଗୁଡ଼ିକରେ ମଧ୍ୟ ବହୁ ବ୍ୟାଙ୍କ ଅଧିକାରୀ ଏବଂ ଜଣେ ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀଙ୍କୁ ଗିରଫ କରାଯାଇଛି।

# ଆମ ପାଣି ବନ୍ଦ କଲେ ହାତ କାଟି ଦେବୁ: ପାକ୍ ଧମକ

ଇସଲାମାବାଦ, ୩୦।୬ (ଏଜେନ୍ସି): ସିନ୍ଧୁ ଜଳ ବଣ୍ଟନକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଲାଗି ରହିଛି। ଏନେଇ ପାକିସ୍ତାନ ଭାରତକୁ ବାରମ୍ବାର ଧମକ ଦେଇଆସିଛି। ଏହି ପରିପ୍ରେକ୍ଷୀରେ ଆଜି ପୁଣି ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ ମଲିକ ଭାରତକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ପାକିସ୍ତାନର ଜଳ ଯୋଗାଣକୁ ରୋକିଲେ, ଇସଲାମାବାଦ ସେମାନଙ୍କ 'ହାତ କାଟି ଦେବ'। ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାରଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମଲିକ ଅଭିଯୋଗ କରିଛନ୍ତି ଯେ ଭାରତ ପାକିସ୍ତାନର ଜଳ ଯୋଗାଣକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି।



ଏସୀୟ କ୍ରୀଡ଼ାରେ ହରମନ୍‌ପ୍ରୀତଙ୍କୁ ନେତୃତ୍ୱ

▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଆସୁଛି ଯୋଡ଼ା ଲଘୁଚାପ

# ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

■ ଭୁବନେଶ୍ୱର, ୩୦।୬ (ସମିସ): କମ୍ ବର୍ଷାକୁ ନେଇ ସାରା ରାଜ୍ୟରେ ଚାଷବାସ ପଛେଇଥିବା ସମୟରେ ଆଗପଛ ହୋଇ ଆସୁଛି ଦୁଇଟି ଲଘୁଚାପ। ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ୨ ତାରିଖଠାରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ବର୍ତ୍ତମାନ ଉପର ବାୟୁମଣ୍ଡଳୀୟ ଏକ ଘୂର୍ଣ୍ଣିବଳୟ ରହିଛି। ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସମୁଦ୍ର ପତ୍ତନରୁ ପ୍ରାୟ ୧.୫ରୁ ୫.୮ କି.ମି. ଉଚ୍ଚତା ମଧ୍ୟରେ ଏହା ରହିଛି। ଯାହାର ପ୍ରଭାବରେ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ମୌସୁମୀକୁ ସକ୍ରିୟ କରିବ ଓ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବ।

ଏହାପରେ ଜୁଲାଇ ୯ ତାରିଖରେ ମଧ୍ୟ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ଜୁଲାଇ ଅଧା ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷାର ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ର କହିଛି ଯେ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଆଦିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସାଙ୍ଗକୁ ଝିପି ଝିପି ବର୍ଷା ହୋଇଛି। ଏଥିପାଇଁ ଗଲା କିଛି ଦିନ ହେବ ଲାଗି ରହିଥିବା ଗରମ ଗଳୁଗୁଳି ସ୍ଥିତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।



## ବାଲିଅନ୍ତା ପରେ ବାଣପୁର

# ଭିଡ଼ହିଂସା ଅଣାୟତ୍ତ

## ରହସ୍ୟ ଖୋଲିଦେଲା ଭାଇରାଲ ଭିଡିଓ ■ ସନ୍ଦେହରେ ପୁଲିସର ଭୂମିକା

■ ଖୋର୍ଦ୍ଧା/ବାଣପୁର, ୩୦।୬ (ସମିସ): ବେଳକୁ ବେଳ ବିପର୍ଯ୍ୟସ୍ତ ହେଉଛି ରାଜ୍ୟରେ ଆଇନଶୃଙ୍ଖଳା। ଅରାଜକତା ବଢ଼ି ଚାଲିଛି, ଭିଡ଼କୁ ପୁଲିସ ନିୟନ୍ତ୍ରଣ କରିପାରୁ ନାହିଁ। ଅପରାଧୀ ଆଇନକୁ ଭୟ କରୁନାହାନ୍ତି। ପରିଣତି ସ୍ୱରୂପ ଗୋଟିଏ ପରେ ଗୋଟିଏ ଅଘଟଣ ଘଟୁଛି। ଲୋକମାନେ ଆଇନକୁ ହାତକୁ ନେଇ ଅପରାଧ ଘଟାଇ ଚାଲିଛନ୍ତି। ବାଲିଅନ୍ତା, ରାୟଗଡ଼ା ଘଟଣା ପରେ ବାଣପୁରରେ ଘଟିଛି ଆଉ ଏକ ଭିଡ଼ ହିଂସା। ଲୋକଙ୍କ ନିସ୍ତୁକ ମାଡ଼ରେ ତୋଫାନ ନାୟକ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ପ୍ରାଣ



ହରାଇଛନ୍ତି। ଗାଁ ଲୋକଙ୍କ ମାଡ଼ରେ ଗୁରୁତର ଆହତ ତୋଫାନ ନାୟକକୁ ପୁଲିସ ଡାକ୍ତରଖାନାକୁ ନେବା ପରିବର୍ତ୍ତେ ଥାନାକୁ ଆଣି ଥାର୍ଡ ଡିଗ୍ରୀ ଦେଇଥିବା ଅଭିଯୋଗ ହୋଇଛି। ତୋଫାନ ବିରୋଧରେ କେହି ଅଭିଯୋଗ ନ କରିବାରୁ ବିଳମ୍ବିତ ସନ୍ଧ୍ୟାରେ ପରିବାର ଲୋକଙ୍କୁ ଡାକି ତାକୁ ହସ୍ତାନ୍ତର କରିବା ଓ ପରଦିନ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ

**ଖୁଣ୍ଟରେ ବାନ୍ଧି ତୋଫାନକୁ ପିଟିଥିଲେ ଗ୍ରାମବାସୀ**

**ଥାନାରେ ପୁଲିସ ଦେଇଥିଲା ନିର୍ଯାତନା**

ଘଟିବା ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି କରିଛି।

ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମ ବାଘୁଆପଦର ସାହିର ତୋଫାନ ରବିବାର ଅପରାହ୍ଣ ରେ ନିକଟସ୍ଥ ଖଣତ ଗ୍ରାମକୁ ଯାଇଥିବା ବେଳେ ଚୋର ସନ୍ଦେହ କରି ଗ୍ରାମର କେତେକ ଲୋକ ତୋଫାନକୁ ଗାଁ ଦାଣ୍ଡ ବିଜୁଳି ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ। ସୂଚନା ପାଇ ବାଣପୁର ପୁଲିସ ତୋଫାନକୁ ଉଦ୍ଧାର କରି ଥାନାକୁ ଆଣିଥିଲେ ଓ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ନ ହେବାରୁ ରାତି ପ୍ରାୟ ସାଢେ ୮ଟା ରେ ପୁଲିସ ପରିବାର ଲୋକଙ୍କୁ ଡାକି ଜିମାନାମା ଲେଖାଇ ତୋଫାନକୁ ଛାଡ଼ିଥିଲେ ବୋଲି ଗତକାଲି ଏସ୍‌ପି ଗଣମାଧ୍ୟମକୁ କହିଥିଲେ। ମାତ୍ର ରବିବାର ବିଳମ୍ବିତ ରାତିରେ ତୋଫାନ ▸ପୃଷ୍ଠା-୭

## ପିଲାଙ୍କ ପଢ଼ାବହିରେ ତ୍ରୁଟି

# କିଏ ନେବ ଉତ୍ତରଦାୟିତ୍ୱ: ନବୀନ

■ ଭୁବନେଶ୍ୱର, ୩୦।୬ (ସମିସ): ରାଜ୍ୟରେ ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟିକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଜାତୀୟ ଗଣମାଧ୍ୟମରେ ଓଡ଼ିଶାରେ ପିଲାଙ୍କ ବହିରେ ତ୍ରୁଟି ଡ଼ିବିଡ଼ିବି ହୋଇ ବାଜୁଛି। ତ୍ରୁଟିଯୁକ୍ତ ବହି ପିଲାଙ୍କ ଭବିଷ୍ୟତକୁ ନଷ୍ଟ କରିବ ବୋଲି ଅଭିଭାବକମାନେ କ୍ଷୋଭ ପ୍ରକାଶ କରିବା ନୂତନ ସଂଶୋଧିତ ବହି ପ୍ରଦାନ କରିବାକୁ ଦାବି କରିଛନ୍ତି। ବହି ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ଗୋଟିଏ କଥା କହୁଥିବା ସମୟରେ ଗଣଶିକ୍ଷାମନ୍ତ୍ରୀ ଭିନ୍ନ କଥା କହୁଛନ୍ତି। ଯାହାକୁ ନେଇ କ୍ଷୋଭ ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତ୍ରୁଟିପୂର୍ଣ୍ଣ ପୁସ୍ତକ ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ଉଲ୍ଲେଖ



**ସତ୍ୟ ଓ ତଥ୍ୟ ସହ ଶିଶୁକୁ ପରିଚିତ କରିବାର ମାଧ୍ୟମ ସ୍କୁଲ ବହି**

**ତ୍ରୁଟିପୂର୍ଣ୍ଣ ବହି ପିଲାଙ୍କ ଭବିଷ୍ୟତ ମୂଳଦୁଆ ଉପରେ ଆଘାତ ଦେଇଛି**

**କୋମଳମତି ପିଲାମାନଙ୍କ ବିଶ୍ୱାସ ଭାଙ୍ଗିବାକୁ ଉଦ୍ୟମ ହୋଇଛି**

କରି ଏହାର ଉତ୍ତରଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ କରିଛନ୍ତି।

ସାମାଜିକ ଗଣଣାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବିଦ୍ୟାଳୟର ପୁସ୍ତକ କେବଳ ବହି ନୁହେଁ, ପ୍ରତ୍ୟେକ ଶିଶୁ ପାଇଁ ଏହା ହେଉଛି ସତ୍ୟ ଓ ତଥ୍ୟ ସହ ପରିଚିତ ହେବାର ପ୍ରଥମ ମାଧ୍ୟମ। ଶିଶୁଟିଏ ଅନେକ କଥାକୁ ପ୍ରଶ୍ନ କରିପାରେ, କିନ୍ତୁ ସ୍କୁଲ ପାଠ୍ୟପୁସ୍ତକରେ ଛପା ହୋଇଥିବା ଶବ୍ଦକୁ କେବେ ସନ୍ଦେହ କରେ ନାହିଁ। ପାଠ୍ୟପୁସ୍ତକ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ଆସ୍ଥା ରହିଥାଏ। ସ୍କୁଲ ପାଠ୍ୟପୁସ୍ତକରୁ ଗୋଟିଏ ପିଢ଼ି କେବଳ ତଥ୍ୟ ଶିଖେ ନାହିଁ, ବରଂ ବ୍ୟବସ୍ଥା ଓ ସମାଜ ପ୍ରତି ବିଶ୍ୱାସ ଏବଂ ଆସ୍ଥା ଗଢ଼ି ଉଠେ। ହେଲେ ଏବେ ସେହି ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି। କ୍ଷତି କେବଳ ମୁଦ୍ରଣ ତ୍ରୁଟିରେ ସୀମିତ ରହି ନାହିଁ; ଏହା ଆମ ପିଲାମାନଙ୍କ ଭବିଷ୍ୟତର ▸ପୃଷ୍ଠା-୭

## ରାମ ମନ୍ଦିର ଚାନ୍ଦା ଚୋରି

# ବଢ଼ିଲା ଚମ୍ପତ ରାୟଙ୍କ ଅଡୁଆ

■ ଅଯୋଧ୍ୟା, ୩୦।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରକୁ ମିଳିଥିବା ଦାନ ଅର୍ଥର ବ୍ୟାପକ ଚୋରି ଏବଂ ହେରଫେର ଅଭିଯୋଗକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ମାମଲାରେ ୮ ଜଣ ଟ୍ରଷ୍ଟ କର୍ମଚାରୀ ଗିରଫ ହୋଇଥିବା ବେଳେ ଟ୍ରଷ୍ଟ ସମ୍ପାଦକ ଚମ୍ପତ ରାୟଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଦାନ ବାକ୍ସରୁ ।।ଚୋରି ସଂପର୍କରେ ସେ ଆଗରୁ ଜାଣିଥିଲେ, କିନ୍ତୁ କାର୍ଯ୍ୟାନୁଷ୍ଠାନ



**ଦୀର୍ଘ ସମୟ ଧରି ଜେରା କଲା ପୁଲିସ**

**ଚମ୍ପତଙ୍କଠାରୁ ଦୂରେଇଲା ବିଶ୍ୱ ହିନ୍ଦୁ ପରିଷଦ**

ଗ୍ରହଣ କରୁନଥିଲେ ବୋଲି କୁହାଯାଉଛି। ଏହି ଘଟଣାରେ ତାଙ୍କର ଭୂମିକା ସନ୍ଦେହ ଘେରରେ ଥିବାରୁ ସେ ସଂପାଦକ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ଆଜି ପୁଲିସ ଅଧିକାରୀ ତାଙ୍କ ଘରକୁ ଯାଇ ଦୀର୍ଘ ସମୟ ପଚରାଉଚରା କରିଛନ୍ତି। ଅଯୋଧ୍ୟା ସର୍କଲ ଅଧିକାରୀ ଆଶୁତୋଷ ତିୱାରୀ ତାଙ୍କୁ ଏସଂପର୍କରେ ଅନେକ ପ୍ରଶ୍ନ କରିଥିବା ଏବଂ ଚମ୍ପତଙ୍କ ଠାରୁ ସେ ଗୁରୁତ୍ୱପୂର୍ଣ୍ଣ ସୁରାକ ହାସଲ କରିଥିବା ଜଣାପଡ଼ିଛି। ▸ପୃଷ୍ଠା-୭

## କୋଳଥିଆ ଡବଲ୍ ମର୍ଡର୍ ପଛରେ ୨ ନାବାଳକ

# ପୁଅ ପରେ ଆଖି ବୁଜିଲେ ବାପା

■ ଭୁବନେଶ୍ୱର, ୩୦।୬ (ସମିସ): ରବିବାର ରାତିରେ କୋଳଥିଆ ଠାରେ ଘଟିଥିବା ହତ୍ୟାକାଣ୍ଡରେ ମୃତ୍ୟୁ ସଂଖ୍ୟା ଦୁଇରେ ପହଞ୍ଚିଛି। ଗତକାଲି ସକାଳେ ପୁଅ କୃଷ୍ଣଚନ୍ଦ୍ର ପାଢ଼ୀ ପ୍ରାଣ ହରାଇଥିବା ବେଳେ ଆଜି ସକାଳୁ ବାପା ହିମାଂଶୁ ସାହୁ ଆଖି ବୁଜିଛନ୍ତି। ଘଟଣାରେ ସମ୍ପୃକ୍ତ ଦୁଇ ନାବାଳକକୁ ପୁଲିସ ଗିରଫ କରି ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରାଇଛି। ନାବାଳକ ହାପି (ଛଦ୍ମନାମ) ଦଶମ ଶ୍ରେଣୀରେ ପଢୁଥିବା ବେଳେ ବାପି (ଛଦ୍ମନାମ) ଯୁକ୍ତ ଦୁଇର ଛାତ୍ର। ତ୍ରିକୋଣୀୟ ପ୍ରେମରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପୁଲିସ ସୂଚନାନୁସାରେ, ସୋରଡ଼ାର ହିମାଂଶୁ ପାଢ଼ୀ, ତାଙ୍କ ପୁଅ କୃଷ୍ଣ ଓ ଝିଅ ତାପସୀ ସହ କୋଳଥିଆ ଛକରେ ରହୁଥିବା ବେଳେ ପାଖ ଫ୍ଲାଟରେ ଦୁଇ ନାବାଳକ ହାପି ଓ ବାପି ସେମାନଙ୍କ ପରିବାର ସହ ରହୁଥିଲେ। କିନ୍ତୁ କିଛିମାସ ବାପି ଓ ହାପିର ପରିବାର ଅନ୍ୟ ଏକ ଘରକୁ ସ୍ଥାନାନ୍ତର ହୋଇ ଯାଇଥିଲେ। ହାପିର ଭଉଣୀ ଓ ମୃତକ କୃଷ୍ଣ ଗୋଟିଏ କୋଚିଂ ସେଣ୍ଟରରେ ପଢୁଥିଲେ। କୃଷ୍ଣ କିଛି ମାସ ପୂର୍ବରୁ ହାପିର ଭଉଣୀକୁ ମେସେଜ ଓ କଲ୍ କରିବା ସହ ପିଛା କରିଥିଲେ। ଏହାକୁ ନେଇ ହାପି ମନରେ କୃଷ୍ଣ ପ୍ରତି ରାଗ ରହିଥିଲା। ତେବେ ସେହି କୋଚିଂ ସେଣ୍ଟରରେ ପଢୁଥିବା ଅନ୍ୟ ଜଣେ ଯୁବତୀଙ୍କୁ ହାପି ଭଉଣୀ କରିଥିବା ବେଳେ ବାପି ତାଙ୍କୁ ପ୍ରେମ କରୁଥିଲା। ନିକଟରେ କୃଷ୍ଣ ସମ୍ପୃକ୍ତ ଯୁବତୀଙ୍କୁ ମେସେଜ ଓ କଲ୍ ମାଧ୍ୟମରେ ପ୍ରେମ ନିବେଦନ କରିଥିଲେ ମଧ୍ୟ ଯୁବତୀ ▸ପୃଷ୍ଠା-୭

## ନାବାଳିକା ଭାଣିଜୀକୁ ନିଆଁରେ ପୋଡ଼ି ହତ୍ୟା

# ମାମୁଙ୍କୁ ଫାଶୀଦଣ୍ଡ

■ ବ୍ରହ୍ମପୁର, ୩୦।୬ (ସମିସ): ନାବାଳିକା ଭାଣିଜିକୁ କିରାସିନି ଢାଳି ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଗତକାଲି ଏହି ମାମଲାର ବିଚାରଣା ଶେଷ ପରେ ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ। ଆଜି ମାମଲାରେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ମାମୁକୁ ଦଣ୍ଡବିଧାନ କରାଯାଇଛି। ନାବାଳିକା ଭାଣିଜି ଗାୟତ୍ରୀ ପାତ୍ର(୧୩)କୁ କିରୋସିନି ଢାଳି ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ମାମୁ ଶୁପ୍ରିନ ଦିଗାଲକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି କୋର୍ଟ। ଦଣ୍ଡାଦେଶ ବେଳେ ବ୍ରହ୍ମପୁର ଜେଲରେ ଥିବା ଅଭିଯୁକ୍ତ ଶୁପ୍ରିନ ଦିଗାଲକୁ କୋର୍ଟରେ ହାଜର କରାଯାଇଥିଲା। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟର ବିଚାରପତି ରୋହିତ ଲାଲ ପଣ୍ଡାଙ୍କ କୋର୍ଟରେ ଏହି ଦଣ୍ଡାଦେଶ ହୋଇଛି। ପ୍ରକାଶଯୋଗ୍ୟ ଯେ' ଗତ ▸ପୃଷ୍ଠା-୭


## ୩ ମାସ ଭତ୍ତା ବନ୍ଦ ପରେ ଏବେ କେୱାଇସି କଷଣ

# ଆଧାର ସଂଯୋଗ ନ ହେଲେ ମିଳିବନି ଭତ୍ତା

■ ଭୁବନେଶ୍ୱର, ୩୦।୬ (ସମିସ): ନିର୍ବାଚନ ପୂର୍ବରୁ ନିଜର ସଙ୍କଳ୍ପ ପତ୍ରରେ ରାଜ୍ୟରେ ବୟସ୍କ, ବିଧବା, ଦିବ୍ୟାଙ୍ଗ ଓ ନିରାଶ୍ରୟ ଆଦିଙ୍କ ମାସିକ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ବିଜେପି କହିଥିଲା। ମାତ୍ର ରାଜ୍ୟରେ ବିଜେପି ସରକାର ଗଠନକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇପାରି ନାହିଁ। ବର୍ଦ୍ଧିତ ଭତ୍ତା ତ ଦୂରର କଥା, ପୂର୍ବ ସରକାର ସମୟରେ ଯେଉଁ ହିତାଧିକାରୀମାନେ ମାସକୁ ମାସ ଭତ୍ତା ପାଉଥିଲେ ସେମାନଙ୍କୁ ନିୟମିତ ଭତ୍ତା ମିଳୁନାହିଁ। ଗତ ୩ ମାସ ହେବ ରାଜ୍ୟରେ ଭତ୍ତା ପ୍ରଦାନକୁ ନେଇ ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଥିବା ବେଳେ ଏବେ ୩ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ମୁଣ୍ଡରେ ପଡ଼ିଛି କେୱାଇସି ଚଡ଼କ। ଆଧାର ସଂଯୋଗ ନ ହେଲେ ସେମାନଙ୍କୁ ଆଉ ଭତ୍ତା ମିଳିବ ନାହିଁ ବୋଲି ପରୋକ୍ଷରେ ସୂଚାଇ ଦିଆଯାଇଛି।

**୨ ବର୍ଷ ପରେ ବି ୩ ହଜାର ଭତ୍ତା ଅପେକ୍ଷାରେ ହିତାଧିକାରୀ**

ବିଜେପିର ୨୦୨୪ ନିର୍ବାଚନୀ ସଙ୍କଳ୍ପ ପତ୍ରରେ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ୬୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥଲେ। ୮୦ ବର୍ଷ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଅକ୍ଷମତା ବିଶିଷ୍ଟ ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରତିଶ୍ରୁତି ମିଳିଥିଲା। ସରକାର ଗଠନ ପରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦% ଦିବ୍ୟାଙ୍ଗଙ୍କୁ ପ୍ରତିଶ୍ରୁତି ମୁତାବକ ଭତ୍ତା ମିଳୁଥିବାବେଳେ ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ମିଳିନାହିଁ। ପୂର୍ବରୁ ଯେଉଁ ହିତାଧିକାରୀମାନେ ୧୦୦୦ ଟଙ୍କା ଭତ୍ତା ପାଉଥିଲେ, ସେମାନଙ୍କୁ ମଧ୍ୟ ତାହା ନିୟମିତ ମିଳୁନାହିଁ। ଗତ କିଛି ମାସ ଧରି ରାଜ୍ୟର ପ୍ରାୟ ୧୮ ଲକ୍ଷରୁ ଅଧିକ ହିତାଧିକାରୀ ଭତ୍ତା ନ ପାଇବା ପ୍ରସଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ▸ପୃଷ୍ଠା-୭




ମଙ୍ଗଳବାର ନବୀନ ନିବାସରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଉଭୟ ନିର୍ବାଚନ ମଣ୍ଡଳୀର ଶହଶହ ନେତା ଓ କର୍ମୀ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଏହି ଅବସରରେ ସେମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ସାଂଗଠନିକ ବିଷୟ ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି ।

### ନୂତନ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି ବିରୋଧରେ ଗର୍ଜିଲା ଛାତ୍ର ଓ ଯୁବ ବିଜେଡି

# ମନ୍ତ୍ରୀଙ୍କ ଇସ୍ତଫା ଓ ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର,୩୦।୬(ସମିସ): ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ବିଜେପି ସରକାର ଖେଳିବାରେ ଲାଗିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି ରହିଛି । ଏହାର ପ୍ରତିବାଦରେ ମଙ୍ଗଳବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଭୁବନେଶ୍ୱର ସ୍ଥିତ ବାସଭବନ ଘେରାଉ ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ।

ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁଙ୍କ ନେତୃତ୍ୱରେ ଏଲ୍ଆଇସି ଅଫିସ୍ ନିକଟରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ହଜାର ହଜାର ଛାତ୍ର ଓ ଯୁବ କର୍ମୀ ଯୋଗ ଦେଇ ପ୍ରତିବାଦ କରିଥିଲେ । ରାଜ୍ୟ ସରକାରଙ୍କ ଶିକ୍ଷା ନୀତି ଓ ପାଠ୍ୟପୁସ୍ତକ ବିବାଦରେ ମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଓ ତଦନ୍ତ ନେଇ ନାରାବାଜି କରିବା ସହ ପ୍ରତୀକାତ୍ମକ ଭାବରେ ସଂଶୋଧନ ଯଜ୍ଞ କରିଥିଲେ । ଏହି ପାଠ୍ୟ ପୁସ୍ତକ ଗୁଡ଼ିକ ମୁଦ୍ରଣ ଓ ପ୍ରକାଶନ ପ୍ରକ୍ରିୟାରେ ପ୍ରାୟ ୩୮୦ କୋଟି ଟଙ୍କାର ଗୁରୁତର ଅନିୟମିତତା ଓ ଦୁର୍ନୀତି ଘଟିଛି । ସମଗ୍ର ଘଟଣାର ସତ୍ୟାସତ୍ୟ ଉନ୍ମୋଚନ, ଦୋଷୀ ମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ସିବିଆଇ ତଦନ୍ତ ପାଇଁ ଯୁବ ଓ ଛାତ୍ରକର୍ମୀମାନେ ଦାବି କରିଛନ୍ତି । ବିକ୍ଷୋଭରେ ରାଜେନ୍ଦ୍ର ସାହୁ, ଡ. ପ୍ରିୟବ୍ରତ ମାଝୀ, ସୋଫିଆ ଆଲମ, ଅମରଜିତ ସେନାପତି, ଶୁଭ୍ରଜିତ ପାଢ଼ୀ, ଆଶିଷ ସାହୁ, ସତ୍ୟଜିତ ପଟ୍ଟନାୟକ, ନୀଳମାଧବ ମହାନ୍ତି, ସୌମ୍ୟ ରଞ୍ଜନ ତ୍ରିପାଠୀ, ସଞ୍ଜିତ ମହାନ୍ତି, ଅନନ୍ତ ଶତପଥୀ, ଶ୍ରୀଚନ୍ଦନ ପାତ୍ର, ସ୍ମୃତି ରଞ୍ଜନ ପଟ୍ଟନାୟକ, ସୁକାନ୍ତ ନାୟକ, ଅରୂପ ଶ୍ରୀଚନ୍ଦନ, ମନୋଜ ସେନାପତି, ପ୍ରଦୋଷ ପରିଡ଼ା, ବାବୁ ଖାନ, ଚିନ୍ମୟ ଦାସ, ଏସ୍.କେ. ନୱାଜ, ସାଗର ବଳବନ୍ତରାୟ, ବିଜୟଲକ୍ଷ୍ମୀ ଦାସ, ସ୍ନେହାଶିଷ ଜେନା, ତବ୍ରେଜ ଖାନ, ଫାତିମା ଖାତୁନ, ଦୀପକ ବେହେରା, ମନୋରଞ୍ଜନ ସ୍ୱାଇଁ, ବିଜୟ କେତନ ସାହୁ, ବିକ୍ରମ ପଟ୍ଟନାୟକ, ସୌମ୍ୟ ସାର୍ଥକ ରାୟ, ଆଫତାବ ଆଲମ ଖାନ, ସୋନାଲି ପ୍ରିୟଦର୍ଶିନୀ, ଚିନ୍ମୟୀ ପଣ୍ଡା, ସୁଚିସ୍ମିତା ବେହେରା, ପଥ୍ୱୀରାଜ ପଣ୍ଡା, ଅଭ୍ୟକ୍ତ ହରିହର ଖଡଙ୍ଗା, ସତ୍ୟ ପ୍ରକାଶ ସାହୁ, ପ୍ରଫୁଲ୍ଲ ନାୟକ, ମନୋଜ ମହାନ୍ତି, ପ୍ରଦୀପ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ଭୂଇଁଆ, ଜଗମୋହନ ବଳିଆରସିଂହ, ଜ୍ଞାନରଞ୍ଜନ ମାନସିଂହ, ସ୍ୱଦେଶ ସିଂହ, ଶ୍ରୀଚନ୍ଦନ ପାତ୍ର, ରଶ୍ମି ବେହେରା, ସମ୍ମିମ ଅକତର, ଦିବ୍ୟ ସିଂହ ସେଠୀ, ଦିପ୍ତେନ୍ଦୁ ଚୌଧୁରୀ, ଶୁଭମ ଖଟୁଆ ଓ ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।




### ଏକତରଫା ପ୍ରେମ ପାଇଁ ବିବାହିତ ଯୁବକର ଉନ୍ମତ୍ତ କାଣ୍ଡ

## ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ

ଭଦ୍ରକ/ଧୂଷୁରୀ/ଅସୁରାଳି, ୩୦।୬ (ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଫତେପୁର ପଞ୍ଚାୟତର ଫତେପୁର ଗାଁର ଜଣେ ୩୩ ବର୍ଷୀୟ ବିବାହିତ ଯୁବକ ନିକଟସ୍ଥ ଗାଁର ଜଣେ ଦଶମ ଶ୍ରେଣୀର ୧୫ ବର୍ଷୀୟା ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି । ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ କରୁଥିବା ଉଦ୍ୟମ ପଣ୍ଡ ହୋଇଛି । ସ୍ଥାନୀୟ ଲୋକେ ସେହି ଯୁବକକୁ ଧରି ଅଟକ ରଖିଥିବା ବେଳେ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଆଣି ଅଟକ ରଖିଥିଲେ ।



ସୂଚନାଯୋଗ୍ୟ, ଫତେପୁର ପଞ୍ଚାୟତ ଧର୍ମାଗତପୁର ଗାଁର ନିରଞ୍ଜନ ଜେନାଙ୍କ ପୁଅ ଦିଲ୍ଲୀପ ଜେନା (୩୨) ଦୀର୍ଘଦିନ ଧରି ଉକ୍ତ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ । ଛାତ୍ରୀ ଏଥିରେ ରାଜି ନ ହେବାରୁ ମଙ୍ଗଳବାର ପୂର୍ବାହ୍ଣରେ ସେ ସ୍କୁଲକୁ ଯାଉଥିବାବେଳେ ଲେଞ୍ଜିରା ଛକ ନିକଟରେ ତାଙ୍କୁ ଅଟକାଇ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସି ଅଭିଯୁକ୍ତଙ୍କୁ କାବୁ କରି ଧୂଷୁରୀ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଥିବା କୁହାଯାଉଛି । ଘଟଣା ପରେ ପୀଡ଼ିତାଙ୍କ ପକ୍ଷରୁ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି । ପୁଲିସ ଘଟଣାରେ ଏକ ମାମଲା(ନଂ-୨୮୮/୨୬) ରୁଜୁ କରି ଘଟଣାର ତଦନ୍ତ କରି ଘଟଣାରେ ବ୍ୟବହୃତ ପେଟ୍ରୋଲ ବୋତଲ, ଏକ ବିଷ ବୋତଲ ଜବତ କରି ଅଭିଯୁକ୍ତ ଦିଲ୍ଲୀପକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି । ଏହି ଘଟଣାରେ ଦିଲ୍ଲୀପଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

### ■ ଏସ୍ସିବି ଅଗ୍ନିକାଣ୍ଡ ଘଟଣା

## ଟ୍ରମା କେୟାର୍‌ରେ ବିଚାର ବିଭାଗୀୟ ତଦନ୍ତ

କଟକ,୩୦।୬(ସମିସ): ଏସ୍ସିବି ଅଗ୍ନିକାଣ୍ଡ ଘଟଣାରେ ଆଜି ପୁଣି ବିଚାର ବିଭାଗୀୟ ଟିମ୍ ଏସସିବିରେ ପହଞ୍ଚିଥିଲା । ଏହି ୭ ଜଣିଆ ଟିମ୍ ଏସସିବିରେ ପହଞ୍ଚି ଅଗ୍ନିକାଣ୍ଡ ଘଟିଥିବା ଟ୍ରମା ଆଇସିୟୁର ସ୍ଥିତି ଅନୁଧ୍ୟାନ କରିଥିଲେ । କେଉଁ ପରିସ୍ଥିତିରେ ଅଗ୍ନିକାଣ୍ଡ ଘଟିଲା, ଏହାର କାରଣ ଟିମ୍ ଖୋଜୁଛି । ଏକ ବିଶେଷଜ୍ଞ ଦଳ ଏହି ଟିମରେ ସାମିଲ ହୋଇଥିଲା । ସୂଚନା ଅନୁଯାୟୀ, ମାର୍ଚ୍ଚ ୧୬ ତାରିଖରେ ଏସସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିଲା । ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟି ପ୍ରଥମ ଥର ଏପ୍ରିଲ ୧୩ରେ ଏସସିବି ଗସ୍ତରେ ଆସିଥିଲେ । ଡାକ୍ତରଙ୍କଠାରୁ ଆରମ୍ଭ କରି ଗ୍ରୁପ ଡି କର୍ମଚାରୀଙ୍କ ପର୍ଯ୍ୟନ୍ତ ପାଖାପାଖି ୩୫ ଜଣଙ୍କୁ ପ୍ରଥମ ଦଫାରେ ପଚରାଉଚରା କରାଯାଇଥିବା ବେଳେ ପୁଣି ଥରେ ଏହି ଟିମ୍ ଆଜି ୧୧ଟା ବେଳେ ଏସ୍ସିବିରେ ପହଞ୍ଚି ଅପରାହ୍ଣ ୩ଟା ଯାଏ ଟ୍ରମା ଆଇସିୟୁରେ ଯେଉଁଠି ଅଗ୍ନିକାଣ୍ଡ ଘଟିଥିଲା, ଏହାର ସ୍ଥିତି ଅନୁଧ୍ୟାନ କରିଥିଲା । ଏସସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ଜ୍ୟୋତିଷଚନ୍ଦ୍ର ଚୌଧୁରୀଙ୍କ ସମେତ ମେଡିକାଲର ଅନ୍ୟ ଡାକ୍ତରମାନେ ଏହି ସମୟରେ ଉପସ୍ଥିତ ଥିଲେ । କେଉଁ ପରିସ୍ଥିତିରେ ଅଗ୍ନିକାଣ୍ଡ ଘଟିଲା, ଏହା ପରେ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ କମିସନ ପଚାରି ବୁଝିଥିଲେ ।

## ଗୋ-ଚାଲାଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଆଠଗଡ଼, ୩୦।୬ (ସମିସ): ୨୦୨୫ରେ ଏକ ବେଆଇନ ଗୋରୁ ଚାଲାଣ ଓ ସଂଗଠିତ ଅପରାଧ ସଂକ୍ରାନ୍ତ ଏକ ମାମଲାର ବିଚାର କରି ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ ଅଭିଯୁକ୍ତ ତାଜିଉଦ୍ଦିନ ଖାନକୁ ଆଜୀବନ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଆସାମୀ ଆଉ ୬ ମାସ ଅଧିକ କାରାଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ବଡମ୍ବା ଅଞ୍ଚଳର ତାଜୁ ଓରଫ ତାଯୁଦ୍ଦିନ ଖାଁ ଗୋରୁ ଚାଲାଣ କରୁଥିବା ଖବର ପାଇ ତିଗିରିଆ ପାଟ୍ରୋଲିଂ ଟିମ୍ ଗଦାଧରପୁର ବଉଳାଙ୍ଗ ଛକରେ ରାସ୍ତା ବ୍ଲକିଂ କରି ଯାଞ୍ଚ କରିଥିଲା । ଏକ ପିକଅପ ଭ୍ୟାନରେ ୯ଟି ଗୋରୁ ବୋଝେଇ ହୋଇ ଆସୁଥିଲା ବେଳେ ଏକ କାର ଉକ୍ତ ପିକଅପକୁ ପାଇଲଟିଂ କରୁଥିଲା । ପୁଲିସ ଗାଡି ଓ ଗୋରୁଙ୍କୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି ଏକ ମାମଲା ରୁଜୁ ସହ ଅଦାଲତରେ ହାଜର କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତରେ ରଖାଯାଇଥିଲା । ପୁଲିସ ଅଦାଲତରେ ଅଭିଯୋଗପତ୍ର ଦାଖଲ କରିଥିଲା । ସେହି ଆଧାରରେ ଅଭିଯୋଗର ବିଚାର କରି ଆଜି ଅଦାଲତ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ସଂଗଠିତ ଅପରାଧ ଓ ବେଆଇନ ଗୋ-ଚାଲାଣ ମାମଲାରେ ତାଜିଉଦ୍ଦିନକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ସିଟ ଓ ସୁଶାନ୍ତ ମିଶ୍ର ମାମଲା ପରିଚାଳନା କରିଥିଲେ ।

# ବାଲି ଚୋରା ଚାଲାଣରେ ଲଗାମ ନାହିଁ

ସାରସକଣା, ୩୦।୬ (ସମିସ): ସାରସକଣା ତହସିଲ ତଥା ଝାରପୋଖରିଆ ଥାନା ଅଧୀନରେ ଥିବା ସୁବର୍ଣ୍ଣରେଖା ନଦୀର ବାଲି ସୈରାତ ଏବେ ଏକ ବଡ଼ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଥିବାବେଳେ ଜିଲ୍ଲା ପ୍ରଶାସନର ନିରବତା ସରକାରଙ୍କ ସ୍ୱଚ୍ଛ ଶାସନର ମୁଖା ଖୋଲିଦେଇଛି । ଯେଉଁଭଳି ଭାବେ ଦିନ ଦ୍ୱିପ୍ରହରରେ ରାଜ୍ୟର ସମ୍ପତ୍ତିକୁ ଲୁଟ୍ କରାଯାଉଛି । ତାହା ପ୍ରମାଣିତ କରୁଛି ଯେ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଏବେ ମାଫିଆଙ୍କ ହାତବାରିସୀ ପାଲଟିଛନ୍ତି । ସରକାରୀ ନିୟମକୁ ଫୁଁ କରି ଏହି ବେଆଇନ କାରବାର ବିରୋଧରେ ଏବେ ସାଧାରଣରେ



### ବାହାର ରାଜ୍ୟକୁ ହେଉଛି ଚାଲାଣ

ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି । ଦୈନିକ ଶହ ଶହ ଟ୍ରିପ ବାଲି ଏହି ଅଞ୍ଚଳରୁ ପଡ଼ୋଶୀ ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି ।

ଝାରପୋଖରୀଆ ଥାନା ସମ୍ମୁଖରେ ଦେଇ ପ୍ରତ୍ୟେକ ଦିନ ବାଲି ଚାଲାଣ ହେଉଛି । ଥାନା ସମ୍ମୁଖରେ ସିସିଟିଭି କ୍ୟାମେରା ଲାଗିଥିଲେ ହେଁ ଥାନା ଅଧିକାରୀ ସବୁ ଜାଣି ନ ଜାଣି ଭଳି ଅଭିନୟ କରିଛନ୍ତି । ୩ ସପ୍ତାହ ପୂର୍ବରୁ ଥାନା ଅଧିକାରୀ ବାଲେଶ୍ୱର ଜିଲ୍ଲାକୁ ବଦଳି ହୋଇଥିଲେ ମଧ୍ୟ ସେ ରିଲିଭ ହେଉନାହାନ୍ତି । ଏହା କ'ଣ ସରକାରଙ୍କ ଆଦେଶରେ ହେଉଛି? ଉଚ୍ଚପଦସ୍ଥ ଅଧିକାରୀ ନିଜ ପକେଟ୍ ଗରମ କରିବା ପାଇଁ ଆଖି ବୁଜି ଦେଇଛନ୍ତି । ପରିବେଶ ଆଇନକୁ ଅମାନ୍ୟ କରୁଛି ଜିଲ୍ଲା ପ୍ରଶାସନ । ଗ୍ରାମାଞ୍ଚଳ ରାସ୍ତାରେ ଭାରୀଯାନରେ ଓଦା ବାଲି ଚାଲାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଜଣାପଡ଼ିଛି ।

ଓଡ଼ିଶାର ବିଭିନ୍ନ ଜାଗାରୁ ବାଲି ଚୋରାଚାଲାଣ ପ୍ରତିଦିନ ଚାଲୁଛି । ମୟୂରଭଞ୍ଜ ଜିଲ୍ଲା ଏଥିରୁ ବାଦ୍ ପଡିନାହିଁ । ମୟୂରଭଞ୍ଜ ଜିଲ୍ଲାର ସାରସକଣା ତହସିଲ, ଝାରପୋଖରିଆ ଥାନା ଅଧୀନରେ ଥିବା ପାଣ୍ଡରା ସରକାରୀ ଘାଟ ମଧ୍ୟ ଚୋରା ବାଲି ଚାଲାଣର ଗନ୍ତାଘର ପାଲଟିଛି । ସରକାରୀ ଘାଟ ହୋଇଥିଲେ ସୁଦ୍ଧା କିପରି ପ୍ରତିଦିନ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟକୁ ଶହ ଶହ ଟ୍ରିପ୍ ବାଲି ଚୋରି ଚାଲାଣ ହେଉଛି । ସେହିପରି କାଲି ରାତିରେ ୫ଟି ହାଇୱା ଝାଡ଼ଖଣ୍ଡକୁ ଯିବାର ଦେଖିବାକୁ ମିଳିଛି । ପ୍ରଶାସନ କେବଳ ନିରବଦ୍ରଷ୍ଟା ସାଜିଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଯଦି ସରକାରଙ୍କ ନିୟମ ଅନୁସାରେ ବାହାର ରାଜ୍ୟରେ ବାଲି ବିକ୍ରି କରାଯାଉଛି, ତାହେଲେ କେଉଁ ସରକାରୀ ବାବୁ ଓ କେଉଁ ନିୟମ ଆଧାରରେ ଆଦେଶ ଦେଇଛନ୍ତି; ତାହା ତଦନ୍ତ ହେବା ଦରକାର । ଖଣି ବିଭାଗ ପାଖରେ ନିୟମ ଅଛି କି ବାହାର ରାଜ୍ୟକୁ ବାଲି ବିକ୍ରି କରିବା ପାଇଁ ? ଯଦି ସରକାରଙ୍କ ନିୟମ ଅନୁସାରେ କାର୍ଯ୍ୟ ହେଉନାହିଁ, ତେବେ ଜିଲ୍ଲା ଖଣି ବିଭାଗ, ସାରସକଣା ତହସିଲ, ଝାରପୋଖରିଆ ପୁଲିସ କ'ଣ ପାଇଁ ଚୋରି ବାଲି ଚାଲାଣକୁ ଅଟକ କରୁନାହାନ୍ତି କାହିଁକି । ଏହା ପଛରେ ଆଉ କିଛି ରହସ୍ୟ ଲୁଚିରହିଛି କି ? ତାହା ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି । ରବିବାର ରାତି ସମୟରେ ସ୍ଥାନୀୟ କିଛି ଯୁବକ ହାଇୱାକୁ ଧରି ଝାରପୋଖରିଆ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ପହଞ୍ଚି ପାଣିପୋଷି କେନାଲ ନିକଟରୁ ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ବାଲି ଗାଡିକୁ ଧରି ଥାନାକୁ ନେଇଥିଲା । ଝାରପୋଖରିଆ ପୁଲିସ ଉକ୍ତ ହାଇୱାକୁ ଥାନାକୁ ଆଣି ୧୮୯/୨୬ରେ ଏକ ମାମଲା ରୁଜୁ କରି ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ଦେଖିବାକୁ ବାକି ରହିଲା ଆଗାମୀ ଦିନରେ ଚୋରି ବାଲି ଚାଲାଣକୁ ପ୍ରଶାସନ ରୋକ ଲଗାଉଛି ନା ପୁଣି ସେଇ ପୁର୍ନର ମୂଷିକ ଭଳି ପରି ଦିନକୁ ଦିନ ଆହୁରି ଚୋରି ବଢ଼ି ଚାଲିଥିବ ଓ ପ୍ରଶାସନ ଏଠି ମୋଟା ଅଙ୍କର ବଟି ନେଇ ମାଫିଆଙ୍କୁ ଆଶୀର୍ବାଦ ଦେଉଥିବ, ତାହା ଦେଖିବାକୁ ବାକି ରହିଲା ।

### ଜେଲ୍‌ରେ ଯୌନ କେଳେଙ୍କାରୀ ଘଟଣା

## ପୁଲିସର ବୟାନ ରେକର୍ଡ, ରିପୋର୍ଟ ତଲବ

ଚୌଦ୍ୱାର,୩୦।୬(ସମିସ): ଚୌଦ୍ୱାର ଜେଲରେ ବିଭିନ୍ନ ଅବ୍ୟବସ୍ଥା ଏବଂ ବିଶୃଙ୍ଖଳା ନେଇ ଚର୍ଚ୍ଚା ଥମୁନି । କେତେବେଳେ କଏଦୀ ଫେରାର ତ ଆଉ କେତେବେଳେ ଜେଲ ଭିତରେ ଗ୍ୟାଙ୍ଗ ୱାର । ପୁଣି ଅଧିକାରୀଙ୍କ ମଧ୍ୟରେ କାଦୁଅ ଫିଙ୍ଗା ରାଜନୀତି । ଏହିସବୁ ଭିତରେ ଜଣେ ହତ୍ୟା ଆସାମୀ ଅନ୍ୟଜଣେ ବିଚାରାଧୀନ କଏଦୀକୁ ନିଶା ଦେଇ ଅପ୍ରାକୃତିକ ଯୌନ ଶୋଷଣ କରିବା ଘଟଣା ଚୌଦ୍ୱାର ମଣ୍ଡଳ କାରାଗାରକୁ ଅପଚର୍ଚ୍ଚାରେ ରଖିଛି । କଟକ ଡିସିପି ଏହାର ସ୍ୱତନ୍ତ୍ର ତଦନ୍ତ ଭାର ନେଇଥିବା ଜଣାପଡ଼ିଛି । ପ୍ରାରମ୍ଭିକ ସ୍ତରରେ ଚୌଦ୍ୱାର ପୁଲିସ ୩ ଜଣ କଏଦୀଙ୍କ ବୟାନ ରେକର୍ଡ କରିଥିବା ଜଣାପଡିଛି । ଏନେଇ ଜେଲକର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ କରାଯାଇଥିବାବେଳେ କାରାଗାର ଜେଲର ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ଗତ ୨୧ ତାରିଖ ମିଫାଜ ଖାନ ନାମକ ଜଣେ କଏଦୀ କାରାଗାରର ରୋଷଶାଳାକୁ ଯାଇଥିଲା । ସେଠାରେ ରୋଷ ଦାୟିତ୍ୱରେ ଥିବା କାହ୍ନା ସର୍ଦ୍ଦାର ପାଇଖାନା ଭିତରେ ମିଫାଜ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ସମୟରେ ବର୍ତ୍ତମାନର ସର୍ଦ୍ଦାର ଥିବା ସନ୍ତୋଷ ସେଠାରେ ପହଞ୍ଚି ଏ ଘଟଣା ସମ୍ପର୍କରେ ଜାଣିପାରିଥିଲା । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡିଛି । ଯଦି ଘଟଣା ସତ ହୋଇଥାନ୍ତା ତେବେ ଜେଲ ପକ୍ଷରୁ ଡାକ୍ତରୀ ପରୀକ୍ଷା ସହ ଥାନାରେ ମାମଲା କରାଯାଇଥାନ୍ତା ମାତ୍ର ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜେଲ କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି ।

## ପୁରୁଣା ମାମଲାରେ ଦୁଇ ସାକ୍ଷୀଙ୍କୁ ପୁନର୍ବାର ଜେରା ଅନୁମତି

କଟକ, ୩୦।୬(ସମିସ): ସମ୍ବିଧାନର ଧାରା ୨୧ ଅନୁଯାୟୀ ନିରପେକ୍ଷ ବିଚାର ପାଇବା ସମସ୍ତଙ୍କର ଅଧିକାର । ଏଥିରେ ପ୍ରମୁଖ ସାକ୍ଷୀଙ୍କୁ ଜେରା କରିବାର ସୁଯୋଗ ମଧ୍ୟ ସାମିଲ ଅଛି । ବିନା କୌଣସି ବଳିଷ୍ଠ କାରଣରେ ଏହି ସୁଯୋଗରୁ ବଞ୍ଚିତ କଲେ ଅଭିଯୁକ୍ତଙ୍କ ପ୍ରତି ଅନ୍ୟାୟ ହେବ । କେବଳ ମାମଲାଟି ବହୁତ ପୁରୁଣା ଏବଂ ଆବେଦନକାରୀ ପ୍ରଶ୍ନାବଳୀ ଦାଖଲ କରି ନଥିବା ଆଧାରରେ ସାକ୍ଷୀଙ୍କୁ ପୁନର୍ବାର ଜେରା ପାଇଁ ହୋଇଥିବା ଆବେଦନକୁ ଅଦାଲତ ଖାରଜ କରିବା ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଗୋବିନ୍ଦ ନାୟକଙ୍କ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହାସହିତ ଭୁବନେଶ୍ୱର ଚତୁର୍ଥ ଅତିରିକ୍ତ ଦୌରା ଜଜ୍‌ଙ୍କ ଏକ ଆଦେଶକୁ ରଦ୍ଦ କରି ହାଇକୋର୍ଟ ଦୁଇଜଣ ସାକ୍ଷୀଙ୍କୁ ପୁନର୍ବାର ଜେରା କରିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରି ଦୁଇଜଣ ସାକ୍ଷୀଙ୍କୁ ପୁନର୍ବାର ଜେରା ପାଇଁ ଡାକିବାକୁ କହିଛନ୍ତି ହାଇକୋର୍ଟ । ମାମଲାରୁ ପ୍ରକାଶ ଯେ ଗତ ୨୦୦୩ ମସିହାର ଏକ ଅପରାଧିକ ମାମଲାରେ ଆବେଦନକାରୀ ଦୁଇ ଜଣ ସାକ୍ଷୀ ତଥା ମାମଲାର ତଦନ୍ତକାରୀ ଅଧିକାରୀ ଏବଂ ଜଣେ ଆହତ ପ୍ରତ୍ୟକ୍ଷଦର୍ଶୀଙ୍କୁ ପୁନର୍ବାର ଜେରା ପାଇଁ ନିମ୍ନ ଅଦାଲତରେ ଆବେଦନ କରିଥିଲେ । ମାତ୍ର ଗତ ମେ ୨୧ରେ ଅଦାଲତ ଏହି ଆବେଦନକୁ ଖାରଜ କରିଦେଇଥିଲେ । ହାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସିଆରପିସିର ଧାରା ୩୧୧ର ପ୍ରକୃତ ଉଦ୍ଦେଶ୍ୟ ହେଉଛି କୋର୍ଟଙ୍କୁ ସତ୍ୟର ସନ୍ଧାନ କରିବାରେ ଏବଂ ଏକ ସଠିକ୍ ନ୍ୟାୟିକ ନିଷ୍ପତ୍ତିରେ ପହଞ୍ଚିବାରେ ସାହାଯ୍ୟ କରିବା । କୌଣସି ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଯେପରି ବାଦ୍ ନ ପଡ଼ନ୍ତ ତାହା ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ।

## ଆଜି ଓଡ଼ିଶା ଆସିବେ ନବ ନିଯୁକ୍ତ ପିସିସି ପ୍ରଭାରୀ ଲାଲ୍‌ଜୀ ଦେଶାଇ



ଭୁବନେଶ୍ୱର,୩୦।୬(ସମିସ): ଓଡ଼ିଶା କଂଗ୍ରେସର ନବନିଯୁକ୍ତ ପ୍ରଭାରୀ ଲାଲଜୀ ଦେଶାଇ ବୁଧବାର ଓଡ଼ିଶା ଗସ୍ତରେ ଆସିବେ । ଓଡ଼ିଶା ପ୍ରଭାରୀ ଭାବେ ନିଯୁକ୍ତ ପରେ ଶ୍ରୀ ଦେଶାଇ ପ୍ରଥମ ଥର ପାଇଁ ଓଡ଼ିଶା ଆସୁଛନ୍ତି । ଏହି ଗସ୍ତରେ ସେ ଓଡ଼ିଶାରେ ୩ ଦିନ ରହିବା ସହ ମାରାଥନ ବୈଠକରେ ସାମିଲ ହେବେ । ଶ୍ରୀ ଦେଶାଇଙ୍କ ୧ ଜୁଲାଇରୁ ୩ ଜୁଲାଇ ପର୍ଯ୍ୟନ୍ତ ତିନିଦିନିଆ ଓଡ଼ିଶା ଗସ୍ତ ସମ୍ପର୍କରେ ପିସିସି ପକ୍ଷରୁ ସୂଚନା ଦିଆଯାଇଛି । ଏହି ଗସ୍ତ ଅବସରରେ ସେ ଦଳୀୟ ସାଂଗଠନିକ କାର୍ଯ୍ୟକ୍ରମ, ସମୀକ୍ଷା ବୈଠକ ଓ ବରିଷ୍ଠ ନେତାମାନଙ୍କ ସହ ଆଲୋଚନାରେ ଯୋଗଦେବେ । ଶ୍ରୀ ଦେଶାଇ ଆସନ୍ତା କାଲି ରାତି ୮.୧୦ରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ସେ କଂଗ୍ରେସ ଭବନକୁ ଯାଇ ଦଳୀୟ ନେତା ଓ କର୍ମୀମାନଙ୍କ ସହ ସାକ୍ଷାତ କରିବେ । ସେହିଦିନ ଭୁବନେଶ୍ୱରରେ ରାତି ରହଣୀ ସହ ୨ ଜୁଲାଇରେ କଂଗ୍ରେସ ଭବନରେ ଜିଲ୍ଲା ସଭାପତିମାନଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେବେ । ଏହି ବୈଠକରେ ଏଆଇସିସି ସଚିବ ତଥା ଡିସିସି ସଭାପତି ଚୟନ ପ୍ରକ୍ରିୟାର ସମନ୍ୱୟ ଦାୟିତ୍ୱରେ ଥିବା ଚଲ୍ଲା ଭମ୍‌ସୀ ଚାନ୍ଦ ରେଡ୍ଡୀ, ଏଆଇସିସିର ଓଡ଼ିଶା ସହ-ପ୍ରଭାରୀ ଜେଟ୍ଟି କୁସୁମ କୁମାର ଓ ମଯୁରା ଜୟକୁମାର ପ୍ରମୁଖ ଉପସ୍ଥିତ ରହିବେ । ସେହିପରି ୩ ଜୁଲାଇରେ ଶ୍ରୀ ଦେଶାଇ କଂଗ୍ରେସ ଭବନରେ ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ ଯୋଗଦେବା ସହ ବରିଷ୍ଠ ଦଳୀୟ ନେତାମାନଙ୍କ ସହ ଆଲୋଚନା କରିବେ । ସେହିଦିନ ସନ୍ଧ୍ୟାରେ ଭୁବନେଶ୍ୱରରୁ ବିମାନ ଯୋଗେ ସେ ଅହମ୍ମଦାବାଦ ଫେରିବେ ବୋଲି ସୂଚନା ରହିଛି ।

# ଅପହୃତଙ୍କୁ ହତ୍ୟା; ଦୁର୍ଘଟଣାରେ ଅପହର୍ତ୍ତା ମୃତ

ରାଉରକେଲା,୩୦।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନା ଅଞ୍ଚଳରେ ଝାଡ଼ଖଣ୍ଡର ଜଣେ ଯୁବକଙ୍କୁ ୩ ଦୁର୍ବୃତ୍ତ ଅପହରଣ କରି ଲୁଟ୍ ପରେ ଛୁରି ଭୂସି ହତ୍ୟା କରିଛନ୍ତି । ଶବ ଫିଙ୍ଗି ମୃତକଙ୍କ କାର୍ ନେଇ ଫେରାର ହେଉଥିବା ବେଳେ ଦୁର୍ଘଟଣା ଘଟିବାରୁ ଜଣେ ଦୁର୍ବୃତ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି । ଘଟଣାରେ ଜଣେ ନାବାଳକକୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି । ଏ ନେଇ ସୁନ୍ଦରଗଡ଼ ଏସ୍ପି ଅମ୍ରିତପାଲ କୌର ସୂଚନା ଦେଇ କହିଛନ୍ତି ଯେ, ତଳସରା ଅଞ୍ଚଳର ଅନମୋଲ ମଲ୍ଲିକ ଓ ତାଙ୍କ ବନ୍ଧୁ ଝାଡ଼ଖଣ୍ଡର ରାଞ୍ଚି ଜିଲ୍ଲାର ଚେଙ୍ଗାଡା ଗ୍ରାମର ଶିବଧନ ଲୋହାର ସହ ମିଶି ଗତ ଜୁନ୍ ୨୮ ସନ୍ଧ୍ୟାରେ ଜଣେ ରୋଗୀଙ୍କୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ । ଏହାପରେ ଅନ୍‌ମୋଲ ସ୍କର୍ପିଓ ଏବଂ ଶିବଧନ ମାରୁତି ଆଲ୍‌ଟୋରେ ତଳସରା ଫେରୁଥିଲେ ।

ରାତି ପ୍ରାୟ ୧୨ଟା ବେଳେ ସବଡେଗା ଓ ତଳସରା ଛକ ମଧ୍ୟରେ ତିନି ଜଣ ଦୁର୍ବୃତ୍ତ ୨ଟି ଗାଡ଼ିକୁ ପିଛା କରିଥିଲେ । ପ୍ରଥମେ ଅନମୋଲଙ୍କ ସ୍କର୍ପିଓକୁ ଅଟକାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ଖସି ପଳାଇ ତଳସରାରେ ପହଞ୍ଚି ଯାଇଥିଲେ । ପରେ ଦୁର୍ବୃତ୍ତମାନେ ଶିବଧନଙ୍କ ଆଲ୍‌ଟୋ କାର୍‌କୁ ଅଟକାଇ ତାଙ୍କୁ ଗାଡ଼ିରୁ ଘୋଷାଡ଼ି ଆଣିବା ସହ ପର୍ସ ଓ ମୋବାଇଲ ଫୋନ୍ ଲୁଟି ନେବା ସହ ଛୁରୀ ଭୂସି ନିର୍ମମ ଭାବେ ହତ୍ୟା କରିଥିଲେ ।

ଏହାପରେ ଦୁର୍ବୃତ୍ତମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ କାର୍‌ରେ ନେଇ ଡୁଡୁକା ରେଳ ଓଭରବ୍ରିଜ୍ ନିକଟରେ କାଳେ ବଞ୍ଚିଥିବ ଭାବି ପୁଣି ଛୁରୀ ଭୂସିବା ପରେ ନିକଟସ୍ଥ ଏକ ନାଳରେ ଫିଙ୍ଗି ଦେଇଥିଲେ । ଘଟଣା ପରେ ଶିବଧନଙ୍କ କାର୍ ନେଇ ଭେଡ଼ାବାହାଲ ଆଡ଼କୁ ଫେରାର ହେଉଥିଲେ । କିନ୍ତୁ ଜୁନ୍ ୨୯ ଭୋର ପ୍ରାୟ ୫ଟାରେ ଭଷ୍ମା ଥାନା ଅନ୍ତର୍ଗତ ଖମାରବାହାଲ କୋଇଲା କରିଡର ରାସ୍ତାରେ କାର୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଭଷ୍ମା ପୁଲିସ ପହଞ୍ଚି ଆହତମାନଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଏହି ଦୁର୍ଘଟଣାରେ ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ଶୁଭେନ୍ଦୁ ଶେଖର ମାଝୀ (୨୦)ଙ୍କ ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଅଭିଯୁକ୍ତ ହେମଗିର ଥାନା ଅନ୍ତର୍ଗତ ଡୁଡୁକା ଗ୍ରାମର ଭୂମେଶ୍ୱର ବେହେରା (୧୯) ଗୁରୁତର ଆହତ ହୋଇଛନ୍ତି । ସାମାନ୍ୟ ଆହତ ଜଣେ ନାବାଳକକୁ ପୁଲିସ ହେପାଜତକୁ ନେଇ ପଚରା ଉଚରା କରୁଛି ।

ଏହି ଘଟଣାରେ ପ୍ରଥମେ ଭଷ୍ମା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଥିଲା । ଅନ୍ୟପକ୍ଷରେ ଶିବଧନ ଘରେ ନ ପହଞ୍ଚିବାରୁ ଅନମୋଲ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜିଥିଲେ । କୌଣସି ସନ୍ଧାନ ନ ମିଳିବାରୁ ସେ ତଳସରା ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ, ଶିବଧନଙ୍କୁ ହତ୍ୟା କରିବା ପରେ ତାଙ୍କ କାର୍ ନେଇ ଫେରାର ହେଉଥିବାବେଳେ ଅଭିଯୁକ୍ତମାନଙ୍କ ଦୁର୍ଘଟଣା ଘଟିଥିଲା ।

ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସହ ସେଠାରୁ ମୃତ ଶିବଧନଙ୍କ ପାନ୍‌କାର୍ଡ, ଆଧାର କାର୍ଡ ଓ ଶ୍ରମିକ ପରିଚୟପତ୍ର ଥିବା ପର୍ସ, ହତ୍ୟାରେ ବ୍ୟବହୃତ ଛୁରି ଏବଂ ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା କାର୍ ଜବତ କରିଛି ।

ମୃତ ଅଭିଯୁକ୍ତ ଶୁଭେନ୍ଦୁଙ୍କ ଭଉଣୀ ଅଙ୍କିତାଙ୍କ ଏତଲା କ୍ରମେ ଭଷ୍ମା ପୁଲିସ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ଏସ୍ପି ଶ୍ରୀମତୀ କୌର କହିଛନ୍ତି । ତାଙ୍କ ବିରୋଧରେ ପୂର୍ବରୁ ଲେଫ୍ରିପଡ଼ା ଥାନାରେ ରୁଜୁ ହୋଇଥିବା ଏକ ହତ୍ୟା ମାମଲାରେ ଅଦାଲତକୁ ପଠାଯାଇଥିବା ପୁଲିସ ସୂଚନା ଦେଇଛି ।

ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଏସ୍ପି ଶ୍ରୀମତି କୌରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ପୁଲିସ ଦଳ ଗଠନ କରାଯାଇଥିଲା । ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପୁରା ଘଟଣାର ତଦନ୍ତ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କ ଅପରାଧିକ ପୂର୍ବ ଇତିହାସ ଓ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ମଧ୍ୟ ତଦନ୍ତ ଚାଲିଛି ବୋଲି ଏସ୍ପି ସୂଚନା ଦେଇଛନ୍ତି ।

# କଟକ ସିଟି





## ଏନ୍‌କାଉଣ୍ଟର୍ ଭୟ!

# ସହର ବାହାରେ ଦୁର୍ଦ୍ଦାନ୍ତ

କଟକ,୩୦।୬(ସମିସ)

କମିସନରେଟ୍ ପୁଲିସ ଶେଷ ଥର ପାଇଁ ଦୁର୍ଦ୍ଦାନ୍ତ ଅପରାଧୀ ଶଙ୍କରକୁ ୨ ବର୍ଷ ତଳେ ଏନ୍‌କାଉଣ୍ଟର କରିଥିଲା। ତତ୍କାଳୀନ ଡିସିପି ପିନାକ୍ ମିଶ୍ର ଦାୟିତ୍ୱ ନେବା ପରେ ଏହା ଥିଲା ପ୍ରଥମ ଘଟଣା। ଅପରାଧ ଦମନ ପାଇଁ ପୁଲିସ ବିଭିନ୍ନ ସମୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଛି। ବହୁଚର୍ଚ୍ଚିତ ମାଲଗୋଦାମ ଡାଲି ବ୍ୟବସାୟୀ ମହମ୍ମଦ ଫାରୁକ୍ ତୟବ ହତ୍ୟା ଘଟଣା ୨୦୧୪ ନଭେମ୍ବର ୧୨ ତାରିଖରେ ଘଟିଥିଲା। ଘଟଣାର ଦୀର୍ଘ ୭ ବର୍ଷ ପରେ ଅର୍ଥାତ ୨୦୨୧ ଅକ୍ଟୋବର ୧ ତାରିଖରେ ଏଥିରେ ସମ୍ପୃକ୍ତ ମାରଣାସ୍ତ୍ର ସହ ଦୁର୍ଦ୍ଦାନ୍ତ ଶଙ୍କର ଧରାପଡିଥିଲା। ଶଙ୍କର ପୁଲିସ ସ୍କାନରେ ରହିଥିବା ବେଳେ ତାକୁ ଏନକାଉଣ୍ଟର୍ କରାଯାଇଥିଲା। ଏବେ କମିସନରେଟ୍ ପୁଲିସ ୭ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଉପରେ କଡ଼ା ନଜର ରଖିଛି। ସୂଚନା ଅନୁସାରେ, ୭ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ତଡିପାର୍ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୨ଜଣ ଫେରାର୍ ରହିଛନ୍ତି। ଏବେ ଏହି ଅପରାଧୀଙ୍କୁ ଏନକାଉଣ୍ଟର୍ ଭୟ ଘାରିଲାଣି। ଡିସିପିଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ପୁଲିସ ଅଧିକାରୀ ଏ ସମ୍ପର୍କରେ କହିଛନ୍ତି, ପୁଲିସର ରଣନୀତି ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିହେବ ନାହିଁ। ଯେଉଁମାନେ ପୁଲିସ ସ୍କାନରରେ ରହି ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି ସେମାନଙ୍କୁ ଆବଶ୍ୟକ ପଡ଼ିଲେ ଏନ୍‌କାଉଣ୍ଟର୍ କରାଯିବ।

**ଶଙ୍କର ଏନ୍‌କାଉଣ୍ଟର୍ ପରେ ପୁଲିସ ସ୍କାନର୍‌ରେ ଆଉ ୭**

ଗତ ୫ ବର୍ଷର ସହରର କ୍ରାଇମ୍ ରେକର୍ଡକୁ ଅନୁଧ୍ୟାନ କଲେ ଅପରାଧୀମାନଙ୍କୁ ସାବାଡ଼୍ କରିଛି ପୁଲିସ। ଏହି ସମୟ ମଧ୍ୟରେ କମିସନରେଟ୍ ପୁଲିସ ବହୁ ଭେଟେରାନ୍ ଗ୍ୟାଙ୍ଗଷ୍ଟରକୁ ଗିରଫ କରିଛି। ଏଥିସହ ୨୪ଟି ଏନ୍‌କାଉଣ୍ଟର କରି ଚର୍ଚ୍ଚାକୁ ଆସିଛି କମିସନରେଟ୍ ପୁଲିସ। ଯେଉଁଥିପାଇଁ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ଏବେ ପୁଲିସ ଭୟରେ ରାଜ୍ୟ ବାହାରେ ଆତ୍ମଗୋପନ କରିଛନ୍ତି। ବହୁ ବଡବଡ ଗ୍ୟାଙ୍ଗଷ୍ଟର ଜେଲ ହାଜତରେ ରହିଥିବା ବେଳେ ସେମାନଙ୍କ ସହଯୋଗୀମାନେ ଏବେ ଗ୍ୟାଙ୍ଗ ଗଢି ମୁଣ୍ଡ ଟେକୁଥିବା ଜଣାପଡିଛି।

୨୦୧୩ରେ ମଧୁପାଟଣା ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀ କାଳିଆକୁ ଏନ୍‌କାଉଣ୍ଟର କରିଥିଲା। ଏହି ସମୟ ମଧ୍ୟରେ ସହରରେ ଅପରାଧର ମାତ୍ରା ବଢିବାରେ ଲାଗିଥିଲା। ଏକାଧିକ ଗ୍ୟାଙ୍ଗଷ୍ଟର ମୁଣ୍ଡ ଟେକିବା ସହ ନିୟମିତ ବ୍ୟବଧାନରେ ଅପରାଧ ଘଟାଇ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ। ୨୦୧୭ରେ ଡିସିପି ଅଖିଳେଶ୍ୱର ସିଂହ ଯୋଗଦେବା ପରେ କଟକ ସହରରେ ଆରମ୍ଭ କରିଥିଲେ ଅପରେସନ କ୍ଲିନ୍ ସୁଇପ୍। ଏହି ସମୟ ମଧ୍ୟ ପୁଲିସ ବହୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଧରିବାକୁ ଯାଇ ମୁହାଁମୁହିଁ ହୋଇଥିଲା। ଅପରାଧୀ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଭେଟେରାନ୍ ଅପରାଧୀ ସେକ୍ ବାବୁ, ଜିତୁ ଓରଫ ଅଜୟ ସାହୁ, ଜଗତପୁରର ମନୋଜ ପାତ୍ର, ବବଲୁ, ଜିତୁ, ଜୁଗା ଖାନ୍, ମୁନା ଦେହୁରୀ, ମଙ୍ଗୁ ଓ ଲିପୁ ଭଳି ୨୦ରୁ ଅଧିକ ଦୁର୍ଦ୍ଦାନ୍ତ ଅପରାଧୀ ଏନ୍‌କାଉଣ୍ଟରର ଶିକାର ହୋଇଥିଲେ। ଏପରିକି ତତ୍କାଳୀନ ଚାଉଳିଆଗଞ୍ଜ ଥାନା ଆଇଆଇସି ଅଜୟ ଦାସ ଦୁଇ ଭେଟେରାନ୍ ଅପରାଧୀ ସେକ୍ କାଲା ଓରଫ କାଲାବାବୁ ଓ ଅଲେଖ ରାଉତରାୟକୁ ଗୋଟିଏ ଦିନରେ ଏନକାଉଣ୍ଟର କରି ଚର୍ଚ୍ଚାକୁ ଆସିଥିଲେ। କଟକ ପୁଲିସର ଏପରି କଠୋର ଆଭିମୁଖ୍ୟ ଦେଖି ଅପରାଧୀମାନେ ଭୟଭୀତ ହେବା ସହ ଅନେକ ସହର ଛାଡିଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ନିମ୍ନ ଅଦାଲତଙ୍କ ରାୟ ରଦ୍ଦ

# ପୀଡ଼ିତାଙ୍କ ନିକଟରୁ କ୍ଷତିପୂରଣ ରାଶି ଆଦାୟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୩୦।୬(ସମିସ):** ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ନ ଥାଇ ଜଣେ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରି ଯାଜପୁର ଆଡ୍‌ହକ୍ ଅତିରିକ୍ତ ଦୌରା ଜଜ୍ (ଏଫଟିଏସସି) ଅଦାଲତ ଗତ ୨୦୨୫, ଫେବ୍ରୁଆରୀ ୧୧ରେ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଅତିରିକ୍ତ ଦୌରା ଜଜ ଅଦାଲତଙ୍କ ରାୟ ବିରୋଧରେ ସମ୍ପୃକ୍ତ ଯୁବକ ଜଣକର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ରାୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୀଡିତା ନିଜ ପୂର୍ବ ବୟାନରୁ ଓହରିଯାଇଥିବା ବେଳେ ଯଦି କୌଣସି କ୍ଷତିପୂରଣ ରାଶି ପୀଡିତାଙ୍କୁ ପ୍ରଦାନ କରାଯାଇଥାଏ ତେବେ ପୀଡିତା ଏହାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଫେରାଇବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପୀଡିତା ଏଥିରେ ବିଫଳ ହୁଅନ୍ତି ତେବେ କ୍ଷତିପୂରଣ ରାଶି ତାଙ୍କ ନିକଟରୁ ଆଦାୟ ପାଇଁ ପ୍ରାଧିକରଣ ତରଫରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୬ ବର୍ଷିୟା ପୀଡିତାଙ୍କୁ ଅପହରଣ କରାଯାଇଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ୨୦୨୦ରେ ପରିବାର ତରଫରୁ ଅଭିଯୋଗ ହୋଇଥିଲା। ପୁଲିସ ପୀଡିତାଙ୍କୁ ଉଦ୍ଧାର କରିବା ସହିତ ଆବେଦନକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିରେ ଡାକ୍ତରୀ ରିପୋର୍ଟକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା ବେଳେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡ ପ୍ରଦାନ ସହ ପୀଡିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଜିଠୁ ଏସ୍‌ସିବି ଜୁନିଅର ଡାକ୍ତର ସଂଘର କଳା ବ୍ୟାଜ୍ ଧାରଣ

**କଟକ,୩୦।୬(ସମିସ):** ଓଏମ୍‌ଏସ୍‌ଏ ପକ୍ଷରୁ ଦିଆଯାଇଥିବା ରାଜ୍ୟବ୍ୟାପୀ ପ୍ରତିବାଦ ଡକରାକୁ କଟକ ଏସ୍‌ସିବି ମେଡିକାଲ ଜୁନିଅର ଡାକ୍ତର ଆସୋସିଏସନ (ଜେଡିଏ) ପକ୍ଷରୁ ସମର୍ଥନ ଜଣାଯାଇଛି। ଓଏମ୍‌ଏସ୍‌ଏର ୧୦ ଦଫା ସମ୍ବଳିତ ଦାବିପତ୍ରକୁ ଜେଡିଏ ସମର୍ଥନ କରିଥିବା ବେଳେ ଜୁଲାଇ ୧ ତାରିଖରୁ ଜେଡିଏର ସଦସ୍ୟମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜେଡିଏ ପକ୍ଷରୁ ଦାବି ମଧ୍ୟରେ ଯୋଗ୍ୟତା ତାରିଖଠାରୁ କେନ୍ଦ୍ରୀୟ ବେତନ ଗଠନ ଅନୁଯାୟୀ ଡିଏସିପିର କାର୍ଯ୍ୟକାରିତା, ଓଏମ୍‌ଏଚ୍‌ଏସ ବେତନ ଗଠନର ସଂଶୋଧନ ଏବଂ ଲେଭଲ-୧୫ର ପୂର୍ବ ସର୍ତ୍ତାବଳୀର ଉଚ୍ଛେଦ, ସମସ୍ତ ଗ୍ରେଡ ଆନୁପାତିକ କ୍ୟାଡର ପୁନର୍ଗଠନ, ସୁପର ସ୍ପେସାଲିଷ୍ଟ, ସ୍ପେସାଲିଷ୍ଟ, ଡିପ୍ଲୋମାଧାରୀ, ପ୍ରଶାସକଙ୍କ ପାଇଁ କ୍ରମବର୍ଦ୍ଧିଷ୍ଣୁ ପ୍ରୋତ୍ସାହନ, ଶବ ବ୍ୟବଚ୍ଛେଦ ଭତ୍ତା ଏବଂ ଓଏମ୍‌ଏଚ୍‌ଏସ୍ ଓ ଓଏମଇଏସ କ୍ୟାଡର ପାଇଁ ସମାନ ପିବିଆଇ, କେବିକେ, କେବିକେ ପ୍ଲସ୍ ଏବଂ ଟିଏସପି ଅଞ୍ଚଳରେ ୩ ବର୍ଷିଆ ଏକ୍‌ଜିଟ୍ ପଲିସି (କାର୍ଯ୍ୟକାଳ ସୀମା)ର କାର୍ଯ୍ୟକାରିତା, ଦନ୍ତ ଚିକିତ୍ସା କ୍ୟାଡରଗୁଡ଼ିକୁ ଡିଏସିପି, ସ୍ପେସାଲିଷ୍ଟ ଭତ୍ତା, କ୍ୟାଡର ପୁନର୍ଗଠନ ଏବଂ ପିବିଆଇ ସୁବିଧାର ସମ୍ପ୍ରସାରଣ, ଭୁବନେଶ୍ୱରର ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଏମ୍‌ଏଚ୍‌ଏସ୍ କ୍ୟାଡର ପାଇଁ କ୍ୟାପିଟାଲ ହସ୍ପିଟାଲ-୨ର ନିର୍ମାଣ, ନିୟମିତ ବାର୍ଷିକ ଓପିଏସସି ନିଯୁକ୍ତି ଏବଂ ସମୟାନୁବର୍ତ୍ତୀ ଡିପିସି, ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଯେଉଁଥିରେ ଓଡ଼ିଶା ମେଡିକେୟାର ଆକଫର ସଂଶୋଧନ, ଚବିଶ ଘଣ୍ଟା ସଶସ୍ତ୍ର ସୁରକ୍ଷା କର୍ମୀଙ୍କ ବ୍ୟବସ୍ଥା ଏବଂ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପୁଲିସ ଆଉଟପୋଷ୍ଟ (ଫାଣ୍ଡି) ସ୍ଥାପନ ଅନ୍ତର୍ଭୁକ୍ତ, ଆଡ୍-ହକ୍ ଡାକ୍ତରମାନଙ୍କର ନିୟମିତକରଣ ଏବଂ ଡିଏସିପି ବିଚାର ପାଇଁ ଆଡ୍‌ହକ୍ ଓ ଚୁକ୍ତିଭିତ୍ତିକ ସେବା ଅବଧିକୁ ସାମିଲ କରିବା, ସମସ୍ତ ସ୍ୱାସ୍ଥ୍ୟସେବା କର୍ମୀଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ବୀମାର ବ୍ୟବସ୍ଥା କରିବା ନେଇ ଉଲ୍ଲେଖ କରାଯାଇଛି। ଯଦିଓ ଏହାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

**ଆଗକୁ କାର୍ଯ୍ୟବନ୍ଦ ଆନ୍ଦୋଳନ**

# ସିଏମ୍‌ସି ସମ୍ମୁଖରେ ଓଜେସି ବିକ୍ଷୋଭ




**କଟକ,୩୦।୬(ସମିସ):** ଗତ ଶୁକ୍ରବାର ମାତ୍ର ଦେଢ଼ ଘଣ୍ଟାର ବର୍ଷାରେ ସାରା କଟକ ସହର ଜଳାର୍ଣ୍ଣବ ହେବା ଏବଂ କୃତ୍ରିମ ଜଳବନ୍ଦୀ ସମସ୍ୟାକୁ ନେଇ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକ ନଗର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ କମିସନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପଙ୍କ ସଫେଇ ଓ ପମ୍ପ ଚଳାଇବା ନାଁରେ ହୋଇଥିବା ବ୍ୟାପକ ଦୁର୍ନୀତିର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ, କ୍ଷତିଗ୍ରସ୍ତ ବିପନ୍ନଙ୍କୁ ତୁରନ୍ତ ଉଚିତ କ୍ଷତିପୂରଣ ପ୍ରଦାନ, ସହରର ସମସ୍ତ ପମ୍ପିଂ ଷ୍ଟେସନକୁ ସକ୍ରିୟ କରି ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ଜନତା କଂଗ୍ରେସ ଦାବି କରିଛି। ରାଜ୍ୟ ଉପସଭାପତି ନିକୁଞ୍ଜ ପଶାୟତ, ଅନିତା ନାୟକ, ଅନିଲ ବେଉରା, ଶୈଳବାଳା ଜେନା, ବିରେନ୍ଦ୍ର ଦାସ, ନିତ୍ୟାନନ୍ଦ ରାଉତରାୟ, ଶରତଚନ୍ଦ୍ର ଶେଠୀ, କେଦାର ପୃଷ୍ଟି, ପ୍ରତାପ ପରିଡା, କିଶୋର କର, ଇର୍ସାଦ ଖାନ, ପୂର୍ବତନ କର୍ପୋରେଟର ଚାରୁଲତା ସାହୁ, ଗୌରୀ ଦାସ, କାଞ୍ଚନ ଦାସ, ସେକ ସମିମଉଲ୍ଲା, ସେକ ଲିଆକତ ଉଦ୍ଦିନ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ଶରତଚନ୍ଦ୍ର ସେଠୀ, ଚନ୍ଦନ ଦାସ, ଅଜୟ ଗୋଛାୟତ, ଆର୍ଯ୍ୟବୀର ଲେଙ୍କା, ସୁରଜିତ ସାହୁ, ସନ୍ତୋଷ ପାତ୍ର, ଦିଲ୍ଲୀପ ମହାନ୍ତି, ସୁଷମା ଦାସ, ଇଶରତ ଜନାହ, ଶୟଦ ରମୟନ ଅଲ୍ଲୀ, ପ୍ରଭାତୀ ପଟ୍ଟନାୟକ, ସେକ ଗୁଲାମ ମୋଇଉଦ୍ଦିନ, ହରେକୃଷ୍ଣ ବେହେରା, ସେକ ଆବିଦ, ହିମାଂଶୁ ସାହୁ, ଦେବୀପ୍ରସନ୍ନ ମହାପାତ୍ର, ସେକ ଇରଫାନ, ରାକେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଓ ଭତ୍ତା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ

**କଟକ,୩୦।୬(ସମିସ):** ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ହେବାର ୧୮ ଦିନ ପରେ ମଧ୍ୟ କଟକ ମହାନଗର ନିଗମ ଅଞ୍ଚଳରେ ସମସ୍ତ ଯୋଗ୍ୟ ପିଡିଏସ୍ କାର୍ଡଧାରୀଙ୍କୁ କାର୍ଡ ବଣ୍ଟନ ସମ୍ପୂର୍ଣ୍ଣ ହୋଇ ନଥିବା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ବିଷୟ ବୋଲି ବିଜୁ ଜନତା ଦଳ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି ଯେ କାର୍ଡ ପାଇବା ଆଶାରେ ସାଧାରଣ ଗରିବ ଲୋକ ବାରମ୍ବାର ଖୁଚୁରା ବିକ୍ରୟ କେନ୍ଦ୍ରକୁ ଯାଇ ହଇରାଣ ହେବା ସହିତ ହତାଶ ହୋଇ ଫେରୁଛନ୍ତି, କିନ୍ତୁ ଯୋଗାଣ ବିଭାଗ ସମସ୍ୟାର ସମାଧାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହା ସରକାରଙ୍କ ବହୁ ପ୍ରଚାରିତ ଯୋଜନାର ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣିଛି। ଶ୍ରୀ ସିଂହ ଆହୁରି କହିଛନ୍ତି ଯେ ସାଧାରଣ ଗରିବ ଲୋକଙ୍କୁ ମିଳୁଥିବା ବିଭିନ୍ନ ଭତ୍ତା ଯୋଜନା ମଧ୍ୟ ଏପର୍ଯ୍ୟନ୍ତ ସୁଚାରୁରୂପେ କାର୍ଯ୍ୟକାରୀ ହୋଇପାରିନାହିଁ। ଗରିବ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବର୍ତ୍ତମାନ ସରକାର କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟ ଯୋଜନାଗୁଡ଼ିକର ନାମ ପରିବର୍ତ୍ତନ, ହାଇଜାକ୍ କରିବା ଏବଂ ନିଜ ରଙ୍ଗ ଲଗାଇବାରେ ବ୍ୟସ୍ତ ରହିଛନ୍ତି। କିନ୍ତୁ ଜନସାଧାରଣଙ୍କ ପ୍ରକୃତ ସମସ୍ୟା ଦୂର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କଟକ ଭଳି ସହରାଞ୍ଚଳରେ ଯଦି ଆଜି ପର୍ଯ୍ୟନ୍ତ କାର୍ଡ ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇପାରୁନାହିଁ, ତେବେ ଗ୍ରାମାଞ୍ଚଳର ସ୍ଥିତି କିପରି ଥିବ ତାହା ସହଜରେ ଅନୁମାନ କରାଯାଇପାରେ। ତେଣୁ ରାଜ୍ୟ ସରକାର ତୁରନ୍ତ ପିଡିଏସ୍ କାର୍ଡଧାରୀଙ୍କୁ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ପ୍ରଦାନ କରିବା ସହ ଚାଉଳ ବଣ୍ଟନ ଓ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସୁଚାରୁରୂପେ କାର୍ଯ୍ୟକାରୀ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନ୍ୟଥା ଗରିବ ଓ ଅସହାୟ ଲୋକଙ୍କ ନ୍ୟାୟସଙ୍ଗତ ଅଧିକାର ପାଇଁ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଶ୍ରୀ ସିଂହ ଚେତାବନୀ ଦେଇଛନ୍ତି।

**ବିଜେଡି କଟକ ଜିଲ୍ଲା ସଭାପତିଙ୍କ ପ୍ରତିକ୍ରିୟା**

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ମୁଖ୍ୟ ସଞ୍ଚାଳକଙ୍କୁ ବିଦାୟ ସମ୍ବର୍ଦ୍ଧନା



**କଟକ,୩୦।୬(ସମିସ):** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମୁଖ୍ୟ ସଂଚାଳକ ଦିଲ୍ଲୀପ କୁମାର ସିହ୍ନାଙ୍କ ଅବସର ଗ୍ରହଣ ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଢିଆରୀ ପାଠାଗାର ଓ ସୂଚନା କେନ୍ଦ୍ରଠାରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଆଶୁତୋଷ ପାଇକରାୟ, ପ୍ରାକ୍ତନ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭବାନୀ ଶଙ୍କର ଭୂୟାଁ, ଅଶୋକ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ସୋନାଲି କୁଣ୍ଡ, ଅଭିରାମ ଦାସ, ତାପସ କୁମାର ଓଝା, ଶୈଳେନ୍ଦ୍ର ପଣ୍ଡା, ଶୁଭ୍ରାଂଶୁ ମିଶ୍ର, ବନଲତା ବେହେରା ଓ ତନ୍ମୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରିମ୍‌ସ-କିଡ୍‌ସ ଟେକ୍‌ନୋସୋଲ୍ସ ମଧ୍ୟରେ ବୁଝାମଣାପତ୍ର



**କଟକ,୩୦।୬(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ କିଡସ୍ ଟେକ୍‌ନୋସୋଲ୍ସ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବୈଷୟିକ ତାଲିମ୍, ସଫ୍ଟ ସ୍କିଲ ବିକାଶ, ନିଯୁକ୍ତି ସୁଯୋଗ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହାୟତା ପାଇବା ସହିତ ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ରହିଥିବା ଦୂରତା ହ୍ରାସ ପାଇବ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ସହରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ, ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍‌ର 'ଡିନ୍' ଡ. ବିଶ୍ୱରଂଜନ ଷଡଙ୍ଗୀ, 'ଡିନ୍' (ଗବେଷଣା) ପ୍ରଫେସର ବିଶ୍ୱରଂଜନ ମହାନ୍ତି ଏବଂ କିଡସ ଟେକ୍‌ନୋସୋଲ୍ସ ପକ୍ଷରୁ ସିଇଓ ବିରଞ୍ଚି ନାରାୟଣ ସାହୁ, ମାର୍କେଟିଂ ବିଭାଗ ମୁଖ୍ୟ ରଜତ କୁମାର ମିଶ୍ର ପ୍ରମୁଖ ବୁଝାମଣାପତ୍ର ସ୍ୱାକ୍ଷର ବେଳେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ଜ୍ଞାନର ଆଦାନପ୍ରଦାନ, ଦକ୍ଷତା ବିକାଶ, ଶିଳ୍ପ ଅଭିମୁଖୀ ତାଲିମ୍, କ୍ୟାରିୟର ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟିହେବା ବୋଲି ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, 'କିଡସ୍ ଟେକ୍‌ନୋସୋଲ୍ସ' ହେଉଛି ଏକ ବିଶ୍ୱସ୍ତରୀୟ ବୃତ୍ତିଗତ ସେବା ପ୍ରଦାନକାରୀ ସଂସ୍ଥା ଯାହାର ଟେକନୋଲୋଜି, ଆଇଟି ଏବଂ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଦୀର୍ଘ ବର୍ଷର ପ୍ରଭାବୀ ଭୂମିକା ରହିଛି।

# କଟକ କଲେଜରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କଟକ,୩୦।୬(ସମିସ):** କଟକ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଡକ୍ଟର ଅମିତାରାଣୀ ଜେନା ଓ ବରିଷ୍ଠ ଓଡ଼ିଆ ଅଧ୍ୟାପିକା ଡକ୍ଟର ବିନତା ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷା ଡକ୍ଟର ରୁନୁବାଳା ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ମହାରଣା, ଅଧ୍ୟାପିକା ଡକ୍ଟର ଜେନା ଓ ଅଧ୍ୟାପିକା ଡକ୍ଟର ସାହୁଙ୍କର କର୍ମମୟ ଜୀବନ ଓ ଉଚ୍ଚକୋଟୀର ଶିକ୍ଷାଦାନ ଶୈଳୀ ପ୍ରଶଂସନୀୟ ବୋଲି ମତ ବ୍ୟକ୍ତ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ଦେବପ୍ରସାଦ ପତି ଜଗନ୍ନାଥ ଅଷ୍ଟକମ୍ ପାଠ କରିଥିଲେ। ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ମଣ୍ଟୁ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ସୁଶାନ୍ତ ମହାନ୍ତି, କର୍ମଚାରୀ ସଂଘ ସମ୍ପାଦକ ଚିନ୍ମୟ କୁମାର ଦାସ, ଅଧ୍ୟାପିକା ଡକ୍ଟର ବନ୍ଦନା ସ୍ୱାଇଁ, ଅଧ୍ୟାପକ ଡକ୍ଟର ଦେବପ୍ରସାଦ ପତି, ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ଡ ଦେବେନ୍ଦ୍ର ଓଝା, ଅଧ୍ୟାପିକା ପ୍ରିୟଦର୍ଶିନୀ ଡାକୁଆ, ଡକ୍ଟର ମହମ୍ମଦ ଖୁର୍ସିଦ୍, ଅଧ୍ୟାପିକା ଦିପାଶ୍ରୀ ମହାପାତ୍ର, ଅଧ୍ୟାପିକା ଡକ୍ଟର ରୂପାଲି ମଧୁସ୍ମିତା, ଅଧ୍ୟାପିକା ରାଜଶ୍ରୀ ନାୟକ, ଅଧ୍ୟାପିକା ଅସ୍ୱସ୍ତି ନାୟର, ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା, ଅର୍ଚ୍ଚନା ସାହୁ, ଶକ୍ତି ପାଲ୍ ଉଭୟଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।




# ଅପ୍‌ଡେଟ୍ ହେଉନି 'ସହାୟତା' ଆପ୍ଲିକେସନ୍ ଆପ୍

**କଟକ,୩୦।୬(ସମିସ):** କମିସନରେଟ୍ ପୁଲିସ ମହିଳାଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା କରୁଛି। ସହରରେ କେଉଁଭଳି ଭାବେ ଜଣେ ମହିଳା ସୁରକ୍ଷିତ ଭାବେ ଯାତାୟତ କରିବ, ଚଳପ୍ରଚଳ କରିବ ଏବଂ ବିନା ଭୟରେ ନିଜ ଘର ବା କର୍ମ ସଂସ୍ଥାନକୁ ଯାଇପାରିବ, ତାହା ଉପରେ ପୁଲିସ ଗୁରୁତ୍ୱ ଦେଉଛି। ହେଲେ ବାସ୍ତବରେ ଭିନ୍ନ ଚିତ୍ର ପ୍ରତିଫଳିତ ହେଉଛି। କଟକ ସହରରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ଯୋଗାଇ ଦେବା ପାଇଁ କମିସନରେଟ୍ ପୁଲିସ ୨୦୧୯ ମସିହାରେ 'ସହାୟତା' ନାମରେ ଏକ ଆପ୍ଲିକେସନ୍ ଲୋକାର୍ପଣ କରିଥିଲା। ଏହି ଆପ୍'ମାଧ୍ୟମରେ ବିପଦରେ ପଡ଼ିଥିବା ଜଣେ ମହିଳା ତୁରନ୍ତ ପଞ୍ଜୀକରଣ କରିପାରିବ। ଯଥାଶୀଘ୍ର ପୁଲିସର ଦୃଷ୍ଟିଗୋଚର କରିବା ଭଳି ସୁବିଧା ଉପଲବ୍ଧ ରହିଥିଲା। ଏହାର ଲୋକପ୍ରିୟତା ଏତେ ଅଧିକ ରହିଥିଲା ଯେ ମାତ୍ର ୬ମାସରେ ୧ଲକ୍ଷ ମହିଳା ଏହି ଆପ୍'ରେ ପଞ୍ଜୀକରଣ କରିଥିଲେ। ୨୦୨୦ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ଏହି ଆପ୍ ସଫଳ ଭାବେ କାର୍ଯ୍ୟ କରୁଥିଲା। ହେଲେ ବୈଷୟିକ ତ୍ରୁଟି ଦର୍ଶାଇ ହଠାତ୍ ଏହି ଆପ୍‌କୁ ବନ୍ଦ କରି ଦିଆଯାଇଛି। ପ୍ରତ୍ୟେକଙ୍କ ହାତରେ ଇଣ୍ଟରନେଟ୍ ସଂଯୋଗ ଥିବା ମୋବାଇଲ୍ ଫୋନ୍ ଉପଲବ୍ଧ ରହୁଥିବା ବେଳେ ବିଭିନ୍ନ ଆପ୍ ଜରିଆରେ ଅନେକ ଜରୁରୀ ସେବା ପାଇପାରୁଛନ୍ତି। ମାତ୍ର ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ସହାୟତା ଆପ୍ ବନ୍ଦ ହୋଇଯିବା ପରେ ବିଭିନ୍ନ ମହଲରେ କମିସନରେଟ୍ ପୁଲିସ ସମାଲୋଚନାର ଶିକାର ହେଉଛି। ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସ ପକ୍ଷରୁ ଯୋଗାଇ ଦିଆଯାଉଥିବା ଆପ୍‌ଗୁଡ଼ିକୁ ଡିସିପିଙ୍କ କାର୍ଯ୍ୟାଳୟରେ ନିୟନ୍ତ୍ରଣ କରାଯାଇଥାଏ। ଆପ୍‌ଗୁଡ଼ିକୁ ବିଭିନ୍ନ ସମୟରେ ଅପଡେଟ୍ କରାଯାଏ। ପ୍ଲେ-ଷ୍ଟୋର୍‌ରେ ସମସ୍ୟା ଯୋଗୁଁ ମଧ୍ୟ ବେଳେ ବେଳେ ଆପ୍ ଉପଲବ୍ଧ ହୋଇ ପାରେ ନାହିଁ। ସହାୟତା ଆପ୍ଲିକେସନ୍‌କୁ ପୁନଃକାର୍ଯ୍ୟକ୍ଷମ କରାଇବାକୁ ଚେଷ୍ଟା ଚାଲିଛି। ବୈଷୟିକ ତ୍ରୁଟିର ସମାଧାନ ହେବା ପରେ ଏହି ଆପ୍ ଆଉ ଥରେ ମହିଳାଙ୍କ ସୁରକ୍ଷା ନିମନ୍ତେ ଲୋକାର୍ପିତ କରାଯିବ। ଏହାର ଅପଗ୍ରେଡ୍ ଭର୍ସନ ଗୁଗଲ୍ ପ୍ଲେ-ଷ୍ଟୋରରେ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସୁରକ୍ଷା ନିମନ୍ତେ, ପୁଲିସ ଏକ ମାର୍ଗଦର୍ଶିକା ଜାରି କରିଥିଲା। ଅସୁବିଧାରେ ପଡ଼ିଥିବା ମହିଳାମାନେ ପୁଲିସ କଣ୍ଟ୍ରୋଲ୍ ରୁମ୍‌କୁ ୧୧୨କୁ ଯୋଗଯୋଗ କରିବାକୁ କୁହାଯାଇଛି। ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ନପହଞ୍ଚିବା ଯାଏଁ, ଜନଗହଳି ତଥା ପେଟ୍ରୋଲ୍ ପମ୍ପ୍ ଭଳି ପବ୍ଲିକ୍ ପ୍ଲେସ୍‌ରେ ଅସୁବିଧାରେ ପଡିଥିବା ମହିଳାଙ୍କୁ ରହିବାକୁ ପରାମର୍ଶ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଯୋଗ ମାଧ୍ୟମ କୁହାଯାଉଥିବା ସହାୟତା ଆପ୍ ଏବେ ବନ୍ଦ ହୋଇଯିବାରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। କମିସନରେଟ୍ ପୁଲିସର ଆପ୍‌ଗୁଡିକ ପରିଚାଳନା କରୁଥିବା ଅଧିକାରୀଙ୍କ ସହିତ ଯୋଗଯୋଗ କରିବାରୁ ଜଣାପଡ଼ିଛି, ଏହି ସହାୟତା ଆପ୍‌ଟି ଓଲ୍ଡର୍ ଭର୍ସନ ହୋଇଥିବାରୁ ଆପେ ଆପେ ପ୍ଲେ-ଷ୍ଟୋରରେ ଅଚଳ ହୋଇପଡ଼ିଛି। ଏହାକୁ ପୁନଃକାର୍ଯ୍ୟକ୍ଷମ କରାଇବାକୁ ଚେଷ୍ଟା କରାଯାଉଛି।

**ପଞ୍ଜୀକରଣ ସଂଖ୍ୟା ଥିଲା ୧ ଲକ୍ଷ**

## ରଥଯାତ୍ରା ପ୍ରସ୍ତୁତି ଓ ବର୍ଷାଜନିତ ଜଳବନ୍ଦୀ ପରିସ୍ଥିତିର ସମୀକ୍ଷା

# ଅଧିକାରୀଙ୍କୁ କ୍ଷେତ୍ରସ୍ତରୀୟ ତଦାରଖ ପାଇଁ ନିର୍ଦ୍ଦେଶ

କଟକ,୩୦।୬(ସମିସ)



ରଥଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧା ଏବଂ ସହରର ସୁଚାରୁ ପରିଚାଳନାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆଜି କଟକ ମହାନଗର ନିଗମର ମେୟର ସୁବାସ ସିଂହ ଓ ସିଏମସି କମିସନର ସହରର ବିଭିନ୍ନ ରଥଯାତ୍ରା ସ୍ଥଳ ଏବଂ ବର୍ଷାଜନିତ ଜଳବନ୍ଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ମେୟର ଓ କମିସନର ରଥଯାତ୍ରା ସମୟରେ କୌଣସି ପ୍ରକାର ସମସ୍ୟା ସୃଷ୍ଟି ନହେବା ପାଇଁ ସମସ୍ତ ପ୍ରସ୍ତୁତିକୁ ଯାଞ୍ଚ କରିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଭକ୍ତମାନଙ୍କର ଯାତାୟାତ, ପରିମଳ ବ୍ୟବସ୍ଥା, ପାନୀୟଜଳ, ଆଲୋକୀକରଣ, ସଫେଇ, ଜରୁରିକାଳୀନ ସେବା ଏବଂ ଟ୍ରାଫିକ୍ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହାପରେ ସେମାନେ ସହରର ବିଭିନ୍ନ ଜଳବନ୍ଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରି ଡ୍ରେନେଜ୍ ବ୍ୟବସ୍ଥା ମାଧ୍ୟମରେ ବର୍ଷାଜଳର ଶୀଘ୍ର ନିଷ୍କାସନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଜଳ ନିଷ୍କାସନରେ କୌଣସି ବାଧା ନରହିବା, ପମ୍ପିଂ ବ୍ୟବସ୍ଥାକୁ ସଦା ସକ୍ରିୟ ରଖିବା, ଡ୍ରେନ୍‌ଗୁଡ଼ିକର ନିୟମିତ ସଫେଇ ଏବଂ ବର୍ଷା ସମୟରେ ତୁରନ୍ତ ପ୍ରତିକ୍ରିୟା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହିକ୍ରମରେ ମେୟର ଶ୍ରୀ ସିଂହ କହିଲେ ଯେ ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ପରିବେଶ ଯୋଗାଇ ଦେବା ସିଏମସିର ପ୍ରାଥମିକ ଦାୟିତ୍ୱ। ସେହିପରି ବର୍ଷାଜନିତ ଜଳବନ୍ଦୀ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି। ନାଗରିକମାନଙ୍କୁ କୌଣସି ଅସୁବିଧା ନହେବା ପାଇଁ ସିଏମସିର ସମସ୍ତ ଟିମ୍ ୨୪ ଘଣ୍ଟିଆ ପ୍ରସ୍ତୁତ ଅବସ୍ଥାରେ ରହିଛନ୍ତି। ସିଏମସି କମିସନର ମଧ୍ୟ କହିଥିଲେ ଯେ ବର୍ଷା ଋତୁକୁ ଦୃଷ୍ଟିରେ ରଖି ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ଆବଶ୍ୟକ ସ୍ଥାନରେ ପମ୍ପ ଏବଂ ଅନ୍ୟାନ୍ୟ ଉପକରଣ ମୁତୟନ କରାଯାଇଛି। ଯେକୌଣସି ଆପାତକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମସ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି। କଟକ ମହାନଗର ନିଗମ ପକ୍ଷରୁ ରଥଯାତ୍ରା ଓ ବର୍ଷା ଋତୁରେ ସହରବାସୀଙ୍କୁ ନିର୍ବିଘ୍ନ ନାଗରିକ ସେବା ଯୋଗାଇବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଜୋରଦାର କରାଯାଇଥିବା ବେଳେ ଅଧିକାରୀମାନଙ୍କୁ କ୍ଷେତ୍ରରେ ରହି ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସମ୍ପାଦକୀୟ



ଆମ ସମ୍ବିଧାନ କେବଳ ଆଇନଜ୍ଞଙ୍କ ଏକ ଦସ୍ତାବେଜ ନୁହେଁ, ଏହା ଭାରତୀୟ ଜନଜୀବନର ବାହକ ଏବଂ ସର୍ବକାଳୀନ ପ୍ରେରଣାର ଉତ୍ସ
-ଡ. ବିଆର ଆମ୍ବେଦକର

ସକାଳ
THE SAKALA

## ଜଳସଙ୍କଟର ଚେତାବନୀ

କିଛି ସଙ୍କଟକୁ ସର୍ବଦା ସ୍ଥାନୀୟ ଭାବେ ଦେଖି ହୁଏ ନାହିଁ; ଏହାସହିତ ଗୋଟିଏ ଦେଶର ଓ ଏହାର ଲୋକଙ୍କର ଭାଗ୍ୟ ତଥା ଭବିଷ୍ୟତ ପରୋକ୍ଷ ଭାବେ ଯୋଡ଼ି ହୋଇଯାଏ। ସମ୍ପ୍ରତି ଦେଶର ଯେଉଁକେତେକ ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଉଥିବାର ତଥ୍ୟ କେନ୍ଦ୍ର ଜଳ ଆୟୋଗ ପକ୍ଷରୁ ପ୍ରକାଶ ପାଇଛି ତାହା ଉପରୋକ୍ତ ତର୍କ ସହିତ ଯୋଡ଼ା ଯାଇପାରେ। କିଛିବର୍ଷ ତଳେ ବେଙ୍ଗାଲୁରୁରେ ସୃଷ୍ଟ ଜଳ ସଙ୍କଟ ଯୋଗୁଁ ବହୁ ଦେଶୀ, ବିଦେଶୀ ପ୍ରତିଷ୍ଠିତ କମ୍ପାନୀ କାର୍ଯ୍ୟାଳୟ ବନ୍ଦ କରି କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଲୋକ ନିଜର ଘରେ ତାଲା ଲଗାଇ ନିଜ ନିଜ ଗାଁ ଓ ରାଜ୍ୟକୁ ମଧ୍ୟ ପଳାୟନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚେନ୍ନାଇରେ ମଧ୍ୟ ହୋଟେଲ୍ ବନ୍ଦ ହୋଇଯାଇଥିବା ବେଳେ ରାଜସ୍ଥାନର କେତେକ ଅଞ୍ଚଳରେ ପାଣି ପାଇଁ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ସାରା ଦେଶରେ ଅନୁଭୂତ ହୋଇଥିଲା

ଦିନକୁ ଦିନ ଉତ୍କଟ ହୋଇଚାଲିଥିବା ଜଳସଙ୍କଟ ପାଇଁ ଅଭାବୀ ମୌସୁମୀ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଅପେକ୍ଷା ମାନବ କାର୍ଯ୍ୟକଳାପ ଅଧିକ ଦାୟୀ। ଏବେ ଚେନ୍ନାଇ, ଦିଲ୍ଲୀ, ବେଙ୍ଗାଲୁରୁ, ପୁଣେ, ଅହମ୍ମଦାବାଦ, ଗୁରୁଗ୍ରାମ, ହାଇଦ୍ରାବାଦ, ବିଶାଖାପାଟଣା, ଭୁବନେଶ୍ୱର ଆଦି ମେଟ୍ରୋ ପଲିଟାନ୍ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ସହରରେ ମଧ୍ୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଉଦାହରଣ ଭାବେ ବେଙ୍ଗାଲୁରୁ ସହରକୁ ନିଆଯାଇପାରେ। ଏହି ନଗରୀର ଜଳଯୋଗାଣ ବ୍ୟବସ୍ଥା ଏକଦା ଶତାଧିକ ହ୍ରଦ ଓ ବଡ଼ ବଡ଼ ସରୋବର ଉପରେ ନିର୍ଭର କରୁଥିଲା। କାବିନି ଓ କାବେରୀ ଡ୍ୟାମ୍‌ରୁ ପାଇପ୍ ଯୋଗେ ବହୁ ଦୂରରୁ ପାଣି ଅଣାଯାଇ ସହରକୁ ଯୋଗାଇ ଦିଆଯାଉଥିଲା। ପରିତାପର ବିଷୟ ହେଲା ନଦୀ ନଥିବା ଏହି ସହର ବିଗତ କେଇ ବର୍ଷ ଧରି ଅସମ୍ଭବ ଭାବେ ଉଭୟ ଅନୁପ୍ରସ୍ଥ (ହୋରାଇଜେଣ୍ଟାଲ) ଓ ଉଲମ୍ବ (ଭର୍ଟିକାଲ) ଆକାରରେ ବଢ଼ୁଛି। ବୃହତ୍ ବେଙ୍ଗାଲୁରୁ ନଗରପାଳିକାର କାୟା ବୃଦ୍ଧି ପ୍ରତିବର୍ଷ ଘଟି ନଗର ଉପାନ୍ତ ଶହ ଶହ ଗ୍ରାମକୁ ଏଥିରେ ସାମିଲ କରାଯାଉଛି। ବିଲଡର ଓ ବ୍ୟକ୍ତିଗତ ଲୋକ ସେଠାରେ ଯାଗା କିଣି ଆକାଶଚୁମ୍ବୀ ଅଟ୍ଟାଳିକା ଓ ଭବନମାନ ନିର୍ମାଣ କରୁଛନ୍ତି। ଜଳାଶୟ, ଆର୍ଦ୍ରଭୂମି ଆଦିକୁ ଅବିଚାରିତ ଭାବେ ପୋତି ଘର ଓ ବ୍ୟବସାୟ ପ୍ରତିଷ୍ଠାନ କରାଯାଉଛି। ପ୍ରାକୃତିକ ଝରଣା ଓ ଜଳାଶୟଗୁଡ଼ିକ ସହରୀ ଆବର୍ଜନାରେ ପୋତି ହୋଇ ଶୁଖିଯାଉଛି।

ପଚାଶ ବର୍ଗ କିମି ପରିମିତ ଅଞ୍ଚଳରେ ଏକ କୋଟିରୁ ଅଧିକ ଲୋକ ବସବାସ କରିବା ଏବଂ ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ଗଢ଼ି ଉଠିବା ଫଳରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଇବା ସ୍ୱାଭାବିକ। ସହରରେ ଭୂତଳ ଜଳର ପୁନଃକ୍ଷରଣ ବ୍ୟବସ୍ଥା ନାହିଁ। ତେଣୁ ପରିସ୍ଥିତି ଅଣାୟତ୍ତ ହେବା ସ୍ୱାଭାବିକ। ଏହା ଏକ ମନୁଷ୍ୟକୃତ ବିପତ୍ତି। ନଗର ପ୍ରଶାସନ ଓ ସରକାରଙ୍କ ଦୂରଦୃଷ୍ଟି ଏବଂ ଯୋଜନାର ଅଭାବ ଏହାର ମୁଖ୍ୟ କାରଣ। ଏହି ସହରରେ ଏକଦା ୨୬୨ ପ୍ରାକୃତିକ ହ୍ରଦ ଥିଲା। ମାତ୍ର ଛଅ ଦଶନ୍ଧି ମଧ୍ୟରେ ଏହାର ସଂଖ୍ୟା ୮୧ କୁ କମିଆସିଛି। ନଗରୀରେ ଜଳ ବଣ୍ଟନ, ପରିଚାଳନା, ବର୍ଜ୍ୟଜଳର ପୁନଃ ବ୍ୟବହାର, ଜଳ ଯୋଗାଣ ବ୍ୟବସ୍ଥା ବାଟବଣା ହୋଇଯାଇଛି। ଜନସଂଖ୍ୟାର ଚାପ ଏହାକୁ ଉତ୍କଟ କରିଛି। ଜଳ ଉତ୍ସ ନଥିବା ନଗରୀର ଅବସ୍ଥା ସେତେବେଳେ କ'ଣ ହେବ, ତାହା ଚିନ୍ତାର ବିଷୟ। ଦକ୍ଷିଣ ଆଫ୍ରିକାର ଡରବାନ ପରେ ଏହା ବିଶ୍ୱର ଦ୍ୱିତୀୟ ନଗରୀ, ଯେଉଁଠି ଭୂତଳଜଳ ଶୂନ୍ୟରେ ପହଞ୍ଚିଛି। ନଳକୂଅ ସବୁ ଅକାମୀ ହୋଇପଡ଼ିଛି। କୂଅ ଶୁଖିଯାଇଛି। ୨୦୨୨ରେ କର୍ଣ୍ଣାଟକ ସରକାର ଯେଉଁ ଜଳନୀତି ପ୍ରସ୍ତୁତ କରିଥିଲେ, ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥିଲେ ଆଜି ଏ ସମସ୍ୟା ହୁଏତ ହୋଇନଥା'ନ୍ତା। ସମାନ ପରିସ୍ଥିତି ଭୁବନେଶ୍ୱର ଓ କଟକ ସମେତ ମହାନଗର ନିଗମ ଓ ତତ୍‌ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଦେଖିବାକୁ ମିଳୁଛି। ଯେଉଁ ଛଅଟି ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି ବୋଲି ଆୟୋଗ ରିପୋର୍ଟରେ ଉଲ୍ଲେଖ ରହିଛି ସେମାନଙ୍କ ମଧ୍ୟରେ ଓଡ଼ିଶା ମଧ୍ୟ ଅଛି। ଓଡ଼ିଶା ସମେତ ଦେଶର ୧୬୬ ବୃହତ୍ ଜଳଭଣ୍ଡାର ମଧ୍ୟରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି।

ଏବେ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସମେତ ଭାରତର ୩୦ଟି ପ୍ରମୁଖ ନଗରୀ ଜଳକଷ୍ଟର ସମ୍ମୁଖୀନ ବୋଲି ଜଳ ଆୟୋଗ ରିପୋର୍ଟରୁ ଜଣାଯାଏ। ଏହାକୁ ଅସତ୍ୟ କୁହାଯାଇ ନ ପାରେ। ଭାରତ ବିଶ୍ୱର ଏକ ଜଳ ବଳକା (ମଧୁର ଜଳ) ଦେଶ ହୋଇଥିଲେ ମଧ୍ୟ ଅନେକ ସହର ଓ ଗ୍ରାମାଞ୍ଚଳରେ ଜଳକଷ୍ଟ ବର୍ଷକୁ ଛ'ମାସ ଦେଖାଦିଏ। ଏହାର ପ୍ରମୁଖ କାରଣ ହେଲା ଜଳର କୁପରିଚାଳନା, ଜଳର ମହତ୍ତ୍ୱ ଓ ଗୁରୁତ୍ୱ ନେଇ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ, ଅପଚୟପୂର୍ଣ୍ଣ ଜଳ ଯୋଗାଣ ବ୍ୟବସ୍ଥା, ସଂରକ୍ଷଣର ଅଭାବ, ଦୂଷିତ ଜଳ ଯୋଗାଣ ଏବଂ ଦ୍ରୁତ ଶିଳ୍ପ ଓ ସହରାୟନ। ବିକଶିତ ଭାରତ ନିର୍ମାଣ ପାଇଁ ଆମର ପ୍ରସ୍ତୁତି ଚାଲିଥିବା ବେଳେ ଦେଶର ପ୍ରମୁଖ ସହରାଞ୍ଚଳରେ ଉତ୍କଟ ଜଳାଭାବ ଆଦୌ ଏକ ଶୁଭସୂଚନା ନୁହେଁ।

ଜଳ କେବଳ ଜୀବନ ପାଇଁ ନୁହେଁ, ଅର୍ଥନୀତି, ବିକାଶ ଓ ସଭ୍ୟତା ନିମନ୍ତେ ମଧ୍ୟ ଅପରିହାର୍ଯ୍ୟ। ଜଳ ସଙ୍କଟ ଏବେ ଏକ ଜାତୀୟ ବିପତ୍ତି ଏବଂ ସମଗ୍ର ଦେଶ ତଥା ପ୍ରମୁଖ ନଗରୀଗୁଡ଼ିକ ନିମନ୍ତେ ଏକ ଚେତାବନୀ। ଉପରମୁଣ୍ଡରେ ନଦୀଜଳକୁ ଡ୍ୟାମ କରି ଅଟକାଇବା ଫଳରେ ଅନେକ ତଳମୁଣ୍ଡ ରାଜ୍ୟରେ ଜଳ ସଙ୍କଟ ଅତ୍ୟନ୍ତ ଉତ୍କଟ ହେଉଛି। ଓଡ଼ିଶା ଏଭଳି ଏକ ସ୍ଥିତିରେ ଶିକାର ହେଉଛି। ତେଣୁ ବେଳ ଥାଉ ଥାଉ ଆମ ପ୍ରମୁଖ ତଥା ଜନାକୀର୍ଣ୍ଣ ନଗରୀଗୁଡ଼ିକର ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାର ଜାତୀୟସ୍ତରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ। ଜଳବାୟୁ ପରିବର୍ତ୍ତନ ଏ ସଙ୍କଟକୁ ଅଧିକ ଜଟିଳ କରିବା ପୂର୍ବରୁ ପ୍ରତିକାର ଜରୁରୀ ମନେହୁଏ।

---

### ମୋ ସ୍ୱପ୍ନର ଓଡ଼ିଶା

## ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

***ସ୍ୱପ୍ନ-ଶୂନ୍ୟ ମରୁପ୍ରାନ୍ତର:*** ନିଜ ଦେଶ, ରାଜ୍ୟ ବା ପୃଥିବୀକୁ କେନ୍ଦ୍ର କରି ନୂତନ ନୂତନ ସ୍ୱପ୍ନରେ ଆନ୍ଦୋଳିତ ହେଉଥିବା ମଣିଷଙ୍କ ସଂଖ୍ୟା ଆଜି କେତେ? ସାମୂହିକ କଲ୍ୟାଣ ନିମିତ୍ତ ଯେଉଁ ସ୍ୱଦେଶପ୍ରେମୀ ଓ ମାନବାନୁରାଗୀ ମହାନ କୃତୀ-ସନ୍ତାନବୃନ୍ଦ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଆଉ ଉତ୍ତରପିଢ଼ି ସକାଶେ ବୁଣି ଦେଇଗଲେ ଅଜସ୍ର ସ୍ୱପ୍ନର ବିହନ - ସେମାନେ କ'ଣ କେବେ ହେଲେ ଆଶଙ୍କା କରିପାରିଥିବେ ଯେ ସ୍ୱପ୍ନର ଚାରା ସବୁ ଉପାଡ଼ି ଦିଆଯିବ ନିଷ୍ଠୁର ଭାବରେ? ଫୁଲ ଫୁଟିବା ପୂର୍ବରୁ କୋମଳ କଳିକାଗୁଡ଼ିକ ବୃନ୍ତଚ୍ୟୁତ କରିଦିଆଯିବ? ଯେଉଁଠି ଚାରାଟି ପଲ୍ଲବିତ ହୋଇ ଆକାଶ ଅଭିମୁଖୀ, ତା' ଦେହରୁ ଡାଳପତ୍ର ସବୁ ଅବିଚାରିତ ଭାବରେ ଛେଦନ କରାଯିବ? 'ଏଲ-ନିନୋ' ପ୍ରଭାବରେ କୃଷିକ୍ଷେତ୍ର ଶୁଷ୍କ ହୋଇ ଚିରା ଚିରା ହୋଇ ଫାଟିଯିବା ପରି ସ୍ୱପ୍ନର ସବୁଜକ୍ଷେତ ସବୁ ଉଜୁଡ଼ି ଯିବ? ସ୍ୱପ୍ନର ମରୁଡ଼ିରେ କ୍ରନ୍ଦନ କରିବ ଏ ବସୁନ୍ଧରା -ଏହା ତ କଳ୍ପନାରେ ଆସି ନଥିବ ସେମାନଙ୍କ ଭାବନା-ରାଜ୍ୟକୁ।

ଜାତିର ପିତା ମହାତ୍ମା ଗାନ୍ଧୀ ଓ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀ ଯେଉଁ 'ସ୍ୱପ୍ନର ଭାରତ' ନିର୍ମାଣ କରିଥିଲେ ତାଙ୍କ ମାନସ ପଟରେ ତାହା କ'ଣ ଏହି ଭାରତବର୍ଷ? ଅନୁରୂପ ଭାବରେ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ସ୍ୱଭାବ-କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, ବାଗ୍ମୀ ବିଶ୍ୱନାଥ କର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, କବି ବ୍ରଜମୋହନ ପଣ୍ଡା, ଦୟାନିଧି ମିଶ୍ର, ଚନ୍ଦ୍ରଶେଖର ବେହେରା, ସୁବିଖ୍ୟାତ ରାଜା ମହାରାଜାମାନେ ଯେଉଁ 'ସ୍ୱତନ୍ତ୍ର ଓଡ଼ିଶା'ର ସ୍ୱପ୍ନ ଦେଖିଥିଲେ ତାହା କ'ଣ ଏହି ଓଡ଼ିଶା? ସତକୁ ସତ ଏହି ସ୍ୱପ୍ନଶୂନ୍ୟ ମରୁପ୍ରାନ୍ତରକୁ ଦେଖିବା କିମ୍ବା ଅନୁଭବ କରିବା ଯଦି ସମ୍ଭବ ହେଉଥାଏ ସେଇ ଅଶରୀରୀ ମହତଆତ୍ମାଙ୍କ ପକ୍ଷରେ, ତା'ହେଲେ ସେମାନଙ୍କ କ୍ରନ୍ଦନ ଆମର କଳନାତୀତ। ସେମାନଙ୍କ ପରବର୍ତ୍ତୀ ପିଢ଼ି ନିକଟରେ ସ୍ୱଦେଶ ଓ ସ୍ୱଜାତିକୁ ନେଇ ଗୌରବବୋଧ କରିବାର ହାର୍ଦ୍ଦିକତା ଅନେକ ପରିମାଣରେ ରହି ପାରିଥିଲା ଅକ୍ଷୁଣ୍ଣ। କିନ୍ତୁ ତତ୍‌ପରବର୍ତ୍ତୀ ଉତ୍ତରାଧିକାରୀମାନେ ସ୍ୱପ୍ନ କହିଲେ ବୁଝନ୍ତି ନିଜ ନିଜର ବ୍ୟକ୍ତିଗତ ଉତ୍ଥାନ। ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଉଦ୍ଦିଷ୍ଟ ଉଦ୍ୟମ। ଦେଶଭକ୍ତି, ମାତୃଭାଷା ସଂପ୍ରୀତି, ରାଜ୍ୟର ସମୂହ ବିକାଶ କେବଳ ବହିର ବିଷୟମାତ୍ର। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ତଥ୍ୟ ସଂଗ୍ରହ ମଧ୍ୟରେ ତାହା ସୀମିତ। ତୀବ୍ର ବୁଦ୍ଧିମତ୍ତାର ଚାପରେ ହୃଦୟବତ୍ତା ସୁପ୍ତ, ନିସ୍ତେଜ, ନିସ୍ତବ୍ଧ।

***ପ୍ରତିଦ୍ୱନ୍ଦ୍ୱିତା-ପୀଡ଼ିତ ପରିମଣ୍ଡଳ:*** ସମ୍ପ୍ରତି ଅଭିଭାବକ, ଅଧ୍ୟାପକ, ଶିକ୍ଷକ, ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀ, ରାଜନୈତିକ ନେତୃମଣ୍ଡଳୀ, ଏପରିକି ସାହିତ୍ୟ ଆଦି ସବୁସ୍ତରରେ ଯେଉଁ ତୀବ୍ର ପ୍ରତିଯୋଗିତା ପରିଦୃଷ୍ଟ, ସେଥିରେ ସମାଜ ପାଇଁ ସ୍ୱପ୍ନ ସବୁ କ୍ଷଣକରେ ପରାଜିତ ଆଉ ଚୂର୍ଣ୍ଣୀଭୂତ। ସ୍କୁଲ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଜୀବନର ଲକ୍ଷ୍ୟ ସମ୍ପର୍କରେ ଲେଖିବା ବେଳେ ବ୍ୟକ୍ତିଗତ ଜୀବନର ଉଚ୍ଚାକାଂକ୍ଷା ବିଷୟ ହିଁ ବର୍ଣ୍ଣନା କରନ୍ତି। ଶ୍ରେଷ୍ଠ କୃତୀ-ଛାତ୍ରଛାତ୍ରୀମାନେ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସେହି ଆଭିମୁଖ୍ୟ ହିଁ ପ୍ରକାଶ କରନ୍ତି। ନିଜ କର୍ତ୍ତବ୍ୟ ମାଧ୍ୟମରେ ଦେଶ ସେବା ସେମାନଙ୍କ ବ୍ରତ ହେବ ବୋଲି ଯେଉଁମାନେ ଗଣମାଧ୍ୟମ ଆଗରେ କହନ୍ତି ସେମାନଙ୍କ ପରବର୍ତ୍ତୀ ଜୀବନର କାର୍ଯ୍ୟକଳାପ କିଏ ଅବା ଆଉ ସମୀକ୍ଷା କରନ୍ତି? ବଜାରରେ ଯେଉଁ ବିଷୟର ଚାହିଦା ଅଧିକ ନିଜକୁ ସେହି ଭାବରେ ଗଢ଼ିବା ସେମାନଙ୍କ ଓ ପିତାମାତାଙ୍କ ଲକ୍ଷ୍ୟ। କୌଣସି କବିଙ୍କ କବିତାର ପଦଟିଏ, ମହାପୁରୁଷଙ୍କ ଜୀବନର ଘଟଣାଟିଏ ତାଙ୍କୁ ଶିହରିତ କରିଦେଇପାରୁନାହିଁ। ଅନ୍ୟମାନଙ୍କୁ ପଛରେ ପକାଇ, ଅନ୍ୟମାନଙ୍କ ଉପରେ ମାଡ଼ି ମକଚି ଉପର ସ୍ତରକୁ ପହଞ୍ଚିବା ହିଁ ଯେଉଁଠି ଏକମାତ୍ର ଅଭିଳାଷ ସେଠି ଓଡ଼ିଶା ଗଢ଼ିବାର ସ୍ୱପ୍ନ ମୁକୁଳିତ ହେବ ବୋଲି କିପରି ଆଶା କରାଯାଇପାରେ?

***ଉପେକ୍ଷିତ ବର୍ଗଙ୍କ ଅସହାୟତା:*** ଯେଉଁମାନେ ଆର୍ଥିକ, ସାମାଜିକ, ଶୈକ୍ଷିକ ସ୍ତରରେ ଅନଗ୍ରସର, ସେମାନେ ତ ଭାରତର ସ୍ୱାଧୀନତା ଦିବସ କେବେ, ଓଡ଼ିଶା ଦିବସ କେବେ - ଏସବୁ କିଛି ବି ଜାଣନ୍ତିନି। ଗ୍ରାମାଞ୍ଚଳରେ ପଢୁଥିବା ବହୁ ଛାତ୍ରଛାତ୍ରୀ ଜ୍ଞାନ-ବିଜ୍ଞାନର ପ୍ରତିଯୋଗିତାଠାରୁ କେତେ ଦୂରବର୍ତ୍ତୀ ତାହା କଳ୍ପନା ବି କରିହେବ ନାହିଁ। କୌଣସି ଏକ ସଭାରେ ଏ ସାମାନ୍ୟ ଲେଖକଟି ଶୁଣିଲା ଜଣେ ପ୍ରସିଦ୍ଧ ରାଜନେତାଙ୍କ ବକ୍ତବ୍ୟ। ତାହାର ମର୍ମାର୍ଥ ହେଉଛି - 'ସ୍ୱଦେଶର ବିକାଶ ପାଇଁ ଆମର ଉଦ୍ୟମ ଅବ୍ୟାହତ। କିନ୍ତୁ ସବୁକିଛି ତ ଗୋଟିଏ ରାତିରେ ବଦଳି ଯିବ ନାହିଁ।' ବାସ୍ତବିକ ସତ କଥା। ୧୯୩୬ରେ ଓଡ଼ିଶା ଗଠନ ହୁଏ, ୧୯୪୭ରେ ଭାରତ ହୁଏ ସ୍ୱାଧୀନ। ମାତ୍ର ରାତିଟି ଏତେ ଦୀର୍ଘ ଯେ ସକାଳ କେବେ ହେଉନାହିଁ! ମନେ ପଡୁଥିଲା ଚନ୍ଦ୍ରଶେଖର ରଥଙ୍କ ଗଳ୍ପର ଶୀର୍ଷକ 'ସବୁଠାରୁ ଦୀର୍ଘରାତି'। ଆଉ କେତେ ଦଶନ୍ଧି କି ଶତାବ୍ଦୀ ପରେ ଏରାତି ପାହିବ? ଗୋଟିଏ ପଟେ ଜ୍ଞାନବିଜ୍ଞାନର ଦ୍ରୁତ ଅଗ୍ରଗତି ଆଉ ଗୋଟିଏ ପଟେ ମାନବିକ ସମ୍ବେଦନାର ଭୟଙ୍କର ଅବକ୍ଷୟ, ଦରିଦ୍ର ନିଷ୍ପେସିତ ଜନତାଙ୍କ ଦୈନନ୍ଦିନ ଜୀବନ ବଞ୍ଚିବାର ତୁମୁଳ ସଂଘର୍ଷ - ଏହାରି ଭିତରେ ଯାହାକୁ ଅଗ୍ରଗତି ବୋଲି କୁହାଯାଏ ସେତେବେଳେ ଗାନ୍ଧିଜୀଙ୍କ ଧାଡ଼ିଟିଏ ମନେ ପଡ଼ିଯାଏ - 'ଗତି ମାତ୍ରକେ ସବୁ ପ୍ରଗତି ନୁହେଁ।' ଗୋଟିଏ ଦେଶରେ, ଗୋଟିଏ ରାଜ୍ୟରେ ରହି ମଧ୍ୟ ମଣିଷ-ମଣିଷ ଭିତରେ ଆକାଶ ପାତାଳ ତାରତମ୍ୟ! ଏଠି ସ୍ୱପ୍ନ ଦେଖିବା ଅର୍ଥ ବୁଝାଯାଏ ବିଳାସପୂର୍ଣ୍ଣ ଜୀବନ ନିର୍ବାହ ଯୋଜନା।

***ପୂର୍ବଜଙ୍କ ଆଦର୍ଶ କ୍ଷତବିକ୍ଷତ:*** ଯେଉଁ ଉଦାର-ହୃଦୟ-ସମ୍ପନ୍ନ ଶ୍ରେଷ୍ଠ ସନ୍ତାନବୃନ୍ଦ ନିଜ ନିଜ ମଧ୍ୟରେ ସମସ୍ତ ଭେଦ ଭାବ ବିସ୍ମରି ଯାଇ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ରଚନା କରିଥିଲେ ତାହା କ'ଣ ଏହି ସାମ୍ପ୍ରତିକ ଓଡ଼ିଶା? ସେମାନଙ୍କ ମଧ୍ୟରେ ଯେଉଁ ପାରସ୍ପରିକ ଶ୍ରଦ୍ଧା ଓ ମମତା ରହିଥିଲା ପରିପୂର୍ଣ୍ଣ ହୋଇ ତାହାର ଆମେ କ'ଣ ଉପଯୁକ୍ତ ଉତ୍ତରାଧିକାରୀ? କେତେ ସୁଉଚ୍ଚ ଶିଖରକୁ ଆରୋହଣ ପୂର୍ବକ ସେମାନେ ବୃହତ୍ତର ଓଡ଼ିଶା ଗଠନ ପାଇଁ ଆପଣାକୁ ସମର୍ପିତ କରିଥିଲେ ତାହା ଯଥାର୍ଥ ଭାବରେ ହୃଦୟଙ୍ଗମ କରିବାର ଦୂରଦୃଷ୍ଟି ବା ଅନ୍ତଃଦୃଷ୍ଟି ଆମର କାହିଁ? ଯେଉଁ ଶାନ୍ତି, ସଦ୍ଭାବ, ମୈତ୍ରୀ, ଭ୍ରାତୃତ୍ୱ, ସଂହତିର ପ୍ରତିଷ୍ଠା ପାଇଁ ସେମାନେ ସ୍ୱପ୍ନ-ସମୃଦ୍ଧ ଥିଲେ, ତାହା କେତେମାତ୍ରାରେ ପୂର୍ଣ୍ଣତା ଲାଭ କରିପାରିଛି? ଏହାରି ମଧ୍ୟରେ ସୁଦୀର୍ଘ ୯୦ ବର୍ଷ ଅତିକ୍ରାନ୍ତ। ଆଉ ମାତ୍ର ଦଶ ବର୍ଷ ପରେ ଆମେ କ'ଣ ସେମାନଙ୍କ ପରିକଳ୍ପିତ ଓଡ଼ିଶାର ବାସ୍ତବାୟନ ଦେଖିବାରେ ସମର୍ଥ ହୋଇପାରିବା? ସମଗ୍ର ଭାରତ ବର୍ଷରେ ଓ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ମୁଖ ସମୁଜ୍ଜ୍ୱଳ କରିଦେବାରେ ସକ୍ଷମ ହେବା? ଆଗାମୀ ଦଶବର୍ଷ ମଧ୍ୟରେ ସବୁସ୍ତରକୁ ମାଡ଼ିଯାଇଥିବା ଦୁର୍ନୀତିର ଚେର କ'ଣ ଉଚ୍ଛେଦ ହୋଇଯିବ? ଜାତି, ଧର୍ମ, ବର୍ଣ୍ଣ, ଭାଷାକୁ ନେଇ ସବୁ ବିବାଦର ସମାଧାନ, ଦାରିଦ୍ର୍ୟର ଅବସାନ, ଘୃଣାର ମୂଳୋତ୍ପାଟନ, ବଧୂ ନିର୍ଯାତନା, କନ୍ୟାରତ୍ନଙ୍କ ପ୍ରତି ଆସୁରିକ ଆଚରଣ, ବୃଦ୍ଧ ପିତାମାତାଙ୍କ ପ୍ରତି ପ୍ରତିକୂଳ ବ୍ୟବହାରର ପ୍ରତିକାର କିପରି ସମ୍ଭବ? ନିଯୁକ୍ତି କ୍ଷେତ୍ରରେ ପକ୍ଷପାତିତା ଓ ସନ୍ଦେହ, ଦୁର୍ବଳ ଉପରେ ସବଳର ଅତ୍ୟାଚାର, ଆଇନ ଶୃଙ୍ଖଳାର ସୀମାତୀତ ଉଲ୍ଲଙ୍ଘନ - ଏସବୁ ନିୟନ୍ତ୍ରିତ ହେବ କିପରି? ଅପରାଧୀଙ୍କ ସଂଖ୍ୟା ହ୍ରାସ ହେବ କି ଉପାୟରେ? ଶହେ ବର୍ଷର ଏକ ରାଜ୍ୟକୁ ସବୁଦୃଷ୍ଟିରୁ ଶୀର୍ଷ ସୋପାନକୁ ପହଞ୍ଚାଇବା ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତେ ଏକତାବଦ୍ଧ ହେବା କିପରି ସମ୍ଭବ ହେବ? ସେଥିପାଇଁ କି କି ପରିଯୋଜନାର ରୂପରେଖ ପ୍ରସ୍ତୁତ ହୋଇଛି? ଏପରି ଶତାଧିକ ପ୍ରଶ୍ନରେ ଆମେ ଆନ୍ଦୋଳିତ ହେବା ସ୍ୱାଭାବିକ। ନିଜ ନିଜ କର୍ତ୍ତବ୍ୟ ନିଃସ୍ୱାର୍ଥ ଭାବରେ ସଂପାଦନ କରିବାର ନିଷ୍ଠା, ସତ୍ୟ ଓ ସାଧୁତା ପ୍ରତି ଅନୁରକ୍ତି, ତ୍ୟାଗ ଓ ତିତିକ୍ଷାର ପବିତ୍ର ଭାବନା, ସ୍ନେହ, ସହାନୁଭୂତି, ପରୋପକାର -ଏସବୁ ପାଠାଗାରରୁ ବାହାରି ଆସି ଆମ ଜୀବନରେ ପ୍ରତିଫଳିତ ହୋଇପାରିବ କେଉଁ ଶୈଳୀରେ, କେଉଁ ଆଦର୍ଶ ଦ୍ୱାରା ଉଦବୁଦ୍ଧ ହୋଇ କାର୍ଯ୍ୟ ଅବ୍ୟାହତ ରଖିଲେ? ତାହା ଚିନ୍ତା କରୁଁ କରୁଁ ଆଗାମୀ ଦଶବର୍ଷ ଆଖି ପଲକରେ କ'ଣ ଚାଲିଯିବ ନାହିଁ?

***ଅବାସ୍ତବ, ଅସମ୍ଭବ ଆକାଂକ୍ଷା:*** ସମଗ୍ର ପୃଥିବୀ ବା ଭାରତ ବର୍ଷରୁ ଓଡ଼ିଶା ବିଚ୍ଛିନ୍ନ ନୁହେଁ। ତେଣୁ ଯେଉଁସବୁ ସଙ୍କଟ ମଧ୍ୟ ଦେଇ ବିଶ୍ୱ ଗତିଶୀଳ ସେଥିରୁ ଆମର ମୁକ୍ତି କାହିଁ? ଏଭଳି ପ୍ରତିପ୍ରଶ୍ନ ଦ୍ୱାରା ଉପରୋକ୍ତ ପରିକଳ୍ପନାକୁ ଉପହାସ କରିବା ଲୋକଙ୍କ ଅଭାବ ନାହିଁ। ଯେଉଁ ଅସାମଞ୍ଜସ୍ୟ ସମଗ୍ର ପୃଥିବୀରେ ପରିବ୍ୟାପ୍ତ, ସେଥୁ ଅଲଗା ହୋଇଯାଇ ଏକ ସ୍ୱର୍ଗରାଜ୍ୟର ସ୍ୱପ୍ନ ଦେଖିବା କି ହାସ୍ୟାସ୍ପଦ? ଏହିପରି ଭାବନା ଉଦ୍ରେକ ହେବା ଅସ୍ୱାଭାବିକ ନୁହେଁ। ଏଭଳି ବିଷୟକୁ ଉପହାସର ତୋଫାନରେ ଯେଉଁମାନେ ଉଡ଼ାଇ ଦେବାକୁ ବ୍ୟଗ୍ର ଓ ତତ୍ପର ସେମାନଙ୍କ ପ୍ରତି ମଧ୍ୟ ବିନୟପୂର୍ଣ୍ଣ ପ୍ରଶ୍ନ ଉପସ୍ଥିତ। ସାରା ପୃଥିବୀରେ, ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟରେ ଯାହା କିଛି ଗଠନମୂଳକ ପ୍ରଗତି ସମ୍ଭବ ହୋଇଛି ଆମେ ସେମାନଙ୍କ ସମକକ୍ଷ ହୋଇ ପାରିଛୁ କି? ନିଜ ରାଜ୍ୟର ଭାଷା ପଢ଼ିବାକୁ, କହିବାକୁ, ଲେଖିବାକୁ କେଉଁ ରାଜ୍ୟର ଲୋକ କୁଣ୍ଠିତ ହେବାର ଦୃଷ୍ଟାନ୍ତ ରହିଛି କି? ଶହେ ବର୍ଷ ତଳେ ଗଙ୍ଗାଧର ଏହା ପଚାରିଥିଲେ - 'ମାତୃଭାଷା ପୋଥି ଛୁଇଁବାକୁ କରେ, ଅନ୍ୟ କେଉଁ ଜାତି ଲଜ୍ଜା ବୋଧ କରେ?' ତା'ର ଉତ୍ତର ଦେବା ପାଇଁ ଆମେ ଅକ୍ଷମ। ଏହା ବି ସେ କହିଲେ - 'ପ୍ରତିବେଶୀଙ୍କର ସହିତ ତୁଳନା, କରି କର ନିଜ ମଧ୍ୟରେ କଳନା।' ସେତିକି ମଧ୍ୟ ସମ୍ଭବ ହୋଇ ପାରିଲା ନାହିଁ। ତେବେ...?... ତେବେ କ'ଣ ଏଭଳି ଏକ ସମ୍ଭାବନା-ଶୂନ୍ୟ ମନ ଆଉ ଆହତ ଆତ୍ମାରେ ୨୦୩୬ରେ ଓଡ଼ିଶା ବିକାଶର ସ୍ୱପ୍ନ ଦେଖାଯାଇପାରିବ? ଏହାର ଉତ୍ତର ଖୋଜିବା ଆରଥରକୁ। (କ୍ରମଶଃ...)

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)
ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

---

## ଗିଗ୍ ଶ୍ରମିକଙ୍କ ଅଧିକାର ଓ ସଂଗ୍ରାମ

ବିଜୟ ଜେନା

ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇଏଲ୍‌ଓ) ଗତ ୧୨ ଜୁନ୍‌ରେ ଏହାର ୧୧୫ତମ ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀ 'ପ୍ଲାଟଫର୍ମ ଅର୍ଥନୀତିରେ ମାନବିକ କାର୍ଯ୍ୟ' (ଡିସେଣ୍ଟ ୱାର୍କ ଅନ୍ ପ୍ଲାଟଫର୍ମ ଇକୋନୋମି) ବିଷୟକ ସମ୍ମିଳନୀରେ ଗିଗ୍ ଶ୍ରମିକଙ୍କ କାର୍ଯ୍ୟର ପରିବେଶ ଅଧିକାର ଏବଂ ସାମାଜିକ ସୁରକ୍ଷା ପ୍ରସଙ୍ଗରେ ସ୍ୱୀକୃତି ଦେବାର ନିଷ୍ପତ୍ତି ନେଇଛି। ଏହି ପ୍ରସ୍ତାବରେ ଭାରତ ଭୋଟ୍ ଦେଇନାହିଁ। ଗତ ଅଧିବେଶନରେ ମଧ୍ୟ ଭାରତ ପ୍ରସ୍ତାବ ବିରୁଦ୍ଧରେ ଭୋଟ୍ ଦେଇଥିଲା। ବିଶ୍ୱର ସବୁଠାରୁ ଅଧିକ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ଭାରତରେ ଅଛନ୍ତି। ଏହା ସତ୍ତ୍ୱେ ଭାରତ ସରକାର ଭୋଟଦାନରୁ ବିରତ ରହିବାକୁ ନେଇ ସମାଲୋଚନା ହେଉଛି। ଏବର୍ଷର ଭୋଟ୍‌ରେ ପ୍ରସ୍ତାବ ପକ୍ଷରେ ୧୦୮ ଭୋଟ୍ ପଡ଼ିଛି। ପ୍ରସ୍ତାବ ବିରୁଦ୍ଧରେ ମାତ୍ର ୮ଟି ଦେଶ ଭୋଟ୍ ଦେଇଛନ୍ତି। ୩୬ଟି ଦେଶ ଭୋଟ୍‌ଦାନରୁ ବିରତ ରହିଛନ୍ତି। ଆମେରିକା, ନ୍ୟୁଜିଲାଣ୍ଡ, ପ୍ରସ୍ତାବର ବିରୋଧ କରିଥିବା ବେଳେ ଭାରତ ବ୍ରିଟେନ୍, ଆର୍ଜେଣ୍ଟିନା ସମେତ କେତୋଟି ଦେଶ ଭୋଟ୍‌ଦାନରେ ଅଂଶଗ୍ରହଣ କରିନାହାନ୍ତି।

ଦୀର୍ଘ ଦିନ ପରେ ଉବେର, ଓଲା, ଜମାଟୋ, ସୁଇଗ ସହ ଅନ୍ୟାନ୍ୟ 'ଆପ୍'ଭିତ୍ତିକ ପରିସେବା ସହ ସଂଯୁକ୍ତ ଶ୍ରମିକଙ୍କର ସଂଗଠନଗୁଡ଼ିକ ଆନ୍ତର୍ଜାତିକ ସ୍ୱୀକୃତି ଦାବି କରି ଆସୁଥିଲେ। ତେଣୁ ସଂଖ୍ୟାଧିକ ସଦସ୍ୟଦେଶ ପ୍ରସ୍ତାବ ସପକ୍ଷରେ ଭୋଟ ଦେବା ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ସାଫଲ୍ୟ ରୂପେ ଦେଖାଯାଉଛି। ଏହି ପ୍ରସ୍ତାବରେ ପ୍ଲାଟଫର୍ମ କର୍ମୀଙ୍କ ପାଇଁ ଏକାଧିକ ସୁରକ୍ଷାମୂଳକ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ଏହା ମଧ୍ୟରେ ରହିଛି ଆଲଗରିଦମ୍ ବା ସ୍ୱୟଂକ୍ରିୟ ବ୍ୟବସ୍ଥାର କାର୍ଯ୍ୟପଦ୍ଧତି ସମ୍ପର୍କରେ ତଥ୍ୟ ଜାଣିବାର ଅଧିକାର, ଅନ୍ୟାୟ ଭାବରେ ଆକାଉଣ୍ଟ ବାତିଲ୍ କରିବା ବା କାମରୁ ବାଦ୍ ଦେବା ବିରୁଦ୍ଧରେ ସୁରକ୍ଷା, ଅଭିଯୋଗ ନିଷ୍ପତ୍ତିର କାର୍ଯ୍ୟକାରୀ ବ୍ୟବସ୍ଥା, ସ୍ୱାସ୍ଥ୍ୟ ନିରାପତ୍ତା ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ସର୍ବନିମ୍ନ ମାନଦଣ୍ଡ। ଏହାଛଡ଼ା 'ଆଲ୍‌ଗୋରିଦମ୍ ମ୍ୟାନେଜମେଣ୍ଟ'ଫଳରେ କର୍ମୀଙ୍କ ଉପରେ ପ୍ରଭାବ କ୍ଷେତ୍ରରେ କିଛି ନୀତିଗତ ସୁରକ୍ଷାକୁ ସ୍ୱୀକୃତି ମିଳିଛି।

କେବେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏହାର ବିଭିନ୍ନ ସୀମାବଦ୍ଧତା ଉପରେ ଅଙ୍ଗୁଳି ଉଠାଇଛନ୍ତି। ସମାଲୋଚନାର ସବୁଠାରୁ ବଡ଼ ଦିଗ ହେଲା, ପ୍ଲାଟଫର୍ମ କର୍ମୀଙ୍କୁ କର୍ମଚାରୀ ରୂପେ ସ୍ୱୀକୃତି ଦେବା ପାଇଁ ଆବଶ୍ୟକୀୟ 'ରିଚାର୍ଜେବଲ ପ୍ରମୋସନ ଅଫ ଏମ୍ପ୍ଲୟମେଣ୍ଟ'କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏହି ଆଇନ୍ ବିଧାନ ଅନୁସାରେ ନିଯୁକ୍ତିଦାତାଙ୍କ ସହ କୌଣସି ବ୍ୟକ୍ତିର ନିୟନ୍ତ୍ରଣ, ନିର୍ଦ୍ଦେଶ ଓ ନିର୍ଦ୍ଦିଷ୍ଟ ମଜୁରୀ ସଂକ୍ରାନ୍ତ କିଛି ସର୍ତ୍ତ ବା ପ୍ରମାଣ ରହିଥିଲେ ଅଦାଲତ ବା ଆଇନ୍ ଧରିନିଏ ଯେ, ଏହି ବ୍ୟକ୍ତିଜଣଙ୍କ ଆନୁଷ୍ଠାନିକ କର୍ମଚାରୀ ଗୃହୀତ। ପ୍ରସ୍ତାବରେ ଏହି ବିଧାନ ନ ଥିବାରୁ ଉବେର, ଓଲା, ଜମାଟୋ ବା ଅନ୍ୟାନ୍ୟ ପ୍ଲାଟଫର୍ମ ସଂସ୍ଥା ସେମାନଙ୍କ କର୍ମଚାରୀଙ୍କ ସ୍ୱାଧୀନ ଠିକାଦାର ରୂପେ ଚିହ୍ନିତ କରିବାର ସୁଯୋଗ ପାଇବେ ଏବଂ ଶ୍ରମ ଆଇନ୍ ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ବିଷୟଗୁଡ଼ିକୁ ଫାଙ୍କି ଦେଇପାରିବେ। ଏହାଛଡ଼ା ସ୍ୱାଧୀନ ଠିକାଦାର ରୂପେ ଚିହ୍ନିଟ କର୍ମୀମାନଙ୍କ ପାଇଁ ସର୍ବନିମ୍ନ ମଜୁରୀର ସୁରକ୍ଷା ବାଧ୍ୟତାମୂଳକ କରାଯାଇନାହିଁ। ସାମାଜିକ ସୁରକ୍ଷା କ୍ଷେତ୍ରରେ ସୁସ୍ପଷ୍ଟ ଅଧିକାରଭିତ୍ତିକ ନିଶ୍ଚିତତା ପରିବର୍ତ୍ତେ ଅପେକ୍ଷାକୃତ ଦୁର୍ବଳ ଭାଷା ବ୍ୟବହାର କରାଯାଇଛି। ଶ୍ରମିକ ସଂଗଠନ ଓ ସାମୂହିକ ମୂଲଚାଲର ଅଧିକାର ସମ୍ପର୍କରେ ସମ୍ମିଳନୀରେ ଯଥେଷ୍ଟ ଦୃଷ୍ଟି ଦେଇନାହିଁ ବୋଲି ମନେ କରାଯାଏ। ଆଇଏଲ୍‌ଓ ପ୍ରସ୍ତାବରେ ନମନୀୟ ଶବ୍ଦ ବ୍ୟବହାର ଫଳରେ ବିଭିନ୍ନ ଦେଶ ଓ ଶିଳ୍ପ ସଂସ୍ଥା ପାଇଁ କାର୍ଯ୍ୟକାରିତା କ୍ଷେତ୍ରରେ ବିଧି ଏଡ଼ାଇଯିବା ଓ ଅପବ୍ୟାଖ୍ୟାର ସୁଯୋଗ ରହିଛି।

ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ, ଶ୍ରମିକ ସଂଗଠନ ଅଧିକାର, ନିର୍ଦ୍ଦିଷ୍ଟ କାର୍ଯ୍ୟସମୟ, ସ୍ୱେଚ୍ଛାଚାରୀ ଆକାଉଣ୍ଟ ବ୍ଲକିଙ୍ଗ ବିରୁଦ୍ଧରେ ସୁରକ୍ଷା ଏବଂ କାର୍ଯ୍ୟକ୍ରମ ସାମାଜିକ ସୁରକ୍ଷା ଚିହ୍ନିତ ନହେଲେ ଏହି କ୍ଷେତ୍ରରେ ଶ୍ରମିକଙ୍କ ଶୋଷଣ ବନ୍ଦ କରିବା ସମ୍ଭବ ନୁହେଁ। ବିଶ୍ୱବ୍ୟାପୀ ପ୍ଲାଟଫର୍ମ ଅର୍ଥନୀତିର ଦ୍ରୁତ ସଂପ୍ରସାରଣ ଫଳରେ ଶ୍ରମ ସମ୍ପର୍କରେ ନୂତନ ବାସ୍ତବତା ସୃଷ୍ଟି ହୋଇଛି। କୋଟି କୋଟି ଲୋକ ଆଜି 'ଆପ୍'ଭିତ୍ତିକ ପରିବହନ, ଖାଦ୍ୟ ସରବରାହ, ଲଜିଷ୍ଟିକ୍ସ ଓ ଡିଜିଟାଲ୍ ସେବା ସହ ସଂଯୁକ୍ତ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନେ ପ୍ରଚଳିତ ଶ୍ରମ ଆଇନ୍‌ର ସୁରକ୍ଷା ବାହାରେ ରହିଯାଇଛନ୍ତି। ସେହି ପ୍ରେକ୍ଷାପଟରେ ଆଇଏଲ୍‌ଓର ଏହି ଶୀର୍ଷ ସମ୍ମିଳନୀ ଆନ୍ତର୍ଜାତିକ ଶ୍ରମ ଅଧିକାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରୂପେ ବିବେଚିତ ହୋଇଛି। ତେବେ ଏହାର ପ୍ରକୃତ ସାଫଲ୍ୟ ନିର୍ଭର କରୁଛି ସଦସ୍ୟରାଷ୍ଟ୍ରଗୁଡ଼ିକର ଅନୁମୋଦନ, ଜାତୀୟଆଇନ୍ ପ୍ରଣୟନ ଏବଂ କାର୍ଯ୍ୟକାରୀ ବାସ୍ତବାୟନ ଉପରେ। ଶ୍ରମିକ ସଂଗଠନଗୁଡ଼ିକ ମତରେ ଏହି ସମ୍ମିଳନୀ ପ୍ଲାଟଫର୍ମ କର୍ମୀଙ୍କ ଅଧିକାର ପ୍ରତିଷ୍ଠାର ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେଲେ ମଧ୍ୟ ପୂର୍ଣ୍ଣାଙ୍ଗ ଶ୍ରମ ଅଧିକାର ଏବଂ ସାମାଜିକ ସୁରକ୍ଷା ଲକ୍ଷ୍ୟରେ ଲଢ଼େଇକୁ ଅବ୍ୟାହତ ରଖିବାକୁ ହେବ।


ଭୁବନେଶ୍ୱର, ମୋ: ୯୪୩୭୩୮୪୮୬୭

---

## ଘୋଷଯାତ୍ରାର ଆତ୍ମା: ଘଣ୍ଟସେବକ

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଡ.ଚନ୍ଦ୍ରକଳା ନାୟକ



ଚାତକ ପାଇଁ ନୂଆ ଆଷାଢ଼ର ବର୍ଷାଧାରା ପରି ଭକ୍ତ ପାଇଁ ପୁଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅର୍ଥାତ ଶ୍ରୀଗୁଣ୍ଡିଚା ଆସେ। ଦେବ ମାନବର ବହୁ ପ୍ରତୀକ୍ଷିତ ଏହି ତିଥି ବିଞ୍ଚି ଦିଏ ମର୍ତ୍ତ୍ୟରେ ଅମର୍ତ୍ତ୍ୟ ଲାବଣ୍ୟର ସୁଲଳିତ କାନ୍ତି। ଶ୍ରୀଜଗନ୍ନାଥଙ୍କୁ ଭକ୍ତମାନେ ଯେଉଁ ପୂଜା ଓ ଉପାସନା କରନ୍ତି, ସେଥିରେ ଭକ୍ତିର ପ୍ରଗାଢ଼ତା ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ରାଜକୀୟ ସମ୍ମାନ।

ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁସାରେ ୧୦୩ ନଂ ସେବା ପରିଶିଷ୍ଟରେ ଉଲ୍ଲେଖ ଅଛି ଯେ, ଘଣ୍ଟୁଆ ସେବକମାନେ ସ୍ନାନପୂର୍ଣ୍ଣିମା ଦିନ ରତ୍ନସିଂହାସନରୁ ସ୍ନାନବେଦୀ ଏବଂ ସ୍ନାବବେଦୀରୁ ଅଣସର ପିଣ୍ଡିକୁ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ ସମୟରେ ଘଣ୍ଟ ବାଦନ କରିବେ। ଏହି ସେବକ ରଥଟଣା ବ୍ୟତୀତ କୌଣସି ଉତ୍ସବ, ଯାତ୍ରା, ଉପଯାତ୍ରାରେ ଘଣ୍ଟ ବାଦନ କରନ୍ତି ନାହିଁ। ଉତ୍କଳ ଭୂଖଣ୍ଡରେ ଶ୍ରୀକ୍ଷେତ୍ର ପୁରୀର ଘଣ୍ଟୁଆମାନଙ୍କ ଘଣ୍ଟବାଦ୍ୟର ଶୈଳୀ ସଂପୂର୍ଣ୍ଣ ସ୍ୱତନ୍ତ୍ର ଓ ମନମୁଗ୍ଧକର। ସାରାବିଶ୍ୱରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ୍ୟ ଶ୍ରୀକ୍ଷେତ୍ରର ଘଣ୍ଟବାଦ୍ୟ ସବୁଠାରୁ ସ୍ୱତନ୍ତ୍ର। ବିଗ୍ରହମାନଙ୍କ ପହଣ୍ଡି ବିଜେ ସମୟରେ କାହାଳୀ, ପଖାଉଜ, ତେଲିଙ୍ଗି ବାଜା ଆଦି ନାନା ବାଦ୍ୟ ବାଜିଲେ ମଧ୍ୟ ଘଣ୍ଟ ହିଁ ପ୍ରଭୁଙ୍କର ମୁଖ୍ୟ ଆକର୍ଷଣୀୟ ବାଦ୍ୟ। ଆଲଟ ଚାମରରେ ଚତୁର୍ଦ୍ଧା ମୂର୍ତ୍ତି ଯେତେବେଳେ ଝୁଲି ଝୁଲି ଆସନ୍ତି, ସେହି ସମୟରେ ଟାହିଆର ତାଳେ ତାଳେ କେବଳ ଘଣ୍ଟ ବାଦ୍ୟ ହିଁ ପ୍ରଭୁଙ୍କର ଭଙ୍ଗୀ, ଠାଣି ଓ ଚାହାଣୀକୁ ଭକ୍ତଙ୍କ ଆଡ଼କୁ ଆକର୍ଷିତ କରିଥାଏ।

ଶ୍ରୀକ୍ଷେତ୍ରରେ ତେଇଶି ଘର ଘଣ୍ଟୁଆ ଓ ଭଟ୍ଟମୁଣ୍ଡାର ବାର ଘର କଂସାରୀଙ୍କୁ ଏହି ଘଣ୍ଟ ସେବା କରିବାର ଅଧିକାର ମିଳିଛି। ଏହି ଘଣ୍ଟବାଦନ ବାବଦରେ ଉଭୟ ପୁରୀ ଓ ଭଟ୍ଟମୁଣ୍ଡାରେ ଚଢ଼େଇଦନା ତାଡ଼ ମିଳେ। ସେଇ ବାବଦରେ ସେମାନଙ୍କୁ ଖେଚେଡ଼ି ଭୋଗ ମିଳିବାର ବିଧି ରହିଛି। ଶ୍ରୀମନ୍ଦିରର ପ୍ରଶାସକଙ୍କ ତରଫରୁ ସେ ବାବଦରେ ଘଣ୍ଟୁଆ ସେବକମାନଙ୍କୁ ୧୦୫୦ଟଙ୍କା ଦିଆଯାଉଛି। ଶ୍ରୀମନ୍ଦିରର ପରମ୍ପରା ଅନୁସାରେ ପ୍ରତ୍ୟେକ ଘଣ୍ଟୁଆ ଶାଢ଼ି ପାଇବାର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି। ବାହୁଡ଼ା ଯାତ୍ରା ସମୟରେ ସେମାନଙ୍କୁ ସର୍ବମୋଟ ଛଅଖଣ୍ଡ ଶାଢ଼ି ମିଳିଥାଏ। ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଅବସ୍ଥିତ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର କଂସାରୀ କୂଳର ଘଣ୍ଟୁଆ ନିଯୋଗ। ଗୋପୀନାଥ ମନ୍ଦିର ଏହି ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ। ଏହି ନିଯୋଗ ପ୍ରତିବର୍ଷ ରଥଯାତ୍ରାରେ ଘଣ୍ଟୁଆମାନଙ୍କୁ ପଟେ ଲେଖାଏ ନୂଆ ଘଣ୍ଟ ଓ ଗାମୁଛା ଦେଇଥା'ନ୍ତି। ରଥଯାତ୍ରାର ପରିସମାପ୍ତି ପରେ ସେବକମାନେ ଘଣ୍ଟଗୁଡ଼ିକୁ ଫେରାଇ ଦିଅନ୍ତି। ରଥଯାତ୍ରା ଦିନ ପହଣ୍ଡି ଓ ରଥଟଣା ବେଳେ ଘଣ୍ଟ ସେବକ ଶୁଦ୍ଧପୂତ ଭାବରେ ନୂଆ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି। କୌଣସି ଘଣ୍ଟୁଆ ସେବକ ରଥଯାତ୍ରା ସମୟରେ ଆମିଷ ଭକ୍ଷଣ କରନ୍ତି ନାହିଁ।

ଶାଢ଼ିବନ୍ଧା ସେବା ହୋଇ ନ ଥିଲେ ମଧ୍ୟ ଘଣ୍ଟୁଆ ସେବକଙ୍କ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ଘଟିଲେ, ଶବସତ୍କାର ପାଇଁ ଶ୍ରୀମନ୍ଦିର ବୈଷ୍ଣବାଗ୍ନି ମିଳିଥାଏ। ଘଣ୍ଟୁଆ ସେବକମାନେ ନିଜକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିବାରର ଜଣେ ଜଣେ ସଦସ୍ୟ ଭାବେ ଗୌରବ ଅନୁଭବ କରନ୍ତି। ଶ୍ରୀକ୍ଷେତ୍ରର କୌଣସି ଖରୁଡ଼ା ସେବାରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ ସଙ୍ଗେ ସଙ୍ଗେ ଭଟ୍ଟମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ। ସେହିପରି ଭଟ୍ଟମୁଣ୍ଡାର କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି ତେବେ ଅନ୍ୟ କଂସାରୀ ସେବକଙ୍କୁ ସେବା କରିବାର ଅବସର ମିଳିଥାଏ। ୨୦୦୪ ମସିହାଠାରୁ ବନଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଠେଇଶ ଜଣ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଚବିଶ ଜଣ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ସର୍ବାଧିକ ବତିଶ ଜଣ ଘଣ୍ଟୁଆ ଘଣ୍ଟ ବାଦନ କରିଥା'ନ୍ତି। ବଡ଼ଦାଣ୍ଡରେ ଯେତେ ସମୟ ରଥ ଗଡ଼ି ଚାଲୁଥାଏ ସେତେସମୟ ପର୍ଯ୍ୟନ୍ତ ଅବିରତ ଘଣ୍ଟୁଆ ଘଣ୍ଟ ବଜାଉ ଥାଏ। ଭକ୍ତି ଓ ଭାବର ଅନାବିଳ ସଂଯୋଗ ହିଁ ଘଣ୍ଟ ବାଦନ। ଏକଭାବରେ ମହାପ୍ରଭୁଙ୍କ ସଙ୍ଗେ ସମ୍ମିଳିତ ହେବାର ପ୍ରତୀକ ହିଁ ଘଣ୍ଟସେବା।

ଯାଜପୁର, ମୋ: ୯୪୩୭୯୫୭୬୧୭

---

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପି ସରକାରଙ୍କ ଅପାରଗତା ପାଇଁ ବଢୁଛି ଭିଡ ହିଂସା: ବିଜେଡି

**■ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ**
**■ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ବିଫଳ**

ଭୁବନେଶ୍ୱର,୩୦।୬(ସମିସ): ବିଜେପି ସରକାରରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରତିଦିନ କେଉଁଠି ନା କେଉଁଠି ଅପରାଧିକ କାର୍ଯ୍ୟକଳାପ ଘଟୁଥିବା ବେଳେ ତାହାକୁ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବାଣପୁରରେ ପୁଲିସ ସମ୍ମୁଖରେ ଜଣକୁ ପିଟି ପିଟି ମାରିଦେବା ଘଟଣାକୁ ନେଇ ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସାରା ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସବୁଠି ବର୍ବରତା ଜାରି ରହିଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପୁଣି ବାଣପୁର ଘଟଣା ପାଇଁ ଓଡ଼ିଶା ସର୍ବସମ୍ମୁଖରେ ନିନ୍ଦିତ ହୋଇଛି। ବାଲିଅନ୍ତା, କଣାସ ପରେ ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ଭିଡ ହିଂସା ଘଟିଛି। ଥାନା ଅଞ୍ଚଳରେ ଉକ୍ତ ନିନ୍ଦନୀୟ ଘଟଣା ଘଟିଯାଇଛି। କେଉଁଠି ବି ମାନବିକତା ନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ତୋଫାନ ନାୟକ ନାମକ ବ୍ୟକ୍ତିଙ୍କୁ ପୁଲିସ ଆଗରେ ସର୍ବସମ୍ମୁଖରେ ଥାନା ପରିସରରେ ଲୋକେ ବାଡେଇ ବାଡେଇ ମାରୁଛନ୍ତି। ଡ. ମହାନ୍ତି ଆହୁରି କହିଥିଲେ ଯେ, ପୁଲିସ ବିଜେପିର ହାତ ବାରିସି ସାଜିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହେବାରୁ ପୋଲିସ ପ୍ରତି ଲୋକଙ୍କ ଭରସା ତୁଟି ଗଲାଣି। ମୃତକଙ୍କ ପତ୍ନୀ ନ୍ୟାୟ ପାଇବା ପାଇଁ ଆକୁଳ ନିବେଦନ କରୁଥିବା ବେଳେ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ଆଗାମୀ ଦିନରେ ସେ ନ୍ୟାୟ ନପାଇଲେ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## ଜେଲ୍‌ରୁ ମୁକୁଳିବେ ସୟେଦ ଇଶାନ ବୁଖାରୀ

ଯାଜପୁର,୩୦।୬(ସମିସ): ଗତ ୨୦୨୩ ମସିହା ଡିସେମ୍ବର ୧୫ ତାରିଖରେ କାଶ୍ମୀରର ସନ୍ଦିଗ୍ଧ ଯୁବକ ସୟେଦ ଇଶାନ ବୁଖାରୀଙ୍କୁ ଆତଙ୍କବାଦୀ ଲିଙ୍କ୍‌ରେ ରାଜ୍ୟ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଅଞ୍ଚଳରୁ ଗିରଫ କରିଥିଲା। ଗିରଫ ହେବା ଦିନଠାରୁ ହିଁ ଇଶାନ ବୁଖାରୀ ପ୍ରଥମେ ଯାଜପୁର ରୋଡ୍ ସବଜେଲ ପରେ ଚୌଦ୍ୱାର ସର୍କଲ ଜେଲରେ ବିଚାରାଧୀନ ବନ୍ଦୀ ଜୀବନ ବିତାଉଛନ୍ତି। ତଳ କୋର୍ଟଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ସେ ଜାମିନ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଜାମିନ ମିଳି ନ ଥିଲା। ତେବେ ତଦନ୍ତରେ ଏସ୍‌ଟିଏଫ୍ ତାଙ୍କର ଆତଙ୍କବାଦୀ କାର୍ଯ୍ୟକଳାପ ବା ଲିଙ୍କ୍ ନେଇ କୌଣସି ପ୍ରମାଣ ପାଇ ନ ଥିଲା, କେବଳ ତାଙ୍କ ନାମରେ ନକଲି କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଡାକ୍ତର ବୋଲାଇ ତାହା ମାଧ୍ୟମରେ ବିଭିନ୍ନ ଲୋକଙ୍କୁ ଠକିବା କରି ଠକେଇ କରିବା ଏବଂ ଦେଶର ବିଭିନ୍ନ ଅଞ୍ଚଳରେ ୫ ଜଣଙ୍କୁ ବିବାହ କରିଥିବା ନେଇ ଆଇପିସିର ଧାରା ୪୧୯, ୪୨୦, ୪୬୫, ୪୬୭, ୪୬୮ ଓ ୪୭୧ ଏବଂ ଆଇଟି ଆଇନର ୬୬ (ସି) ଏବଂ (ଡି) ଧାରାରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ମାମଲାର ବିଚାର ସମୟରେ ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଏବଂ ପ୍ରାୟ ୪୦ଟି ପ୍ରାମାଣିକ ଦସ୍ତାବିଜକୁ ବିଚାରକୁ ନେଇ ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ ଗତ ୨୦୨୫ ମସିହା ଜୁନ ୨୬ ତାରିଖରେ ତାଙ୍କୁ ୫ ଗୋଟି ଦଫାରେ ପ୍ରତ୍ୟେକ ଏକ ବର୍ଷ କରି ମୋଟ ୫ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୁଖାରୀଙ୍କ ପକ୍ଷରୁ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ଏକ ଅପିଲ କରାଯାଇଥିଲା। ଅପିଲର ଶୁଣାଣି ଶେଷରେ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ଆଜି ତାଙ୍କ ରାୟ ଶୁଣାଇଛନ୍ତି।

## ଅବଶିଷ୍ଟାଂଶ

### ଭିଡ଼ହିଂସା ଅଣାୟତ୍ତ...

ଅତ୍ୟଧିକ ଅସୁସ୍ଥତା ଅନୁଭବ କରି ରକ୍ତବାନ୍ତି କରି ଗୁରୁତର ହୋଇଥିଲେ। ସୋମବାର ଭୋର ୬ଟାରେ ପରିବାର ଲୋକେ ତୋଫାନଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତୋଫାନଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମରାଯାଉଥିବାର ଏକ ଭିଡ଼ିଓ ଆଜି ଭାଇରାଲ ହେବା ପରେ ପୁଣି ସୃଷ୍ଟି ହୋଇଛି ବିବାଦ । ସାମୂହିକ ଆକ୍ରମଣ ପରେ ଥାନାରେ ପୁଲିସର ନିର୍ଯାତନା ଯୋଗୁଁ ତୋଫାନ ଗୁରୁତର ହୋଇ ଡ଼ାକ୍ତରଖାନାରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଲୋକଙ୍କ ମାଡ଼ରେ ଗୁରୁତର ହୋଇଥିବା ଓ ଏକପ୍ରକାର ଅଚେତ ଅବସ୍ଥାରେ ତାକୁ ଉଦ୍ଧାର କରାଯାଇଥିଲା ବୋଲି ଗତକାଲି ଖୋର୍ଦ୍ଧା ଏସ୍‌ପି କହିଥିଲେ। ତେଣୁ ଗୁରୁତର ତୋଫାନଙ୍କୁ ଚିକିତ୍ସା ପାଇଁ ଡ଼ାକ୍ତରଖାନା ନେବା ପରିବର୍ତ୍ତେ କାହିଁକି ଥାନାକୁ ଆଣିଥିଲା ବୋଲି ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୋମବାର ବିଳମ୍ବିତ ରାତିରେ ମୃତ ତୋଫାନଙ୍କ ପତ୍ନୀ ସସ୍ମିତା ବାଣପୁର ଥାନାରେ ତାଙ୍କ ସ୍ୱାମୀଙ୍କୁ ଲୋକମାନେ ମିଳିତ ଭାବରେ ନିସ୍ତୁକ ମାଡ଼ ମାରିଥିବା ସଂକ୍ରାନ୍ତ ଅଭିଯୋଗ କରିଛନ୍ତି । ଏହାପରେ ପୁଲିସ ବିଏନ୍‌ଏସ୍ ୨୯୬,୧୦୩(୧), ୩(୫), ଏବଂ ୩(୧) (ଆର) (ଏସ୍), ୩ (୨), (ଭି-ଏ) ଏସ୍‌ସି/ ଏସ୍‌ଟି (ପିଓଏ) ଆକ୍ଟରେ ୨୫୪/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଖଣତ ଗ୍ରାମର ପବିତ୍ର ରାଉତ (୫୧) ଓ ଶରତ କୁମାର ସ୍ୱାଇଁ (୬୦)ଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଏସ୍‌ପି ଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇଛି। ଖଣତ ଗାଁରେ ସିସିଟିଭି ଫୁଟେଜ ସହ ଲୋକମାନଙ୍କୁ ପଚରାଉଚୁରା କରି ତଦନ୍ତ ଜାରି ରହିଥିବାବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବାଣପୁର ପୁଲିସ ମଙ୍ଗଳବାର ଭୁବନେଶ୍ୱରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ତୋଫାନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଅନ୍ୟପକ୍ଷରେ ତୋଫାନ ଜଣେ ଦଳିତ ବର୍ଗର ଯୁବକ। ତାଙ୍କ ନାଁ ରେ କୌଣସି ପ୍ରକାର ଅପରାଧ ମୂଳକ ମାମଲା ନାହିଁ ବୋଲି ପୁଲିସ ସୂଚନା ଦେଇଛି। କେଉଁ କାରଣରୁ ଲୋକେ ଆଇନକୁ ହାତକୁ ନେଇ ଏଭଳି ଅମାନବୀୟ କାଣ୍ଡ ଘଟାଇଲେ ତାହା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ପୁଲିସ ତୋଫାନଙ୍କୁ ଉଦ୍ଧାର କରିବା ସମୟରେ ତାଙ୍କ ପାରିପାଶ୍ୱରିକ ଅବସ୍ଥାକୁ ନେଇ ମେଡିକାଲରେ ଚିକିତ୍ସା ବ୍ୟବସ୍ଥା କରିଥିଲେ ତୋଫାନ ହୁଏତ ବଞ୍ଚି ଯାଇଥାନ୍ତା ବୋଲି ସ୍ଥାନୀୟ ଲୋକ କହିଛନ୍ତି।

### କିଏ ନେବ...

ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍କୁଲ ପାଠ୍ୟପୁସ୍ତକ ପ୍ରତି ଓଡ଼ିଶାର ବିଜେପି ସରକାର କରିଥିବା ଚରମ ଅବହେଳା ଏହି ପବିତ୍ର ବିଶ୍ୱାସକୁ ଭାଙ୍ଗି ଦେଇଛି। ଏହାର ଶିକାର ହୋଇଛନ୍ତି ଆମର ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀ; ଯେଉଁମାନେ ହେଉଛନ୍ତି ଓଡ଼ିଶାର ଭବିଷ୍ୟତ, ଆଗାମୀକାଲିର ବାର୍ତ୍ତାବହ। ଭୁଲରେ ଭରା ପାଠ୍ୟପୁସ୍ତକ ଛାପିବା ଏବଂ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରିବା ପ୍ରସଙ୍ଗରେ ବାରମ୍ବାର ନିଷ୍ପତ୍ତି ବଦଳାଇ, ପିଲାମାନଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୁର୍ବଳ କରାଯାଉଛି। ସରକାର ହୁଏତ ପରବର୍ତ୍ତୀ ସଂସ୍କରଣରେ ପାଠ୍ୟପୁସ୍ତକର ତ୍ରୁଟି ସୁଧାରିପାରନ୍ତି। କିନ୍ତୁ ଆମ ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପିଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତ୍ତରଦାୟୀ କିଏ ହେବ? କୋମଳମତି ପିଲାମାନଙ୍କ ଆସ୍ଥା ଉପରେ ଯେଉଁ ଆଘାତ ହୋଇଛି, ତା'କୁ କ'ଣ କୌଣସି ସଂଶୋଧନ କେବେ ଭରିପାରିବ ବୋଲି ସରକାରଙ୍କ ଉଦ୍ଦେଶ୍ୟରେ ନବୀନ ପ୍ରଶ୍ନ କରିଛନ୍ତି।

### ବଢ଼ିଲା ଚମ୍ପତ...

ଏହି ଘଟଣାରେ ତାଙ୍କର ଦୁଇ ଜଣ ସହଯୋଗୀ ଗିରଫ ହୋଇଥିବାରୁ ତାଙ୍କୁ ଆହୁରି ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି। ତାଙ୍କ ପରେ ଟ୍ରଷ୍ଟ ର ଆଉ ଦୁଇ ବରିଷ୍ଠ କର୍ମକର୍ତ୍ତା ଅନୀଲ ମିଶ୍ର ଏବଂ ଗୋପାଳ ରାଓଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦ ଚମ୍ପତ ରାୟଙ୍କଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖିଛି। ଭିଏଚ୍‌ପିର ଅନ୍ତର୍ଜାତୀୟ ସଭାପତି ଆଲୋକ କୁମାର ସ୍ପଷ୍ଟ କହିଛନ୍ତି ଯେ, 'ଆମର ଭୂମିକା ଶେଷ ହୋଇଛି। ଦେଶର କୌଣସି ସ୍ଥାନରେ ମନ୍ଦିର ନିର୍ମାଣ ବା ପରିଚାଳନା କରିବା ଭିଏଚ୍‌ପିର କାମ ନୁହେଁ। ଟ୍ରଷ୍ଟରେ ଯାହା ଘଟୁଛି, ସେଥିପାଇଁ ଟ୍ରଷ୍ଟ ହିଁ ଦାୟୀ ରହିବ।' ଚମ୍ପତ ରାୟ ଟ୍ରଷ୍ଟର ସାଧାରଣ ସମ୍ପାଦକ ଭାବେ ନେଇଥିବା ନିଷ୍ପତ୍ତି ପାଇଁ ଭିଏଚ୍‌ପି ଦାୟୀ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଯୋଧ୍ୟାରେ ଯାହା ଘଟିଛି ତାହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଏହାଦ୍ୱାରା ସାରା ବିଶ୍ୱର ହିନ୍ଦୁ, ଦାନ ଦେଇଥିବା ଶ୍ରଦ୍ଧାଳୁ ଏବଂ କରସେବକଙ୍କ ପରିବାର ଗଭୀର ଭାବେ ମାନସିକ ଆଘାତ ପ୍ରାପ୍ତ ହୋଇଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହାର ବ୍ୟାପକ ତଦନ୍ତ ହେବା ଉଚିତ ଏବଂ ଏଥିରେ ଯେତେ ପ୍ରଭାବଶାଳୀ ଲୋକ ସଂପୃକ୍ତ ଥିଲେ ମଧ୍ୟ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ସେ ଦାବି କରିଛନ୍ତି। ଆଲୋକ କୁମାର କହିଛନ୍ତି ଯେ, ଏହି ତଦନ୍ତ କେବଳ ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରେ ସୀମିତ ନରହି ଚମ୍ପତ ରାୟ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧରେ ମଧ୍ୟ ହେବା ଉଚିତ।

### ମାମୁଙ୍କୁ ଫାଶୀଦଣ୍ଡ...

୨୦୨୨ମସିହା ଏପ୍ରିଲ ୨୫ତାରିଖରେ ସ୍ଥାନୀୟ ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡ ଘଟି ଜଣେ ୧୩ବର୍ଷିୟ ନାବାଳିକା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୁଲିସ ତଦନ୍ତ କରି ମୃତ ନାବାଳିକା ଗାୟତ୍ରୀଙ୍କ ମାମୁ ଶୁପ୍ରିନ ଦିଗାଲ(୬୨) କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ମାମୁଁ ଶୁପ୍ରିନ ଦିଗାଲ ଭାଣିଜୀ ଗାୟତ୍ରୀଙ୍କୁ ଖରାପ ନଜରରେ ଦେଖୁଥିଲେ ଏବଂ ସେ କିରୋସିନି ଢାଳି ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା। ଗତକାଲି ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ବିଚାରପତି ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲଙ୍କୁ ପକ୍ସୋ ମାମଲାରୁ ଖଲାସ କରିଥିଲେ ହେଁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ତେବେ କୋର୍ଟ ଆଜି ଦୋଷୀ ସାବ୍ୟସ୍ତ ତଥା ନାବାଳିକା ଭାଣିଜି ହତ୍ୟାକାରୀ ମାମୁଁ ଶୁପ୍ରିନ ଦିଗାଲଙ୍କୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଥିବା ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ପୂର୍ବରୁ ଅଭିଯୁକ୍ତ ଶୁପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲେ। କୋର୍ଟରୁ ଅନୁମତି କ୍ରମେ ସେ କିଛିଦିନ ପାଇଁ ପାରୋଲରେ ଆସି ବ୍ରହ୍ମପୁର ବିଦ୍ୟାନଗର ସ୍ଥିତ ସ୍ଥିତ ନିଜ ଭଉଣୀଙ୍କ ଘରେ ରହୁଥିଲେ। ଏବଂ ସେଠାରେ ଏହି ଘଟଣା ଘଟିଥିଲା। ତେବେ ମାମଲାରେ ପ୍ରକାଶ ପାଇଥିବା ରାୟ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ବା ଚାଲେଞ୍ଜ କରାଯିବ ବୋଲି କହିଛନ୍ତି ଫାଶୀ ଦଣ୍ଡାଦେଶରେ ଦଣ୍ଡିତ ଶୁପ୍ରିନ ଦିଗାଲଙ୍କ ଓକିଲ ମନୋଜ ପଟ୍ଟନାୟକ।

### ପୁଅ ପରେ...

ପ୍ରତ୍ୟାଖାନ କରିଥିଲେ। ହେଲେ କୃଷ୍ଣ ତାଙ୍କୁ ବାରମ୍ବାର ହଇରାଣ କରିବାରୁ ସେ ହାପି ଓ ବାପିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏସବୁ କଥା ଜାଣିବା ପରେ ହାପି ପ୍ରାୟ ଦେଢ଼ ମାସ ତଳେ କୃଷ୍ଣଙ୍କୁ ଫୋନ୍ କରି ଏପରି କଥାରୁ ନିବୃତ ରହିବାକୁ କହିଥିଲା। ହେଲେ କୃଷ୍ଣ ନିବୃତ ରହିବା ପରିବର୍ତ୍ତ? ହାପି ଘରେ ପଶି ଗାଳିଗୁଲଜ କରିଥିଲେ। ଏହାପରେ ଦୁଇ ପରିବାର ହସ୍ତକ୍ଷେପ କରିବାରୁ ହାପି ଯାଇ କୃଷ୍ଣଙ୍କୁ ଭୁଲ୍ ମାଗିଥିଲେ। କିନ୍ତୁ କୃଷ୍ଣ କ୍ଷମା କରିବା ବଦଳରେ ହାପି ଓ ବାପିଙ୍କୁ ମାଡ଼ ମାରିଥିଲେ। ସେହିଦିନଠାରୁ ହିଁ ହତ୍ୟା ଯୋଜନାର ମୂଳଦୁଆ ପଡ଼ିଥିଲା।

ହାପି ଓ ବାପି ମିଶି କୃଷ୍ଣଙ୍କୁ ପାନେ ଦେବାକୁ ଯୋଜନା କରିଥିଲେ। ପୂର୍ବ ଯୋଜନା ମୁତାବକ ରବିବାର ରାତିରେ ହାପି ଓ ବାପି ପାଚେରି ଡେଇଁ କୃଷ୍ଣଙ୍କ ଘର କବାଟ ବାଡ଼େଇ ଥିଲେ। କୃଷ୍ଣ ବାହାରକୁ ଆସିବା କ୍ଷଣି ହାପି ଓ ବାପି ତାଙ୍କୁ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ପୁଅକୁ ବଞ୍ଚାଇବାକୁ ଆସି ବାପା ହିମାଂଶୁ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ବାପାଭାଇଙ୍କ ସମେତ ଭଉଣୀ ତାପସୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ନାବାଳକ। ଖଣ୍ଡଗିରି ପୁଲିସ ପହଞ୍ଚି ୩ ଜଣଙ୍କୁ ଏମସରେ ଭର୍ତ୍ତି କରିଥିଲା। ସୋମବାର ସକାଳେ କୃଷ୍ଣ ଓ ମଙ୍ଗଳବାର ସକାଳୁ ହିମାଂଶୁ ପ୍ରାଣ ହରାଇଥିଲେ।

ଘଟଣାସ୍ଥଳରେ କୌଣସି ସିସିଟିଭି କ୍ୟାମେରା ଫୁଟେଜ ନଥିବାରୁ ପୁଲିସ ଅକଳରେ ପଡ଼ିଥିଲା। ପରେ ବୈଷୟିକ ବିଶ୍ଳେଷଣ, ସିସିଟିଭି ରୁଟ୍ ଲାଇନିଂରୁ ପୁଲିସକୁ ସୁରାକ୍ ମିଳିଥିଲା। ପୁଲିସ ଟିମ୍ କ୍ରାଇମ୍ ସ୍କଟର ପଛପଟେ ଥିବା ନନ୍ଦ ଫ୍ୟାକ୍ଟ୍ରିରେ ଚଢ଼ଉ କରି ଦୁଇ ନାବାଳକଙ୍କୁ ଉଠାଇ ଆଣିଥିଲା। ସେମାନଙ୍କୁ ପଚରାଉଚରା କରିବା ପରେ ପୁରା ଘଟଣା ପଦାକୁ ଆସିଥିଲା।

### ଆଧାର ସଂଯୋଗ...

ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ସାଧାରଣତଃ ଭତ୍ତା ହିତାଧିକାରୀମାନଙ୍କୁ ମିଳୁଥିବା ଏହି ସହାୟତା ରାଶି ସେମାନଙ୍କ ଦୈନନ୍ଦିନ ଜୀବନ ଧାରଣର ଏକମାତ୍ର ସମ୍ବଳ ଭାବେ ବିବେଚନା କରାଯାଏ। ତିନି ମାସ ଧରି ଏହା ବନ୍ଦ ହେବା ଫଳରେ ଅନେକ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ଭୋକ ଓ ଦାରିଦ୍ର୍ୟର ଶିକାର ହୋଇଥିବା ଉଲ୍ଲେଖ କରି ଗଞ୍ଜାମ ଜିଲ୍ଲାରେ ଜଣେ ବୃଦ୍ଧା ବିଷ ପିଇ ଆତ୍ମହତ୍ୟା କରିଥିବା ଉଦାହରଣ ମଧ୍ୟ ନବୀନ ଉଲ୍ଲେଖ କରିଥିଲେ।

ଭତ୍ତା ପ୍ରଦାନରେ ବିଳମ୍ବକୁ ଏକ ବୈଷୟିକ ସମସ୍ୟା ବୋଲି ଉଲ୍ଲେଖ କରି ଏହାର ଶୀଘ୍ର ସମାଧାନ ହେବ ବୋଲି ସରକାର କହୁଛନ୍ତି। ମାତ୍ର କେବେ ଏହି ସମସ୍ୟା ସମାଧାନ ହେବ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ। କିଛି ଲୋକଙ୍କୁ ଇତିମଧ୍ୟରେ ଭତ୍ତା ପ୍ରଦାନ କରାଯାଇଥିଲେ ମଧ୍ୟ ସିଂହଭାଗ ହିତାଧିକାରୀ ଏଯାଏ ଭତ୍ତା ପାଇ ନ ଥିବା ଅଭିଯୋଗ କରୁଛନ୍ତି । ଏହି ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭତ୍ତା ହିତାଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ୍ କରାଇବାକୁ କୁହାଯାଇଛି। ଏହା ନ କଲେ ଭତ୍ତା ବନ୍ଦ କରାଯିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଅନେକ ଗ୍ରାମୀଣ ହିତାଧିକାରୀଙ୍କ ପାଖରେ ଆଧାର ନ ଥିବା କିମ୍ବା ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ କରିବାର ସୁବିଧା ନ ଥିବାରୁ ସେମାନଙ୍କ ପାଇଁ ଏହି ସମସ୍ୟା ବୋଝ ଉପରେ ନଳିତା ବିଡ଼ା ସାଜିବ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ନିର୍ବାଚନରେ ଭୋଟ୍ ପାଇବା ପାଇଁ ମିଛ ସ୍ୱପ୍ନ ଦେଖାଇ ଏବେ ହିତାଧିକାରୀଙ୍କୁ ଠକାଯାଉଛି ବୋଲି ଉଲ୍ଲେଖ କରି ବିରୋଧୀ ଏହାକୁ ଜନମାରଣ ନୀତି ବୋଲି ଅଭିହିତ କରିଛନ୍ତି।


**Notice (For Minor)**

By virtue of an affidavit sworn before Executive Magistrate, Bhubaneswar, Dated-29.06.2026 I, RAMESH TIRIA, Address Kathbharia, Barisaghutu, Mayurbhanj, Odisha-757047, declare that I have changed the name of my daughter from SAKUN TIRIA to SUKANTI TIRIA. Henceforth, She shall be known as **SUKANTI TIRIA** for all purposes.

**Sd/- Ramesh Tiria**

**AFFIDAVIT**

I, Rashmita Dwibedi, D/o- Dhruba Charan Dwibedy W/o- Debasish Jena, Resident At- Chahata Nagar, Po- Avinaba Bidanasi, Ps- Bidanasi, Dist- Cuttack, PIN-753014, Odisha, declare by this affidavit No.3991 on dated 29.06.2024 before Executive Magistrate, Cuttack that now onwards I shall be known as **RASHMITA DWIBEDY** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Bargarh vide No.77 dated 29.06.2026, I Janaki Bai Raut, resident of Vill.- Chandramanipur, Po.- Bhainsadarha, Ps./Tah- Jharbandh, Dist.- Bargarh, 768042 state that, I have changed my name from **Jananki Bai Rout** to **Janaki Bai Raut**. Hence **Janaki Bai Raut** for all future purposes.

**AFFIDAVIT**

By virtue of an affidavit sworn before the Notary Public, Nabarangpur, Vide no - 3137/26, dated 27.06.2026, I, DHANMATI MAJHI, W/o - Damu Bhatra permanent resident of Village/PO- Sanamasigam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from METRO BHATRA to NETRO BHATRA. Henceforth, she shall be known as **NETRO BHATRA** for all purposes.

**Sd/- Dhanmati Majhi**

**AFFIDAVIT**

By Virtue of an affidavit (SL NO-335, dtd-30.06.2026) sworn before The Executive Magistrate, Bisoi, Mayurbhanj. I, Smt Hiramani Majhi, W/O- Raisen Majhi, of village- Panposi,PO- Kundulia, PS-Bisoi ,DIST - Mayurbhanj. That ,My Daughter's actual name is MANINI MAJHI which is reflected in his Birth certificate vide Regd. No.- 220/2017.That in Aadhar card No - 8979 6419 3747 my daughter's name has been wrongly entered as MAYNO MAJHI instead of MANINI MAJHI. That, Both the name MANINI MAJHI and MAYNO MAJHI is one and same person belongs to my daughter's name. Henceforth, she shall be known as **MANINI MAJHI** for all purpose.

**SD/- HIRAMANI MAJHI**

**AFFIDAVIT**

By virtue of an affidavit no.87 before the Executive Magistrate, Paikmal, Bargarh, dtd. 11.05.2026, I, Durbashini Pradhan, Vill/P.O.- Jamseth, P.S. Paikmal, Dist.- Bargarh hereby declare that my name has been wrongly recorded as Kishori Sahu in my Postal Bond Policy. My correct name is Durbashini Pradhan. That both names refer to one and the same person.

**Sd/- Durbashini Pradhan**

**AFFIDAVIT**

By virtue of an affidavit no.88 before the Executive Magistrate, Paikmal, Bargarh, dtd. 11.05.2026, I, Gunanidhi Pradhan, Vill/P.O.- Jamseth, P.S. Paikmal, Dist. Bargarh hereby declare that my name has been wrongly recorded as Dinabandhu Pradhan in my Postal Bond Policy. My correct name is Gunanidhi Pradhan. That both names refer to one and the same person.

**Sd/- Gunanidhi Pradhan**

**Office of the Principal**
**PANCHAYAT HIGHER SECONDARY SCHOOL**
**At-Palasagora, Po-Baghiabahal, Dist-Boudh**

**Walk-in-Interview**

Wanted Contractual Teaching Faculties for PGT Odia and PGT Political Science. A walk-in-interview will be held on **12.07.2026 (Sunday)** at **10.30 A.M.** in the office of the undersigned. Candidate having **55% marks** in concerned subject may attend along with their resume, photo copies of original certificates and their testimonials (Having B.Ed. Preference will be given first).

**Sd/- Principal**
**Panchayat Higher Secondary School,**
**Palasagora, Dist-Boudh**

**NOTICE**

By virtue of an affidavit no. 480 sworn before Notary Public, Borigumma, dated 26/05/2026, I LACHMAN GOUDA Address: Chargam, Po: Jayantigiri, PS: Borigumma, Dist: Koraput, Odisha-764056 declare that I have changed the name of my son from TOKADHAR GOUDA to TANKADHARA GOUDA. Henceforth, he shall be known as **TANKADHARA GOUDA** for all purposes.

**Lachman Gouda**

**O/O CHIEF DISTRICT MEDICAL & PUBLIC HEALTH OFFICER**
**DHH WARE HOUSE, NABARANGPUR**
Mail ID: dwhnabarangpur.26@gmail.com
RFP No.: 6074Date: 29.06.2026
**10001/318/2627**

Sealed tenders are invited from registered, reputed and experienced Agencies /Firms/ Individuals for "selection of agencies to provide Godrej & Nilkamal furniture items under Rate contract". Bidders may send their complete bid in double cover system (Technical & Financial) separate envelops only. Combined bids will not be considered. Category of supply must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website **https://nabarangpur.odisha.gov.in/**. Last date for receipt of Tender documents is **20.07.2026 by 5:00 PM** only through Speed post/Regd Post/Courier only, and the bids so received will be opened on **21.07.2026 at 11:00 AM** in the office chamber of CDM & PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof. Pre-Bid meeting- **04.07.2026 at 11 AM.**

**Sd/- CDM & PHO-Cum-District Mission Director**
**NHM Nabarangpur**
**OIPR-10001/10081/1/26-27/0010**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 992, dated 24-06-2026, I, PHIRAJ CHANDRA HIAL, S/o - Alec Chandra Hial, permanent resident of - Gadabaguda, PO/PS/Dist.- Nabarangpur, Odisha, Pin - 764059, declare that I have changed the name of my Daughter from H. PRAKRUTI PRANGYA to PRAKRUTI PRANGYA HIAL. Henceforth, she shall be known as **PRAKRUTI PRANGYA HIAL** for all purposes.

**Sd/- Phiraj Chandra Hial**

**OFFICE OF THE PANCHAYAT SAMITI, PAIKMAL**
AT/PO/PS:- Paikmal, Dist.:- Bargarh (Odisha), PIN:- 768039
E_Mail ID:- ori-paikmal@od.gov.in
No. 1478/ Dt. 29.06.2026
19001/122/2627

**"e"-procurement Notice**
Bid Identification No. BDO/Paikmal/02/2026-27

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. **www.tendersodisha.gov.in**

1. **Nature of work :** Civil works
2. **No. of works :** 4
3. **Estimated cost :** As per NIT
4. **Period of completion :** As per NIT
5. **Date and time of availability of the Documents in the Portal :** From **02.07.2026 11.00 AM to 14.07.2026 5.00 PM**
6. **Last date/time for receipt of Bids in the portal : Dt. 14.07.2026 up to 5.00 PM**
7. **Bids received online shall be opened on : Dt. 15.07.2026 at 11 AM**
8. **Name and address of the Officer inviting Bid : Block Development Officer, Paikmal**

Further, the details can be seen from the procurement Portal **www.tendersodisha.gov.in**

**Block Development Officer**
**Paikmal**
**OIPR-19001/19175/1/26-27/0001**

**AFFIDAVIT**

By virtue of an affidavit no.156 before the Executive Magistrate, Bhubaneswar, dtd. 29.06.2026, I, Sabitri Kamudi, At- Abarada, P.O. Kularsingi, P.S. Padwa, Dist. Koraput hereby declare that My correct name is **Sabitri Kamudi** but in my Aadhaar Card it has been wrongly recorded as Sabetri Kamudi. Henceforth I shall be known as **Sabitri Kamudi** for all purposes.

**Sd/- Sabitri Kamudi**

**ବିଶେଷ ସୂଚନା**

ଏତଦ୍ୱାରା ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ଖରିଫ ଚାଷ ପାଇଁ ତା.୦୨-୦୭-୨୦୨୬ ରିଖ ପୂର୍ବାହ୍ଣ ୦୯.୦୦ ଘଟିକା ସମୟରେ ବରଗଡ ମୁଖ୍ୟ କେନାଲ ମାଧ୍ୟମରେ ସମସ୍ତ କେନାଲକୁ ଜଳଯୋଗାଣ କରାଯିବ । ଏଣୁ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆସନ୍ତା ଖରିଫ ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ

**GOVT. OF ODISHA** 25001/582/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
**E-Mail:** eerw_anandapur@yahoo.co.in

**1st Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby **rescheduled** as below:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender Clarification | Date & Time of opening of tender in O/o the S.E.R.W. Division, Anandapur |
|---|---|---|---|---|---|
| | | From | To | | |
| Executive Engineer, R.W. Division, Anandapur | NCB-Online 09/EE/RW/AND/2026-27 | 04.07.2026, 10:00 A.M. | 13.07.2026, up to 5:00 P.M. | 10.07.2026, up to 11:00 A.M. | 14.07.2026, 11:30 A.M. |

All other contents remain unchanged.

**Sd/- Executive Engineer**
**R.W. Division, Anandapur**
**OIPR-25001/25055/1/26-27/0010**

**OFFICE OF THE DIVISIONAL FOREST OFFICER,**
**REDHAKHOL FOREST DIVISION**
Email ID: - dfo.redhakhol@odisha.gov.in

**Notice No.19 of 2026-27, Date 30.06.2026** 8001/177/2627

**Application Invited for Engagement as Computer Engineer**

Redhakhol Forest Division invites applications only from qualified candidates for the post of Computer Engineer on a purely outsourcing basis (behalf of the Service Provider) to assist in planning, data management, and execution of digital operations including website and portal management, mobile application data management, and capacity building of staff on digitalisation and AI/LLM tools.

The interview date shall be intimated to the candidate after completion of preliminary scrutiny of the application and shall be notified through mail. Application shall be submitted only through the online mode. The application along with terms and conditions shall be available in www.sambalpur.odisha.gov.in/ www.odishaforest.in/ www.redhakholforest.com .

| Name of the Post | Computer Engineer |
|---|---|
| Educational Qualification | B.Tech/ B.E in Computer Science and Engineering or Postgraduate in Computer Science and Engineering from a recognized University. |
| Desirable Technical Skills | Programming and Scripting – Python, SQL, Java script etc. AI/ML, LLM, and Data tools etc. Computer and Office Skills – MS Office, Map design and layout etc. |
| Emoluments | Rs. 36,000(Thirty-six thousand rupees only) per month |
| Age | Upper age limit 35 years as on 01.01.2026, including age relaxation up to 5 years in case of SC/ST/SEBC candidates. |
| Last Date and Time for Submission | 18th July 2026 and 05.00 PM |

The candidate should submit **online form** by visiting the website www.redhakholforest.com or through scanning the QR code/ link (https://forms.gle/9MV3AiDgHf4bWAZi8). For any query, candidates can mail to helpdesk@redhakholforest.com.

**OIPR-8001/8146/1/26-27/0030**

Divisional Forest Officer,
Redhakhol Forest Division.

**AFFIDAVIT**

By virtue of an affidavit sworn before Executive Magistrate/Notary Public) baripada, Mayurbhanj, Odisha sl no:493, dated 30.06.2026, I Sai Kiran Nayak, d/o: Biplab Nayak, AT: Purnachandrapur, ward no:21, Chipatastia, po/ps: Bhanjpur, dist - Mayurbhanj, PIN - 757002, adhar no: 365057025729 declare that I have changed my name from Saikiran Nayak to Sai Kiran Nayak. Henceforth, I shall be known as **Sai Kiran Nayak** for all purposes.

**AFFIDAVIT**

I, Prasanta Das, Age 34 yrs S/o- Bhagirathi Das, do hereby solemnly affirm that, as per Affidavit No. 1206 dated- 12.05.2026 sworn before the Executive Magistrate, Kanika, my correct and actual name is Prasanta Das. The same is duly recorded in my SBI Bank Account, Aadhaar Card, and Voter ID Card but, my name has been recorded as Sangram Das in LIC Policy No. **586255912**. I hereby declare that the names **Prasanta Das and Sangram Das** refer to one and the same person.

ସକାଳ THE SAKALA



www.sakalaepaper.com

## ଜୈବବିବିଧତା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ତିଗିରିଆ, ୩୦।୬ (ସମିସ): ତିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ଗତ ୨ ଦିନ ଧରି ଚାଲିଥିବା ବନଖଣ୍ଡସ୍ତରୀୟ ଜୈବବିବିଧତା ସଂପର୍କିତ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କ ପୌରୋହିତ୍ୟ ଏବଂ ଏବିଡିଓ ଯାଜ୍ଞସିନୀ ଗୋଛାୟତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ ଡିଏଫଓ ଅନୁରାଗ ମିଶ୍ର ତ୍ରିସ୍ତରୀୟ ଜୈବବିବିଧତା ସଂରକ୍ଷଣ ବ୍ୟବସ୍ଥାରେ ସ୍ଥାନୀୟ ଜୈବବିବିଧତା ପରିଚାଳନା ସମିତି (ବିଏମସି)ର ଭୂମିକା ଏବଂ ସେ ସମ୍ପର୍କିତ ନଥିପତ୍ରର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଓଡିଶା ଜୈବବିବିଧତା ବୋର୍ଡର ଉପ ବନ ସଂରକ୍ଷକ ଶିଶିର କୁମାର ମିଶ୍ର, ଉଦ୍ଭିଦ ବିଜ୍ଞାନୀ ଡା. ପ୍ରଭାତ କୁମାର ଦାସ, ବନ୍ୟଜିବ ବିଶେଷଜ୍ଞ ଡା. ଶିବପ୍ରସାଦ ପରିଡା ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଦାସ, ଲିକୁନ ପ୍ରଧାନ, ଚନ୍ଦନ ସାହୁ, ଓଡିଶା ଜୈବବିଧତା ବୋର୍ଡର ଚିତ୍ତରଂଜନ ନାୟକ, ଆଠଗଡ ବନଖଣ୍ଡର ବନପାଳ ବନରକ୍ଷୀ ଏବଂ ତିଗିରିଆ ବ୍ଲକର ୭ଟି ଏବଂ ବାଙ୍କୀ ବ୍ଲକର ୪ଟି ଜୈବବିବିଧତା ପରିଚାଳନା ସମିତିର ଅଧ୍ୟକ୍ଷ, ଅଧ୍ୟକ୍ଷା, ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ତିଗିରିଆ, ୩୦।୬ (ସମିସ): ସୁଦର୍ଶନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମଳ ପ୍ରସାଦ ସାହୁଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାଶ୍ୟାମଳା ସାଧାନ କେନ୍ଦ୍ର ସଂଯୋଜକ ନିଶାକର ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ୍ ସହଶିକ୍ଷାଧିକାରୀ ତଥା ସାଧାନକେନ୍ଦ୍ର ସଂଯୋଜକ ମାଧବଚନ୍ଦ୍ର ଦେଉରୀ, ମୁଖ୍ୟବକ୍ତା ଭାବେ ସହଶିକ୍ଷାଅଧିକାରୀ ସୌଦାମିନୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଶ୍ରୀ ସାହୁଙ୍କ ସହଧର୍ମିଣୀ ପ୍ରତିମା ସାହୁ, ଗ୍ରାମ ସଭାପତି ମୁରଲୀଧର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ରାଉତ, ନୋଡାଲ ପ୍ରଧାନଶିକ୍ଷକ ରବିନ୍ଦ୍ର ନାଥ ବିଶ୍ୱାଳ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ର, ସଂପାଦକ ମାୟାଧର ସାହୁ ଏବଂ ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଚନ୍ଦ୍ରକାନ୍ତ ମିଶ୍ର, ସଂପାଦକ ମହେଶ୍ୱର ସେଠି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକ ବିଦାୟୀ ସଙ୍ଗୀତ ପରିବେଷଣ କରିଥିଲେ। ଶ୍ରୀ ସାହୁ ଅବସର ଗ୍ରହଣ କରିବାର ୫ ଦିନ ପୂର୍ବରୁ ସରକାର ତାଙ୍କୁ ତାଙ୍କର ପୁରା ପେନସନ ପ୍ରଦାନ କରିଥିବା ସେ କୃତଜ୍ଞତା ଜଣାଇଥିଲେ।

## ବିନ୍ଧାଣିମା ସିଏଚସି ଡ୍ରାଇଭରଙ୍କୁ ସମ୍ବର୍ଦ୍ଧନା



ତିଗିରିଆ, ୩୦।୬ (ସମିସ): ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରାଇଭର ଭାବେ କାର୍ଯ୍ୟରତ ସୋମନାଥ ରାଉତଙ୍କୁ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡାକ୍ତର ଦୀପକ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ସ୍ୱାସ୍ଥ୍ୟ କର୍ମଚାରୀ ସଞ୍ଜୟ କୁମାର ରାଉତଙ୍କ ସମେତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମଚାରୀ, ସିଏଚଓ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ସ୍ୱାସ୍ଥ୍ୟ କର୍ମଚାରୀ ସୋମନାଥଙ୍କର କାର୍ଯ୍ୟକାଳର ସ୍ମୃତିଚାରଣ କରିବା ସହ ଅବସର ଜୀବନ ସୁଖମୟ ହେଉ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ସାମାଜିକ ନାଟକ 'ଏମିତି କାହାଣୀ କେବେ ଶୁଣିନି' ମଞ୍ଚସ୍ଥ

ତିଗିରିଆ, ୩୦।୬ (ସମିସ): ପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ଯାତ୍ରା ଉପଲକ୍ଷେ ପୁରୁଣା ତିଗିରିଆ ପଞ୍ଚାୟତ ଗୋପାଳସାହିର ଶିବଶକ୍ତି ଡ୍ରାମାଟିକ କ୍ଲବ୍‌ର ୨୮ ତମ ବାର୍ଷିକ ଉତ୍ସବରେ ସାମାଜିକ ନାଟକ "ଏମିତି କାହାଣୀ କେବେ ଶୁଣିନି' ମଞ୍ଚସ୍ଥ ହୋଇଯାଇଛି। କ୍ଲବ୍ ସଭାପତି ଧୀରେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ ନିର୍ବାଚନମଣ୍ଡଳୀ ଯୁବନେତା ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ମାଝୀ, ପୁରୁଣା ତିଗିରିଆ ପଞ୍ଚାୟତ ସରପଞ୍ଚ ପ୍ରତାପ କୁମାର ଜେନା, ବରିଷ୍ଠ ମୁରବୀ ଘନଶ୍ୟାମ ଜେନା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହିମାଂଶୁ ଭୂଷଣ ମହାନ୍ତି, ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ରାକେଶ ସ୍ୱାଇଁ, ଅବସରପ୍ରାପ୍ତ ଆର୍ଥିକ ପରାମର୍ଶଦାତା କିଶୋର କୁମାର ମହାନ୍ତି, ସମାଜସେବୀ ଯୁଗଳ କିଶୋର ନାୟକ, ଗୋପାଳସାହି ସଭାପତି ନଗେନ୍ଦ୍ର କୁମାର ବେହେରା, କ୍ଲବ ସମ୍ପାଦକ ଜପକୃଷ୍ଣ ବେହେରା, କୋଷାଧ୍ୟକ୍ଷ ମାନସ କୁମାର ମହାନ୍ତି, ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କଳାକାର ଚନ୍ଦନ ପ୍ରଧାନ, ମାନସ ମାଝୀ, ବିନାୟକ ମହାନ୍ତି, ଦେବଦତ୍ତ ସାହୁ, ଆଲୋକ ବେହେରା, ଆଶୁତୋଷ ମାଝୀ, ଜପକୃଷ୍ଣ ବେହେରା, ଅକ୍ଷୟ ମାଝୀ, ଶଶିକାନ୍ତ ପ୍ରଧାନ, କୁନି କଳାକାର ଭାବେ କୁଳଦୀପ ବେଉରା ଓ ଆଦିତ୍ୟ ମହାନ୍ତି ପ୍ରମୁଖ ଅଭିନୟ କରିଥିଲେ।

## ଶୁଖିଲା ପଡ଼ିଛି ଯମୁନାବନ୍ଧ, ବାରମାଣ, କୁକୁଡ଼ାଖାଇ, ଜରିତଇଲା

### କରିବେ-ନକରିବେ ଦୋଛକିରେ ଚାଷୀ

# ୯୦ ଶତକଡ଼ା ଜମିକୁ ହଳ-ଲଙ୍ଗଳ ଯାଇନି

ତିଗିରିଆ, ୩୦।୬ (ସମିସ)

କଟକ ଜିଲ୍ଲାର ପ୍ରମୁଖ କୃଷିପ୍ରଧାନ ବ୍ଲକ୍ ତିଗିରିଆ ଅଞ୍ଚଳରେ ଖରିଫ ଋତୁରେ ଫସଲ ବିଶେଷ କରି ଧାନ ଚାଷ ପାଇଁ ଆଦୌ ବର୍ଷା ହୋଇନାହିଁ। ୧୪ ପଞ୍ଚାୟତରୁ କେବଳ ନୂଆପାଟଣାକୁ ଛାଡିଦେଲେ ଅନ୍ୟ ସମସ୍ତ ରାଜସ୍ୱ ଗ୍ରାମରେ ଥିବା ହଜାର ହଜାର ହେକ୍ଟର ଚାଷଜମିକୁ ଏଯାବତ୍ ବିହନ ତ ଦୂରର କଥା ଖରିଫ ଫସଲ ବୁଣାବୁଣି ପାଇଁ ହଳ ଲଙ୍ଗଳ ଓ ଟ୍ରାକ୍ଟର ବି ଯାଇନି। ଜଳ ସଂକଟରେ ଚଳିତ ଖରିଫ ଫସଲ ପାଇଁ ଚାଷୀ କ'ଣ କରିବ ଚିନ୍ତାରେ ରହିଛନ୍ତି। ଧାନ ଫସଲ ପାଇଁ ପ୍ରଚୁର ପରିମାଣର ଜଳର ଆବଶ୍ୟକ ଥିବା ବେଳେ ତିଗିରିଆ ବ୍ଲକର ସ୍ୱଳ୍ପ ବୃଷ୍ଟିପାତ ସ ହ ତିଗିରିଆ ନିଜିଗଡସ୍ଥିତ ଯମୁନାବନ୍ଧ, ବାରମାଣ ବନ୍ଧ ସହ ହରିଡାପଶି ନିକଟସ୍ଥ ଜରିତଇଲା ଓ ନୂଆପାଟଣାସ୍ଥିତ କୁକୁଡ଼ାଖାଇ ବନ୍ଧରେ ସ୍ୱଳ୍ପ ପରିମାଣର ଜଳ ଅଛି। ଫଳରେ ଏହି ବନ୍ଧଗୁଡିକର ପାଣି ଆଦୌ ଚାଷକାର୍ଯ୍ୟରେ ଲାଗିପାରୁ ନ ଥିବାରୁ ତିଗିରିଆ ମୋଟ ୪୯ଟି ରାଜସ୍ୱ ମୌଜାର ଥିବା ହଜାର ଧାନବିଲ ପଡ଼ିଆ ପରି ପଡିରହିଛି। ସାଧାରଣତଃ ଓଡ଼ିଶାରେ ରଜପର୍ବ ପରେ ମୌସୁମୀ ଜନିତ ବର୍ଷା ପରେ



ଖରିଫ ଫସଲ କାର୍ଯ୍ୟ ଆରମ୍ଭ ହୋଇଥାଏ। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମୌସୁମୀର ନିଷ୍କ୍ରିୟତା କାରଣରୁ ଚଳିତ ବର୍ଷ ତିଗିରିଆରେ ଆବଶ୍ୟକଠାରୁ କମ୍ ପରିମାଣ ବର୍ଷା ହୋଇଛି ଓ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଚଳିତ ବର୍ଷ କୃଷି ବିଭାଗ ପକ୍ଷରୁ ତିଗିରିଆ ତହସିଲ ଅଧୀନ ୪୯ଟି ରାଜସ୍ୱ ମୌଜାରେ ଥିବା ମୋଟ ୭୨୫୨ ହେକ୍ଟର ଚାଷଜମିରୁ ୪୧୩୦ ହେକ୍ଟର ଚାଷଜମିରେ ଧାନଚାଷ ପାଇଁ ଆକଳନ କରାଯାଇଛି। ଏଥିମଧ୍ୟରୁ ୧୮୦୦ ହେକ୍ଟର ଚାଷଜମି ବ୍ଲକର ପ୍ରମୁଖ ଜଳଉତ୍ସ ଯମୁନାବନ୍ଧ, ବାରମାଣବନ୍ଧ, ଜରିତଇଲା ଓ କୁକୁଡାଖାଇର ଜଳଭଣ୍ଡାର ଉପରେ ନିର୍ଭର କରୁଥିବା ବେଳେ ବାକି ୫୪୫୭ ହେକ୍ଟର ଚାଷଜମିକୁ ବର୍ଷାଜଳ ଓ ଉଠା ଜଳସେଚନର ଆବଶ୍ୟକତା ରହିଛି। ସ୍ୱାଭାବିକ ବର୍ଷା ଅଭାବ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ଜଳବଣ୍ଟନ ନୀତି ପାଇଁ ଏହି ବନ୍ଧଗୁଡିକ ଆଉ ଜଳସେଚନ କାର୍ଯ୍ୟରେ ବ୍ୟବହୃତ ନ ହୋଇ ମାଛ ଚାଷପାଇଁ ବ୍ୟବହାର ହେଉଛି; ଯାହାକି କୃଷକର ମନୋବଳ ଭାଙ୍ଗିବାରେ ଲାଗିଛି। ଅନ୍ୟପକ୍ଷରେ ତିଗିରିଆ ବ୍ଲକର କୃଷକ ତଥା କୃଷିକ୍ଷେତ୍ରକୁ ତିଗିରିଆ ବ୍ଲକ ଦେଇ ନରସିଂହପୁର ଯାଇଥିବା ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ ସମ୍ପୂର୍ଣ୍ଣ ହତାଦର କରିଛି। ଦୀର୍ଘ ୫ ବର୍ଷ ଧରି ଏହି କେନାଲ ଖନନ କାର୍ଯ୍ୟ ଶେଷ ହୋଇଥିଲେ ହେଁ ବିଭାଗ ପକ୍ଷରୁ ଏହାର ସଂପୂର୍ଣ କାର୍ଯ୍ୟକ୍ଷମ କରାଯାଇ ନଥିବାରୁ ଚାଷ କାର୍ଯ୍ୟରେ ଘୋର ବାଧା ଉପୁଜିଛି। କୃଷି ବିଭାଗ ପକ୍ଷରୁ ଏହି ବ୍ଲକ ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତକୁ ବାଦ୍ ଦେଇ ତିଗିରିଆ ନିଜିଗଡ, ଭିରୁଡା, ଅଟଳକୋଟ, ପାଞ୍ଚଗାଁ, ସୋମପଡା, ପୁରୁଣା ତିଗିରିଆ, ବିନ୍ଧାଣିମା, ବାଲିପୁଟ, ଜେମାଦେଇପୁର, ଗଦାଧରପୁର, ହାଟମାଳ, ଭୋଗଡା, ବଡନାଉପୁଟ ଅଞ୍ଚଳର ଚାଷୀଙ୍କ କ୍ଷେତକୁ ସବଳ କରିବା ପାଇଁ ପ୍ରାୟ ୩ କ୍ୱିଣ୍ଟାଲ ଧଣିଚା ବିହନ ବୁଣିବାକୁ ଦିଆଯାଇଥିବା ବେଳେ ଉପଯୁକ୍ତ ପରିମାଣର ବର୍ଷାପାଣିର ଧଣିବା ଗଛ ବି ମାଟିରୁ ଉଠୁନି। କୃଷକ ଏବେ ଖରିଫ ଫସଲ ବୁଣିବେ ନା ନାହିଁ ସନ୍ଦେହରେ ରହି ସ୍ୱାଭାବିକ ବର୍ଷାପାଣିକୁ ଚାତକ ପରି ଅନେଇ ରହିଛନ୍ତି।

### ଅବହେଳାରୁ ବିଳମ୍ବ ଆବେଦନ ଗ୍ରହଣଯୋଗ୍ୟ ନୁହେଁ

## ୧ ଲକ୍ଷ ଦଣ୍ଡ ଗଣିବେ ସରକାର

କଟକ,୩୦।୬(ସମିସ): ସରକାରୀ କଳର ଅବହେଳା କିମ୍ବା ଶିଥିଳତା ଯୋଗୁଁ କୋର୍ଟରେ ବିଳମ୍ବରେ ଦାୟର ହେଉଥିବା ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଦ୍ୱାରା ଦାୟର ଏକ ରିଟ୍ ଅପିଲ୍ ଓ ଅନ୍ତରୀଣ ଆବେଦନକୁ ଖାରଜ କରି ଏପରି ରାୟ ଦେଇଛନ୍ତି। ଏହାଦ୍ୱାରା ଦୀର୍ଘ ୪ ଦଶନ୍ଧି ଧରି ସେବା କରି ଅବସର ଗ୍ରହଣ କରିଥିବା କର୍ମଚାରୀ ପ୍ରତିପକ୍ଷ ରତ୍ନାକର ସ୍ୱାଇଁଙ୍କୁ ତାଙ୍କର ନ୍ୟାଯ୍ୟ ପେନସନ ମିଳିବା ପଥ ପରିଷ୍କାର ହୋଇଛି। ଏଥିସହ ରାଜ୍ୟ ଆଇନସେବା ପ୍ରାଧିକରଣରେ ସରକାର ୧ଲକ୍ଷ ଟଙ୍କା ଦଣ୍ଡ ଆକାରରେ ଆସନ୍ତା ଏକ ସପ୍ତାହ ମଧ୍ୟରେ ପଇଠ କରିବେ ବୋଲି କହିଛନ୍ତି ଖଣ୍ଡପୀଠ। ମାମଲାର ବିବରଣୀ ଅନୁଯାୟୀ, ରତ୍ନାକର ସ୍ୱାଇଁ ଗତ ୧୯୮୦ ଡିସେମ୍ବର ୧୬ରୁ ସାଲେପୁର ଆରଡବ୍ଲୁଏସଏସ ଡିଭିଜନରେ "ଫିଟର ମେକାନିକ" ଭାବେ କାର୍ଯ୍ୟ କରୁଥିଲେ। ସେ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ସେବା ପ୍ରଦାନ କରିବା ପରେ ଗତ ୨୮.୦୨.୨୦୨୨ରେ ଅବସର ଗ୍ରହଣ କରିଥିଲେ। ତେବେ ତାଙ୍କଠାରୁ ଜୁନିଅର ଥିବା ଜଣେ କର୍ମଚାରୀଙ୍କ ଚାକିରି ନିୟମିତ କରାଯାଇ ପେନସନ ପ୍ରଦାନ କରାଯାଇଥିବା ବେଳେ, ରତ୍ନାକରଙ୍କ ଏହି ସୁବିଧାରୁ ବଞ୍ଚିତ କରାଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଗତ ୨୦୨୫ ଫେବୃଆରୀ ୧୩ରେ ଜଣିକିଆ ବିଚାରପତି ତାଙ୍କ ସେବାକୁ ନିୟମିତ କରିବା ସହ ୩ ମାସ ମଧ୍ୟରେ ସମସ୍ତ ପେନସନ ଏବଂ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୟସୀମା ମଧ୍ୟରେ ଅର୍ଥ ପ୍ରଦାନ ନ କଲେ ୧୦% ସୁଧ ଦେବାକୁ ପଡ଼ିବ ଏବଂ ଏହି ସୁଧ ଅର୍ଥ ଦାୟିତ୍ୱହୀନ ଅଧିକାରୀଙ୍କ ଦରମାରୁ କଟାଯିବ ବୋଲି କୋର୍ଟ କହିଥିଲେ। ଜଣିକିଆ ବିଚାରପତିଙ୍କ ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାର ୩୩୩ ଦିନ ବିଳମ୍ବରେ ଏକ ଅପିଲ୍ ଦୁଇ ଜଣିଆ ଖଣ୍ଡପୀଠରେ ଦାୟର କରିଥିଲେ ଏବଂ ବିଳମ୍ବକୁ କ୍ଷମା କରିବା ପାଇଁ ଅନ୍ତରୀଣ ଆବେଦନ କରିଥିଲେ। ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ବିଭିନ୍ନ ବିଭାଗୀୟ ପ୍ରକ୍ରିୟା ଏବଂ ଫାଇଲ୍ ସରକାରୀ ସ୍ତରରେ ବୁଲିବା ଯୋଗୁଁ ଏହି ବିଳମ୍ବ ହୋଇଛି। ତେବେ ହାଇକୋର୍ଟ ସରକାରଙ୍କ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଦୀର୍ଘ ବର୍ଷ ଧରି କୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ ସତ୍ୟପାଠ ଦାଖଲ ନକରିବା ଏବଂ କୋର୍ଟଙ୍କ ଆଦେଶକୁ ହାଲୁକା ଭାବେ ନେବା ସରକାରୀ କର୍ମଚାରୀଙ୍କ ଅବହେଳାକୁ ଦର୍ଶାଉଛି ବୋଲି ହାଇକୋର୍ଟ କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

## ନବୀନଙ୍କୁ ଭେଟିଲେ ଟାଙ୍ଗୀ-ସାଲେପୁର ବିଜେଡି ନେତା



ଟାଙ୍ଗୀ,୩୦।୬(ସମିସ): ଟାଙ୍ଗୀ ବିଜେଡି ପକ୍ଷରୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି। ଟାଙ୍ଗୀ-ସାଲେପୁରରେ ବିଜେଡି ସୁଦୃଢ଼ ଥିବାରୁ ବିଧାୟକ ଶ୍ରୀ ବେହେରାଙ୍କୁ ନବୀନ ପଟ୍ଟନାୟକ ଖୁସି ହେବା ସହ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ତୃଣମୂଳ ସ୍ତରରୁ ସଂଗଠିତ କରିବା ସହ ଲୋକମାନଙ୍କ ପାଇଁ କାମ କରିବାକୁ ଯୋଗଦେଇଥିବା ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ ସମୟରେ ବ୍ଲକ ସଭାପତି ଧିରେନ୍ଦ୍ର କୁମାର ଯେଠୀ, ପଞ୍ଚାୟତସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ ପ୍ରଧାନ ଓ ତାପସ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଆଗଧାଡ଼ିର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ



ନିଶ୍ଚିନ୍ତକୋଇଲି, ୩୦।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନଡକାଇଠାରେ ଥିବା ବଲ୍ଲଭୀ ଦେବୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଏକ ଅତିରିକ୍ତ ନୂତନ ଶ୍ରେଣୀଗୃହ ଏବଂ ଚାରିଟି ଶୌଚାଳୟକୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମଙ୍ଗଳବାର ପୂର୍ବାହ୍ନରେ ଉଦ୍‌ଘାଟନ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଅନୁଦାନରେ ଯୋଗାଇ ଦିଆଯାଇଥିବା ୩୩ ଲକ୍ଷ ଟଙ୍କାରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ପୁଷ୍ପିତା ଜେନାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବହୁ ସମର୍ଥକ ଏବଂ କଲେଜର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

## ଗୀତିକବିଙ୍କ ଜୟନ୍ତୀରେ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, ୩୦।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଗୋପପୁରଠାରେ ଥିବା କ୍ଷୀରୋଦ ପୋଥାଳ ସ୍ମୃତି ସଂସଦ ଏବଂ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଗୀତିକବି କ୍ଷୀରୋଦ ପୋଥାଳଙ୍କ ୮୭ତମ ବାର୍ଷିକ ଜୟନ୍ତୀ ପି ପି କଲେଜ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ସଂସଦର ସଭାପତି ଦେବେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱ ଏବଂ ସଂପାଦକ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭ୍ୟ ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ 'କୋଠଭୋଗଖିଆ ମୋ ଚକାଆଖିଆ' ଭଜନର କାଳଜୟୀ ସ୍ରଷ୍ଟା ଗୀତିକବି କ୍ଷୀରୋଦ ପୋଥାଳଙ୍କ ଅନୁଭୂତିର ସିଦ୍ଧସ୍ୱର ଓ ସ୍ୱାକ୍ଷର ଖୁବ୍ ସମୃଦ୍ଧଶାଳୀ ବୋଲି ମତଦେଇଥିଲେ। ମୁଖ୍ୟବକ୍ତା ଭାବେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ, ସମ୍ମାନିତ ଅତିଥି ଭାବେ ନବପ୍ରଭାତ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ମାନଗୋବିନ୍ଦ ପଣ୍ଡା, ସାମ୍ବାଦିକ ଶଶିଭୂଷଣ ଷଡଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ବୈଜୟନ୍ତୀମାଳା ଶତପଥୀ, ଅଧ୍ୟାପକ ପ୍ରଶାନ୍ତ ପଣ୍ଡା, ଅଧ୍ୟାପକ ସୁଧୀର ଦାସ, ଶିକ୍ଷାବିତ୍ ଅକ୍ଷୟ ଷଡଙ୍ଗୀ, କବୟିତ୍ରୀ ପ୍ରତିଭା ଦାସ, ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କ୍ଷୀରୋଦ ପୋଥାଳଙ୍କ ନାମରେ ବିଭିନ୍ନ ଉପାଧି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ବାସନ୍ତୀ ସାମଲଙ୍କ ଶ୍ରୀକୃଷ୍ଣଲୀଳା ଓ ମହାଭାରତ ପୁସ୍ତକର ଲୋକାର୍ପଣ କରାଯାଇଥିଲା। ଡ. ଦେବଯାନୀ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

## ସରିଲା ପୋଲିଓ ବୁନ୍ଦା ବଣ୍ଟନ

ଆଠଗଡ଼, ୩୦।୬ (ସମିସ): ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନା ପକ୍ଷରୁ ଆଠଗଡ଼ ଏନଏସି ଅଞ୍ଚଳରେ ପୋଲିଓ ବୁନ୍ଦା ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଶେଷ ହୋଇଛି। ଗତ ରବିବାର ଆଠଗଡ଼ ଏନଏସି ଅନ୍ତର୍ଗତ ୧୮ଟି ୱାର୍ଡରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ୧୧୪୬ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିଶୁରୋଗ ବିଶେଷଜ୍ଞ ତଥା ଆଠଗଡ ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡାକ୍ତର ମାନସ ରଞ୍ଜନ ପାଣି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀଙ୍କ ସହ ବରିଷ୍ଠ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଦଶରଥ ମାଝି, ଶୁଭଲକ୍ଷ୍ମୀ ପ୍ରଧାନ ପ୍ରତି ଘରକୁ ଘର ବୁଲି ଶିଶୁଙ୍କୁ ବୁନ୍ଦା ଖୁଆଇଥିଲେ। ଡିପିଏମ ଟିଏନ ରାଓ ଓ ମନ୍ଦାକିନୀ ରାଉତ ପୋଲିଓ ବୁନ୍ଦା ବିତରଣ ଯାଞ୍ଚ କରିଥିଲେ। କନିଷ୍ଠ ଡାକ୍ତରଖାନା ପରିଚାଳକ ପୂଜାଲିନ ମିଶ୍ର ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ତ୍ରିଲୋଚନ ବାରିକ ସହଯୋଗ କରିଥିଲେ।

## ଡ୍ରିମ୍‌ସ ଆଇଟିଆଇରେ ଗ୍ରାଜୁଏସନ୍ ଡେ'



କଟକ, ୩୦।୬ (ସମିସ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିଳ୍ପ ତାଲିମ୍ ପ୍ରତିଷ୍ଠାନ 'ଡ୍ରିମ୍‌ସ ଆଇଟିଆଇ'ରେ ଗ୍ରାଜୁଏସନ୍ ଡେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହୁଣ୍ଡାଇ ମୋଟର୍ସ ଇଣ୍ଡିଆ ଫାଉଣ୍ଡେସନ୍‌ର ନିଜସ୍ୱ ଦକ୍ଷତା ବିକାଶ ଅଭିଯାନ ଆଧାରିତ ଏହି କାର୍ଯ୍ୟକ୍ରମରେ ସଫଳତାର ସହ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଥିବା ଡ୍ରିମ୍ ଆଇଟିଆଇ ଏମ୍‌ଏମ୍‌ଭି ବିଭାଗର ଛାତ୍ରମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ହୁଣ୍ଡାଇ ମୋଟର୍ସ, ଗୁରୁଗାଁଓର ସିନିୟର ମ୍ୟାନେଜର ଶୁଭମ୍ ଗୁପ୍ତା ମୁଖ୍ୟଅତିଥି ଭାବରେ ଯୋଗଦେଇ ମୋଟରଯାନ ନିର୍ମାଣ ଓ ଗ୍ରାହକ ସେବା କ୍ଷେତ୍ରରେ ହୁଣ୍ଡାଇ ମୋଟର୍ସର ଉତ୍କର୍ଷ ଓ ବିଶ୍ୱସନୀୟତା ସର୍ବାଗ୍ରେ ରହିଥିବା ଉଲ୍ଲେଖ କରି ଏହି କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଥିବା ପ୍ରଶିକ୍ଷାର୍ଥୀ ନିଜର ଦକ୍ଷତା ଆଧାରରେ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଚିନ୍ମୟୀ ରଥ ମୁଖ୍ୟଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କମ୍ପାନୀର ଅଧୀକୃତ ବିକ୍ରେତା ଓଏସ୍‌ଏଲ ହୁଣ୍ଡାଇ ଓ ପ୍ରିମିୟର ହୁଣ୍ଡାଇର ମ୍ୟାନେଜର ମିହିର କୁମାର ନାୟକ ଓ ସତ୍ୟରଂଜନ ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଡ୍ରିମ୍‌ସ ଆଇଟିଆଇ ଅଧ୍ୟକ୍ଷ ଇଂ ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ପ୍ରଶିକ୍ଷକ ତପସ୍ୱୀ କୁମାର ଆଚାର୍ଯ୍ୟ, ବିଶ୍ୱଭୂଷଣ ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ପ୍ରଶିକ୍ଷକ ଉପସ୍ଥିତ ଥିଲେ।

## ଦିବାଲୋକରେ ଡକାୟତି ଗୁଜବ; ପୁଲିସ୍ ନୟାନ୍ତ



ଚୌଦ୍ୱାର, ୩୦।୬(ସମିସ): 'ଦୁଇ ଡକାୟତ ଜଣେ ଡାକ୍ତରଙ୍କ ଘରେ ପଶି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଅଟକ ରଖିଛନ୍ତି'। ଏଭଳି ଏକ ଗୁଜବକୁ ନେଇ ଚୌଦ୍ୱାର ଅଞ୍ଚଳରେ ଚହଳ ପଡ଼ିଥିଲା। ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ଦୀର୍ଘ ୪ ଘଣ୍ଟା ଧରି ପୁଲିସ ନାକେଦମ ହୋଇଥିଲା। ଗୋଡିପାଟଣାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଶରତ କୁମାର ସିଂ ଚୌଦ୍ୱାର ପୌରପାଳିକା ୯ ନଂ ୱାର୍ଡ କାଳେଶ୍ୱର ଅଞ୍ଚଳରେ ଥିବା ନିଜସ୍ୱ ୨ ମହଲା ବିଶିଷ୍ଟ ଗୃହରେ ରହୁଛନ୍ତି। ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଉଟି ସାରି ଏକ ମିଟିଂରେ ଯୋଗଦେବାପରେ ଅପରାହ୍ଣ ୩ଟା ସମୟରେ ସେ ଘରକୁ ଫେରିଥିଲେ। ଘର ଗେଟ ନିକଟରେ ସେ ପହଞ୍ଚିବା ମାତ୍ରେ ତାଙ୍କ ଘରେ ଭଡାରେ ରହୁଥିବା ଜଣେ ପଡ଼ୋଶୀ ବାହାରକୁ ଆସି ତାଙ୍କୁ ଅଟକାଇବା ସହିତ 'ଆପଣଙ୍କ ଘରେ କେହି ଜଣେ ପଶିଛି ଓ ତା ହାତରେ ବନ୍ଧୁକ ଭଳି ମାରଣାସ୍ତ୍ର ରହିଛି ବୋଲି ଖବର ଦେଇଥିଲେ। ଶୁଣିବା ମାତ୍ରେ ଡା. ସିଂ ଘର ଭିତରକୁ ନଯାଇ ତୁରନ୍ତ କମିସନରେଟ ପୁଲିସର ୧୦୦ ନମ୍ବରକୁ ଫୋନ୍ କରି ଜଣାଇବା ସହ ପୁଲିସ୍ ସହାୟତା ମାଗିଥିଲେ। କଟକ ଡିସିପି ରିଷିକେଶ ଖିଲାରୀ, ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ଓ ଚୌଦ୍ୱାର ଆଇଆଇସି ରଜନୀକାନ୍ତ ଦାସଙ୍କ ସମେତ ବହୁ ସଂଖ୍ୟକ ଅଧିକାରୀ ଆର୍ମଡ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଡା. ସିଂଙ୍କ ଘର ଚାରିପାଖ ଓ ସମ୍ମୁଖ ମୁଖ୍ୟରାସ୍ତାକୁ ବ୍ଲକିଂ କରିଦେଇଥିଲେ। ଘର ଭିତରେ ତନ୍ନତନ୍ନ କରି ଖୋଜାଖୋଜି କରିଥିଲେ। ହେଲେ ଘର ଭିତରେ କୌଣସି ବ୍ୟକ୍ତିଙ୍କୁ ଅଜଣା ବ୍ୟକ୍ତିକୁ ପାଇ ନଥିଲେ। ପରେପରେ ଉକ୍ତ କୋଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯିବା ସହିତ ଫୁଟେଜ ଆଧାରରେ ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି। ତେବେ ଘଟଣାସ୍ଥଳରେ ଭିଡ଼ ଭିତରେ ଥିବା ଜଣେ ଯୁବକକୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

## ଲକ୍ଷେଶ୍ୱର ମହିଳା ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ଫୁଲନଖରା, ୩୦।୬ (ସମିସ): କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଶକ୍ତି ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁପରିବର୍ତ୍ତନ ବିଭାଗ ତରଫରୁ ଜୁନ୍ ୨୬ରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ପାଳିତ ଏହି ସଚେତନତା ସପ୍ତାହ ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଯଶୋଧାରା ମହାପାତ୍ରଙ୍କ ପୌରୋହିତ୍ୟରେ ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସ୍ୱାଗତ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ମହାରଣା ବିଦ୍ୟୁତ୍ ଆଘାତ କିମ୍ବା ଅଗ୍ନିକାଣ୍ଡରୁ ସୁରକ୍ଷା ନିମନ୍ତେ ଆରସିସିବି ବ୍ୟବହାର, ଉପଯୁକ୍ତ ଆର୍ଥିଙ୍ଗ୍, ରାସ୍ତାରେ ଥିବା ବିଦ୍ୟୁତ୍ ତାର ପ୍ରତି ସତର୍କତା, ବିଦ୍ୟୁତ୍ ଲାଇନ୍ ତଳେ କୌଣସି ଗଛ ବା ଲତା ନ ଲଗାଇବା ଆଦି ସମ୍ପର୍କରେ ସଚେତନ କରିଥିଲେ। ଅନ୍ୟତମ ଅତିଥି ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାଧୀନଚେତା ମହାନ୍ତି, ସମାଜସେବୀ ବିପ୍ରଚରଣ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ସମେତ ଅଭିଭାବକ ଅଭିଭାବିକାମାନେ ପ୍ରାକୃତିକ ପରିବେଶ ସୁରକ୍ଷା ଓ ଶକ୍ତି ସଂରକ୍ଷଣ ନିମନ୍ତେ ଶପଥ ଗ୍ରହଣ କରିଥିଲେ। ଇକୋ କ୍ଲବ ସଂଯୋଜିକା ଅଧ୍ୟାପିକା ରେଣୁପ୍ରିୟା ପଣ୍ଡା ଓ ଅନସୂୟା ଆଚାର୍ଯ୍ୟଙ୍କ ସମେତ ସମସ୍ତ ଅଧ୍ୟାପିକା ଓ କର୍ମଚାରୀ ପରିଚାଳନା କରିଥିଲେ।

### ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ରଥଯାତ୍ରା ପ୍ରସ୍ତୁତି

## ଜୁଲାଇ ୧୭ରେ ଗୁଣ୍ଡିଚା, ୨୪ରେ ନିଳାଦ୍ରୀ ବିଜେ

ତିଗିରିଆ, ୩୦।୬ (ସମିସ)

ତିଗିରିଆ ବ୍ଲକର ଆରାଧ୍ୟ ଦେବତା ତଥା ଗୁପ୍ତ ଶ୍ରୀକ୍ଷେତ୍ରର ମର୍ଯ୍ୟାଦା ବହନ କରୁଥିବା ପ୍ରଭୁ ଶ୍ରୀ ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ତିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି, ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ଯାଜ୍ଞସିନୀ ଗୋଛାୟତ, ମନ୍ଦିର



ମ୍ୟାନେଜିଂ ଟ୍ରଷ୍ଟି ଲଳିତ କୃଷ୍ଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ଦାସ ଶାନ୍ତିଶୃଙ୍ଖଳା ସହବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ତହସିଲଦାର ଶ୍ରୀ ପଣ୍ଡା ଏନେଇ କମିଟିର ସଦସ୍ୟ, ସେବାୟତ, ପ୍ରଶାସନିକ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଲୋଡିଥିଲେ। ପ୍ରଫୁଲ୍ଲ ମହାପାତ୍ର, ଜଗବନ୍ଧୁ ତୁଙ୍ଗ ସାମନ୍ତ, ଭିରୁଡ଼ା ସରପଞ୍ଚ ବେଣୁଧର ସାହୁ, ପୁରୁଣା ତିଗିରିଆ ସରପଞ୍ଚ ପ୍ରତାପ ଜେନା, ସୋମପଡା ସରପଞ୍ଚ ପ୍ରଶାନ୍ତ ରାଉତ, ଗଦାଧରପୁର ସରପଞ୍ଚଙ୍କ ପ୍ରତିନିଧି ଶରତ ସ୍ୱାଇଁ, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା, ନିଜିଗଡ଼ ସରପଞ୍ଚଙ୍କ ପ୍ରତିନିଧି ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ଅଟଳକୋଟ ସରପଞ୍ଚଙ୍କ ପ୍ରତିନିଧି ବିଜୟ ବଳିୟାର ସିଂହ, ସମିତିସଭ୍ୟଙ୍କ ପ୍ରତିନିଧି ଅଚ୍ୟୁତ ଜେନା, କଣ୍ଠଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଦାସ, ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସଂଖ୍ୟାନ ସହାୟକ ମନମୋହନ ଦାଶଙ୍କ ସମେତ ମନ୍ଦିର ପରିଚାଳନା କମିଟିର ଅନ୍ୟାନ୍ୟ ସଦସ୍ୟ, ବ୍ଲକର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୫୪ ● ପାଉଣ୍ଡ ୧୨୫.୩୮
- ୟୁରୋ ୧୦୭.୯୮ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୦,୨୦୦ (ଭୁବନେଶ୍ୱର)
- ରୁପା : ୨,୪୫,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୪୭୮.୦୦
- ନିଫ୍ଟି ୨୩,୮୬୫.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

# ଟ୍ରମ୍ପ୍‌ଙ୍କୁ ପୁଣି ଝଟ୍‌କା ଦେଲେ ଆମେରିକା ସୁପ୍ରିମକୋର୍ଟ

■ ୱାଶିଂଟନ୍, ୩୦।୬ (ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟ ମଙ୍ଗଳବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଜନ୍ମଗତ ନାଗରିକତା ପ୍ରଦାନ ପାଇଁ ବ୍ୟବସ୍ଥାରେ ପରିବର୍ତ୍ତନ ନିମନ୍ତେ କୋର୍ଟ ତାଙ୍କର ପ୍ରୟାସକୁ ଅଟକାଇଛନ୍ତି। ୬-୩ ବହୁମତ ନିଷ୍ପତ୍ତିରେ, କୋର୍ଟ ରାୟ ଦେଇଛନ୍ତି ଯେ ଟ୍ରମ୍ପଙ୍କ ଦ୍ୱାରା ୨୦୨୫ ଜାନୁଆରୀ ୨୦ ରେ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଦିନ ଜାରି କରାଯାଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆଇନ ଅନୁଯାୟୀ ନୁହେଁ। ୫ ଜଣ ବିଚାରପତି କହିଛନ୍ତି ଯେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆମେରିକା ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନକୁ ଉଲ୍ଲଙ୍ଘନ କରୁଛି, ଯାହା ଆମେରିକାରେ ଜନ୍ମିତ ପ୍ରାୟ ସମସ୍ତଙ୍କୁ ନାଗରିକତା ପ୍ରଦାନ କରେ। ଏହି ସମୟରେ, ବିଚାରପତି ବ୍ରେଟ୍ କାଭାନା କହିଛନ୍ତି ଯେ ଏହି ନିର୍ଦ୍ଦେଶ ସଂଘୀୟ ଆଇନକୁ ଉଲ୍ଲଙ୍ଘନ କରେ, କିନ୍ତୁ ସମ୍ବିଧାନକୁ ନୁହେଁ। ଚଳିତ ମାସରେ ସୁପ୍ରିମକୋର୍ଟରେ ଏହା ଟ୍ରମ୍ପଙ୍କ ତୃତୀୟ ବଡ଼ ବିପର୍ଯ୍ୟୟ। ଫେବୃଆରୀ ପୂର୍ବରୁ, କୋର୍ଟ ତାଙ୍କ ଟାରିଫ୍ ନୀତିକୁ ବାତିଲ କରିଦେଇଥିଲେ। ସୋମବାର, କୋର୍ଟ ତାଙ୍କୁ



ଫେଡେରାଲ୍ ରିଜର୍ଭ ଅଧିକାରୀ ଲିସା କୁକ୍‌ଙ୍କୁ ତୁରନ୍ତ ପଦରୁ ବହିଷ୍କାର କରିବାରୁ ମଧ ବାରଣ କରିଥିଲେ।


### ଜନ୍ମଗତ ନାଗରିକତାକୁ ଅବରୋଧ କରିବା ପାଇଁ ନିର୍ଦ୍ଦେଶ ପ୍ରତ୍ୟାହାର

ଟ୍ରମ୍ପ୍‌ଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନକୁ ପୁନଃ ବ୍ୟାଖ୍ୟା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହି ସଂଶୋଧନରେ କୁହାଯାଇଥିଲା ଯେ ଆମେରିକାରେ ଜନ୍ମଗ୍ରହଣ କରିଥିବା ଏବଂ ଏହାର କ୍ଷେତ୍ରାଧିକାର ଅଧୀନରେ ଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଆମେରିକୀୟ ନାଗରିକ। ତଥାପି, ସୁପ୍ରିମକୋର୍ଟର ୯ ଜଣ ବିଚାରପତିଙ୍କ ମଧ୍ୟରୁ ୬ ଜଣ ସାଧାରଣତଃ ରକ୍ଷଣଶୀଳ ବିଚାରଧାରର ବୋଲି ବିବେଚନା କରାଯାଉଛି, ସେଥିରେ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ତିନି ଜଣ ମଧ ସାମିଲ। କୋର୍ଟ ଅନ୍ୟ ଅନେକ ମାମଲାରେ ଟ୍ରମ୍ପଙ୍କ ସପକ୍ଷରେ ମଧ ରାୟ ଦେଇଛନ୍ତି।

### ସୁପ୍ରିମକୋର୍ଟରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ମାମଲା

# ଇଥାନଲ୍ ମିଶ୍ରଣ ଏକ ପରୀକ୍ଷା

**ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି):** ଭାରତ ୨୦୨୫ରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ହାସଲ କରିଛି, ନିର୍ଦ୍ଧାରିତ ସମୟର ୫ ବର୍ଷ ପୂର୍ବରୁ ଏହା ହୋଇଛି। ହେଲେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଚଳିତବର୍ଷ ଏପ୍ରିଲ ପହିଲାରୁ ସାରା ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ସୂଚନା ଦେଇଛନ୍ତି ଯେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ପାଇଁ ପରୀକ୍ଷଣ ଚାଲିଛି। ଏହାର ଫଳାଫଳ ଆସନ୍ତା ବର୍ଷ ଆସିଯିବ ବୋଲି ସରକାର କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଦେଶରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ଯୋଗୁଁ ପୁରୁଣା ଯାନବାହନଗୁଡିକ ପ୍ରତି ସମ୍ଭାବ୍ୟ କ୍ଷତି ପହଞ୍ଚିବା ନେଇ ଜୋରଦାର ବିତର୍କ ଚାଲିଛି। ସରକାର କୌଣସି ଠୋସ୍ ପ୍ରମାଣ ନ ଥିବା କହି ଇ-୨୦ପେଟ୍ରୋଲ ଯାନ୍ତ୍ରିକ କ୍ଷତି ଘଟାଉଥିବା ଚିନ୍ତାକୁ ଦୂର କରିବାକୁ ଚେଷ୍ଟା କରିଛନ୍ତି। ସରକାରଙ୍କ ଯୁକ୍ତି ହେଉଛି, ଏହି ନୀତି ଭାରତର ଶକ୍ତି ସୁରକ୍ଷା, ଚାଷୀ ଏବଂ ପରିବେଶ ପାଇଁ ଲାଭଦାୟକ ପ୍ରମାଣିତ ହେବ। କର୍ଣ୍ଣାଟକ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଯୁକ୍ତି ସମୟରେ ଆଟର୍ଣ୍ଣି ଜେନେରାଲ୍ ଆର. ଭେଙ୍କଟରମଣି ଏହି ମନ୍ତବ୍ୟ ଦେଇଛନ୍ତି।





### ଫଳାଫଳ ଆସନ୍ତାବର୍ଷକୁ

### ସର୍ବୋଚ୍ଚ ଅଦାଲତଙ୍କୁ କେନ୍ଦ୍ର ସରକାରଙ୍କ ଉତ୍ତର

ଜୁନ୍ ୨୩ ଆଦେଶରେ କର୍ଣ୍ଣାଟକ ହାଇକୋର୍ଟ ତୈଳ କମ୍ପାନୀ ବିପିସିଏଲ, ଏଚ୍‌ପିସିଏଲ ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେସନ (ଆଇଓସି) କୁ ଟେଣ୍ଡର ଚୂଡ଼ାନ୍ତ କରିବା ପୂର୍ବରୁ ଇଥାନଲ୍ ଆବଣ୍ଟନ ବୃଦ୍ଧି ପାଇଁ ଏକ ଡିଷ୍ଟିଲେରୀ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ବିପିସିଏଲ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଥିଲା ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ହାସଲ କରିବା ପାଇଁ ସରକାରଙ୍କ ବ୍ୟାପକ ନୀତିଗତ ଉଦ୍ଦେଶ୍ୟକୁ ପ୍ରଭାବିତ କରିପାରେ। ଆଟର୍ଣ୍ଣି ଜେନେରାଲ କହିଛନ୍ତି, ସରକାର ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ସହିତ ଏହାର ପରୀକ୍ଷଣ କରୁଛନ୍ତି। ଆସନ୍ତା ବର୍ଷ ସୁଦ୍ଧା ଫଳାଫଳ କ'ଣ ରହୁଛି ତାହା ଦେଖାଯିବ। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ ବିପିସିଏଲ୍‌ର ଏହି ନିର୍ଦ୍ଦେଶ ବିରୁଦ୍ଧରେ କର୍ଣ୍ଣାଟକ ହାଇକୋର୍ଟ ଡିଭିଜନ ବେଞ୍ଚକୁ କାହିଁକି ଯାଇନାହିଁ। ଜବାବରେ, ଆଟର୍ଣ୍ଣି ଜେନେରାଲ କହିଛନ୍ତି ଯେ ଇଥାନଲ୍ ଯୋଗାଣ ଚୁକ୍ତିନାମା ଅକ୍ଟୋବର ୨୦୨୫ରେ ଚୂଡ଼ାନ୍ତ ହୋଇସାରିଛି।ସମାନ ଆବେଦନଗୁଡ଼ିକ ଅନେକ ହାଇକୋର୍ଟରେ ବିଚାରାଧୀନ ଅଛି। ସେ କହିଛନ୍ତି, ଏହା ଜାତୀୟ ନୀତିକୁ ପ୍ରଭାବିତ କରିବ। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଅକ୍ଟୋବର ପୂର୍ବରୁ ଏହି ସମସ୍ୟାର ସମାଧାନ ହେବା ଆବଶ୍ୟକ, ଯେତେବେଳେ ଇଥାନଲ୍ ଯୋଗାଣ ଚୁକ୍ତିନାମାର ନବୀକରଣ କରାଯିବ। ଯଦି ଏହି ମାମଲାକୁ ଏକ ଡିଭିଜନ ବେଞ୍ଚ ଏବଂ ତା'ପରେ ଅନ୍ୟ ଏକ ହାଇକୋର୍ଟ ପାଖକୁ ଯାଏ, ତେବେ ଏହା ବିଳମ୍ବର କାରଣ ହେବ। ଭାରତ ଗତ ବର୍ଷ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ହାସଲ କରିବା ପରେ ତେଲ କମ୍ପାନୀଗୁଡ଼ିକ ଏପ୍ରିଲ ପହିଲାରୁ ସାରା ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିଛନ୍ତି। ସରକାର ଏବେ ୨୦୩୦ ସୁଦ୍ଧା ପେଟ୍ରୋଲରେ ଇଥାନଲ୍ ମିଶ୍ରଣକୁ ୩୦ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଇ-୨୦ ପେଟ୍ରୋଲରେ ଅକାମୀ ହେବ କି କାର !

**ନୂଆଦିଲ୍ଲୀ,୩୦।୬(ଏଜେନ୍ସି):** ସରକାର ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେବା ପରଠାରୁ, ଜନସାଧାରଣ ସେମାନଙ୍କ ଯାନବାହନ ବିଷୟରେ ଅନେକ ଚିନ୍ତା ପ୍ରକାଶ କରୁଛନ୍ତି। ସବୁଠାରୁ ବଡ଼ ଭୟ ହେଉଛି କି ଇ-୨୦ ପେଟ୍ରୋଲ ସେମାନଙ୍କ କାରଗୁଡ଼ିକୁ ଅକାମୀ କରିଦେବ କି? ଏହି ଚିନ୍ତା ମଧ୍ୟରେ, ଆଜି ସୁପ୍ରିମକୋର୍ଟରେ ଏକ ମାମଲାରେ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନକଟରେ ଜାବ୍ ରାଖିବାକୁ ପଡିଛି। ସର୍ବୋଚ୍ଚ ଅଦାଲତରେ କେନ୍ଦ୍ର ସରକାର ଏହା ମଧ କହିଛନ୍ତି ଯେ ଇ-୨୦ ନୀତି ପ୍ରତ୍ୟାହାର କରିବାର କୌଣସି ପ୍ରସ୍ତାବ ନାହିଁ, କାରଣ ଏହା ଜାତୀୟ ଜୈବ ଇନ୍ଧନ ନୀତିର ଏକ ଅଂଶ।

ଭିନପ୍ ଡିଷ୍ଟିଲେରୀଜ୍ ଆଣ୍ଡ ସୁଗାର ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଦାୟର ଏକ ଆବେଦନରୁ ଏହି ମାମଲା ଉଭା ହୋଇଛି। କମ୍ପାନୀ କର୍ଣ୍ଣାଟକ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛି, ଯେଉଁଥିରେ ଯୁକ୍ତି ଦିଆଯାଇଛି ଯେ ଭିନପ୍ ଡିଷ୍ଟିଲେରୀଜ୍ ଇଥାନଲ୍ ଉତ୍ପାଦନ କରିଥାଏ ଏବଂ ୯୨.୬ ନିୟୁତ ଲିଟର ପାଇଁ ବିଡ୍ କରିବା ସତ୍ତ୍ୱେ ସରକାର ଏହାକୁ କେବଳ ୩୯.୨ ନିୟୁତ ଲିଟର ଇଥାନଲ୍ ଆବଣ୍ଟନ କରାଯାଇଛି। ଏଥିରେ ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ କେବଳ ଏକ କମ୍ପାନୀ ପୂର୍ବରୁ ଅଧିକ ଆବଣ୍ଟନ ପାଇଥିଲା, ଏହାର ଅର୍ଥ ନୁହେଁ ଯେ ସେ ପ୍ରତ୍ୟେକ ଥର ସମାନ ପରିମାଣର ଇଥାନଲ୍ ଆବଣ୍ଟନ ହେବ। କର୍ଣ୍ଣାଟକ ହାଇକୋର୍ଟ ସରକାରଙ୍କୁ ତାଙ୍କ ଆବେଦନର ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା।

### ମଧ୍ୟପ୍ରାଚ୍ୟ ଉତ୍ତେଜନା

## ଆଉ ୧୫ ଦିନ ବଢ଼ିଲା ପେଟ୍ରୋକେମିକାଲ୍ ଉତ୍ପାଦରେ ଆମଦାନୀ ଶୁଳ୍କ ରିଆତି

**ନୂଆଦିଲ୍ଲୀ,୩୦।୬(ଏଜେନ୍ସି):** କେନ୍ଦ୍ର ସରକାର ମଙ୍ଗଳବାର ଏକ ବଡ଼ ଘୋଷଣା କରିଛନ୍ତି। ସରକାର କିଛି ଅତ୍ୟାବଶ୍ୟକ ପେଟ୍ରୋକେମିକାଲ୍ ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ଛାଡ଼କୁ ୧୫ ଦିନ ବୃଦ୍ଧି କରିଛନ୍ତି, ଯାହା ଏହି ସମୟସୀମାକୁ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏଥିରେ ପ୍ରାୟ ୪୦ଟି ପ୍ରମୁଖ ପେଟ୍ରୋକେମିକାଲ୍ ଉତ୍ପାଦ ଅନ୍ତର୍ଭୁକ୍ତ। ଏଥିରେ ଏନ୍‌ହାଇଡ୍ରସ୍ ଆମୋନିଆ, ମିଥାନଲ୍, ଟୋଲୁଏନ୍, ଷ୍ଟାଇରିନ୍, ଭିନାଇଲ୍ କ୍ଲୋରାଇଡ୍ ମୋନୋମର, ଡାଇକ୍ଲୋରୋମିଥେନ, ପଲିବୁଟାଡିନ୍, ଷ୍ଟାଇରିନ୍ ବୁଟାଡିନ୍ ଏବଂ ଅସମ୍ପୂର୍ଣ୍ଣ ପଲିଷ୍ଟର ରେଜିନ୍ ଅନ୍ତର୍ଭୁକ୍ତ। ଏହି ଉତ୍ପାଦଗୁଡ଼ିକ ପ୍ଲାଷ୍ଟିକ୍, ପ୍ୟାକେଜିଂ, ବୟନଶିଳ୍ପ, ଔଷଧ, ରାସାୟନିକ ପଦାର୍ଥ, ଅଟୋମୋଟିଭ୍ ପାର୍ଟସ୍ ଏବଂ ଅନ୍ୟାନ୍ୟ ଉତ୍ପାଦନ ଶିଳ୍ପରେ ବହୁଳ ଭାବରେ ବ୍ୟବହୃତ ହୁଏ, ଯାହା ଆମଦାନୀ ହୋଇଥିବା ପେଟ୍ରୋକେମିକାଲ୍ ଫିଡ୍‌ଷ୍ଟକ୍ ଏବଂ ମଧ୍ୟବର୍ତ୍ତୀ ସାମଗ୍ରୀ ଉପରେ ନିର୍ଭର କରେ। ଏହି ରିଆତି ଜୁନ୍ ୩୦ ତାରିଖରେ ଶେଷ ହେବାକୁ ସ୍ଥିର ହୋଇଥିଲା। ଏହାକୁ ବର୍ତ୍ତମାନ ବୃଦ୍ଧି କରାଯାଇଛି କାରଣ ସରକାର ପଶ୍ଚିମ ଏସିଆର ବିକାଶ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳ ଏବଂ କାର୍ଗୋ ଚଳାଚଳ ଉପରେ ଏହାର ପ୍ରଭାବ ଉପରେ କଡ଼ା ନଜର ରଖୁଛନ୍ତି। ଏହି ଶୁଳ୍କ ଛାଡ଼ ପ୍ରଥମେ ଏପ୍ରିଲ୍ ୨ ତାରିଖରେ ଏହି ଅଞ୍ଚଳରେ ଉତ୍ତେଜନା ଯୋଗୁଁ ସୃଷ୍ଟି ହୋଇଥିବା ବାଧାରୁ ଘରୋଇ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏକ ଅସ୍ଥାୟୀ ପଦକ୍ଷେପ ଭାବରେ ପ୍ରଚଳନ କରାଯାଇଥିଲା। ସଦ୍ୟତମ ବିଜ୍ଞପ୍ତି ପୂର୍ବରୁ, ସରକାରୀ ଅଧିକାରୀମାନେ ସୂଚିତ କରିଥିଲେ ଯେ ଛାଡ଼ ବୃଦ୍ଧି କରିବାର ନିଷ୍ପତ୍ତି ପଶ୍ଚିମ ଏସିଆର ପରିବର୍ତ୍ତିତ ପରିସ୍ଥିତି, ବିଶେଷକରି ହରମୁଜ୍ ପ୍ରଣାଳୀ ଦେଇ କାର୍ଗୋ ପରିବହନ ଏବଂ କଷ୍ଟମ୍ସ ରାଜସ୍ୱ ଉପରେ ଏହାର ପ୍ରଭାବ ଉପରେ ନିର୍ଭର କରିବ।

ପଶ୍ଚିମ ଏସିଆରେ ସଂଘର୍ଷ ଏବଂ ରଣନୈତିକ ହରମୁଜ୍ ପ୍ରଣାଳୀ ଦେଇ ପରିବହନରେ ବାଧା ଅଶୋଧିତ ତୈଳ, ସାର ଏବଂ ଅନ୍ୟାନ୍ୟ ଆମଦାନୀ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିଛି, ଏବଂ ଅତ୍ୟାବଶ୍ୟକ ଶିଳ୍ପ କଞ୍ଚାମାଲର ଉପଲବ୍ଧତାକୁ ମଧ ପ୍ରଭାବିତ କରିଛି। କେନ୍ଦ୍ର ସରକାର ଏହି କଷ୍ଟମ୍ସ ଡ୍ୟୁଟି ରିହାତିକୁ ଘରୋଇ ଉତ୍ପାଦକମାନଙ୍କୁ ଏହି ଯୋଗାଣ-ପାର୍ଶ୍ୱ ଚାପରୁ ସୁରକ୍ଷା ଦେବା ପାଇଁ ଏକ ଲକ୍ଷ୍ୟଭେଦୀ ଏବଂ ଅସ୍ଥାୟୀ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ।

## ୧୬,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ରିଅଲ୍‌ମି ପି୪ଆର ୫ଜି

**ମୁମ୍ବଇ,୩୦।୬:** ରିଅଲ୍‌ମି ପକ୍ଷରୁ ଆଜି ରିଅଲ୍‌ମି ପି୪ଆର ୫ଜିର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ୮୦୦୦ ଏମଏଏଚରେ ସେଗ୍‌ମେଣ୍ଟର ସର୍ବବୃହତ ବ୍ୟାଟେରୀ କ୍ଷମତା ରହିଛି। ଯୁବ ଉପଭୋକ୍ତାଙ୍କ ପାଇଁ ଡିଜାଇନ କରାଯାଇଥିବା ରିଅଲମି ପି୪ଆର ୫ଜି ସେଗ୍‌ମେଣ୍ଟର ଏକମାତ୍ର ୫୩୦୦ଏମଏମ ୨ ଏୟାରଫ୍ଲୋ ଭାପୋର ଚାମ୍ବର, ପ୍ରାକ୍ଟିକାଲ ଏଆଇ ଫିଚର ଓ ଏକ ମଜବୁତ ଡିଜାଇନ ସହ ସୁସଜ୍ଜିତ ରହିଛି। ଏହାର ୭ ବର୍ଷର ବ୍ୟାଟେରୀ ହେଲ୍‌ଥ, ୨+୩ ସିଷ୍ଟମ ଅପ୍‌ଡେଟ, ୪ ବର୍ଷର ଫ୍ଲୁଏନ୍ସି ଓ ବର୍ଦ୍ଧିତ ଯୁଜ କେୟାର ପାଇଁ ଏହା ଦୀର୍ଘକାଳିନ ବ୍ୟବହାର ପାଇଁ ଉପଯୁକ୍ତ ହୋଇଥାଏ। ରିଅଲମି ପି୪ଆର ୫ଜିରେ ଏକ ସହଜ ଦୈନନ୍ଦିନ ଅନୁଭୂତି ପାଇଁ ୪୫ୱାଟ୍ ଫାଷ୍ଟ ଚାର୍ଜ ସହିତ ଏକ ୮୦୦୦ ଏମଏଏଚ ଟାଇଟାନ ବ୍ୟାଟେରୀ, ୧୪୪ଏଚଜେଡ ସନ୍‌ଲାଇଟ ଡିସ୍‌ପ୍ଲେ, ୫୦ଏମପି ଏଆଇ କ୍ୟାମେରା, ଆର୍‌ମରସେଲ ଟଫ୍ ବିଲ୍ଡ ଓ ନେକ୍ସଟ ଏଆଇ ଫିଚର ରହିଛି। ଏହି ଡିଭାଇସ ୩ଟି ଆକର୍ଷଣୀୟ ରଙ୍ଗ ଟାଇଟାନିୟମ ଗ୍ଲେୟାର, ସିଲଭର ଗ୍ଲେୟାର ଓ ଲାଭେଣ୍ଡର ଗ୍ଲେୟାରରେ ଉପଲବ୍ଧ। ରିଅଲମି ପି୪ଆର ୫ଜି ଫ୍ଲିପକାର୍ଟ ଓ ରିଅଲ୍‌ମି ଡଟ୍ କମରେ ୪ ଜିବି+୧୨୮ ଜିବି ପାଇଁ ୧୬,୯୯୯ ଟଙ୍କା, ୬ ଜିବି+୧୨୮ ଜିବି ପାଇଁ ୨୦,୯୯୯ ଟଙ୍କା ଓ ୬ ଜିବି+୨୫୬ ଜିବି ପାଇଁ ୨୨,୯୯୯ ଟଙ୍କା ମୂଲ୍ୟରେ ଆସନ୍ତା ଜୁନ୍ ୧୭ ତାରିଖ ୨୦୨୬ରୁ ବିକ୍ରି ପାଇଁ ଉପଲବ୍ଧ ହେବ।

## ପୂର୍ବ ରେଳବାଇର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରକଳ୍ପ ପାଇଁ ୪୩୨ କୋଟି ମଞ୍ଜୁରୀ

**ନୂଆଦିଲ୍ଲୀ,୩୦।୬(ଏଜେନ୍ସି):** ପୂର୍ବ ରେଳବାଇର ଆସାନସୋଲ ଡିଭିଜନର ଉଚ୍ଚ ଘନତା ନେଟୱାର୍କ ଏବଂ ଉଚ୍ଚ ଉପଯୋଗୀ ନେଟୱାର୍କ ରୁଟ୍ ଉପରେ ଭାରତୀୟ ରେଳବାଇ ୪୩୨ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଅଧୀନରେ, ୨୭ଟି ଷ୍ଟେସନ ଏବଂ କ୍ୟାବିନ୍ ଏବଂ ଗୋଟିଏ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲ ସ୍ଥାନ ସମେତ ମୋଟ ୨୮ଟି ରିଲେ-ଆଧାରିତ ଇଣ୍ଟରଲକିଂ ସିଷ୍ଟମକୁ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ ସହିତ ବଦଳାଯିବ। ଏହି ପ୍ରକଳ୍ପ ୨୭ଟି ଷ୍ଟେସନ ଏବଂ କ୍ୟାବିନ୍ ଏବଂ ଗୋଟିଏ ଆଇବିଏସ୍ ସ୍ଥାନରେ ପୁରୁଣା ରିଲେ-ଆଧାରିତ ଇଣ୍ଟରଲକିଂ ସିଷ୍ଟମକୁ ଆଧୁନିକ କମ୍ପ୍ୟୁଟର-ଭିତ୍ତିକ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ ସହିତ ବଦଳାଯିବ। ଏହା ଟ୍ରେନ ପରିଚାଳନାର ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟକ୍ଷମତାରେ ଯଥେଷ୍ଟ ଉନ୍ନତି ଆଣିବ। ଏହି ପ୍ରକଳ୍ପ ଉଚ୍ଚ ଘନତା ଏବଂ ଅତ୍ୟଧିକ ବ୍ୟସ୍ତ ରେଳ ରୁଟ୍ ଉପରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସ୍ଥାପନ କରିବା ପାଇଁ ଭାରତୀୟ ରେଳବାଇର ବ୍ୟାପକ କାର୍ଯ୍ୟକ୍ରମର ଏକ ଅଂଶ। ଏହି ରୁଟ୍‌ଗୁଡ଼ିକରେ ଆଧୁନିକ ସିଗନାଲିଂ ସିଷ୍ଟମ୍ ଯେପରିକି ଆର୍ମର, ସ୍ୱୟଂଚାଳିତ ବ୍ଲକ ସିଗନାଲିଂ ଏବଂ କେନ୍ଦ୍ରୀୟ ଟ୍ରାଫିକ୍ ନିୟନ୍ତ୍ରଣ ଯପୂର୍ବରୁ କାର୍ଯ୍ୟକାରୀ କରାଯାଉଛି। ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ପୁରୁଣା ରିଲେ-ଆଧାରିତ ସିଷ୍ଟମ୍ ଅପେକ୍ଷା ଅଧିକ ନିର୍ଭରଯୋଗ୍ୟ। ଏହା ଦ୍ରୁତ ତ୍ରୁଟି ଚିହ୍ନଟ, ସହଜ ରକ୍ଷଣାବେକ୍ଷଣ ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବ। ଏହି ପ୍ରକଳ୍ପ ରେଳ ସୁରକ୍ଷାକୁ ସୁଦୃଢ଼ କରିବ, ସହିତ ଦେଶର ସବୁଠାରୁ ବ୍ୟସ୍ତ ରେଳ ରୁଟ୍ ମଧ୍ୟରୁ ଗୋଟିଏରେ ଲାଇନ କ୍ଷମତା ଏବଂ ଟ୍ରେନ ପରିଚାଳନା ଦକ୍ଷତା ବୃଦ୍ଧି କରିବ। ଭାରତୀୟ ରେଳବାଇ ବିଶ୍ୱାସ କରେ ଯେ ଏହି ପ୍ରକଳ୍ପ ଆଧୁନିକ ସିଗନାଲିଂ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଆବଶ୍ୟକତା ପାଇଁ ନେଟୱାର୍କକୁ ପ୍ରସ୍ତୁତ କରିବା ସହିତ ସୁରକ୍ଷିତ, ସ୍ମାର୍ଟ ଏବଂ ଅଧିକ ଦକ୍ଷ ରେଳ କାର୍ଯ୍ୟକୁ ସୁନିଶ୍ଚିତ କରିବ।

## ବଲାଙ୍ଗୀରରେ ଅରୁନ୍ଧତୀ ଜୁଏଲର୍ସ ପାଳିବ '୨୬ତମ ଗୌରବମୟ ବାର୍ଷିକୋତ୍ସବ'

**ଭୁବନେଶ୍ୱର,୩୦।୬(ସମିସ):** ଜୁଏଲାରୀ ବ୍ରାଣ୍ଡ 'ଅରୁନ୍ଧତୀ ଜୁଏଲର୍ସ' ଜୁଲାଇ ୨ରେ ବଲାଙ୍ଗୀର ଶାଖାରେ ୨୬ତମ ଶୁଭ ବାର୍ଷିକୀ ପାଳନ କରିବାକୁ ଯାଉଛି। ବଲାଙ୍ଗୀରର ପବିତ୍ର ମାଟିରୁ ୨୦୦୦ରେ ଅରୁନ୍ଧତୀର ସ୍ୱର୍ଣିମ ଯାତ୍ରା ଆରମ୍ଭ ହୋଇଥିଲା। ତେଣୁ ପ୍ରିୟ ବଲାଙ୍ଗୀରବାସୀଙ୍କ ନିରନ୍ତର ଆଶୀର୍ବାଦ ଭରସା ଓ ଭଲପାଇବା ପାଇଁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ସ୍ୱରୂପ ଜୁଲାଇ ୧ରୁ ୫ ପର୍ଯ୍ୟନ୍ତ ଆକର୍ଷଣୀୟ 'ଆନିଭର୍ସାରି ମେଗା ଅଫର୍ ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ସମସ୍ତ ସୁନା, ହୀରା କିମ୍ବା ରୁପା ଗହଣାର ଗଢ଼ା ମଜୁରୀ ଉପରେ ପୁରା ଫ୍ଲାଟ୍ ୩୬% ବଡ ରିହାତି ମିଳୁଥିବାବେଳେ ନୂଆ ୨୨ କ୍ୟାରେଟ ସୁନା କିଣିଲେ ସମାନ ଓଜନର ରୁପା ସହ ନୂଆ ହୀରା ଗହଣା କିଣିଲେ ସେଥିରେ ଥିବା ସୁନା ଓଜନର ୫ ଗୁଣା ରୁପା ସମ୍ପୂର୍ଣ୍ଣ ମାଗଣା ପ୍ରଦାନ କରାଯିବ। ଏହାସହ ପୁରୁଣା ସୁନା ଏକ୍ସଚେଞ୍ଜ ଉପରେ ମଧ ୦% କାଟ ସହ ପ୍ରତି ଗ୍ରାମ ପିଛା ୩୬୦ ଟଙ୍କାର ଅତିରିକ୍ତ ବୋନସ୍ ମିଳିବ। ଜୁଲାଇ ୨ରେ ବଲାଙ୍ଗୀର ଶାଖାରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ତଥା ଓଲିଉଡର





ଆଗଧାଡ଼ିର ନାୟିକା ଶିବାନୀ ସଙ୍ଗୀତା। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ, ବଲାଙ୍ଗୀର କେବଳ ଅରୁନ୍ଧତୀର ପ୍ରଥମ ଶାଖା ନୁହେଁ, ଏହା ଅରୁନ୍ଧତୀର ଏନ୍ତୁଡ଼ିଶାଳ, ଅରୁନ୍ଧତୀର ଗର୍ବ, ଗୌରବ ଓ ପରିଚୟ। ତେଣୁ ଅରୁନ୍ଧତୀର ୨୬ତମ ଶୁଭ ବାର୍ଷିକୀ ଅବସରରେ ଆସନ୍ତା ଜୁଲାଇ ୧ ରୁ ୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଆନିଭର୍ସାରି ଉତ୍ସବ ଅରୁନ୍ଧତୀର ଜନ୍ମମାଟି ବଲାଙ୍ଗୀରରେ ଅତ୍ୟନ୍ତ ଚାକଚମକ ଓ ହସ ଉଲ୍ଲାସରେ ପାଳନ କରାଯିବ।

## ବେଦାନ୍ତ ଆଲୁମିନିୟମ୍‌ର ଆବାସିକ ଦକ୍ଷତା ବିକାଶ ପଦକ୍ଷେପ 'ବେଦକ୍ଷତା'



**ଭୁବନେଶ୍ୱର, ୩୦।୬ (ସମିସ):** ବେଦାନ୍ତ ଆଲୁମିନିୟମ ଏହାର ଦକ୍ଷତା ବିକାଶ ପଦକ୍ଷେପ 'ବେଦକ୍ଷତା' ମାଧ୍ୟମରେ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରୁଛି, ଯାହା ଶିଳ୍ପ ଆବଶ୍ୟତାକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ ଏବଂ ଏହାର କୋଇଲା ଖଣି କାର୍ଯ୍ୟ ଅଞ୍ଚଳରେ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ସାମାଜିକ ସଶକ୍ତିକରଣ ଏବଂ ଅର୍ଥନୈତିକ ବିକାଶ ସୋସାଇଟି (ଏସ୍‌ଇଇଡିଏସ୍) ସହିତ ଭାଗିଦାରୀରେ କାର୍ଯ୍ୟକାରୀ ହୋଇଥିବା, ବେଦକ୍ଷତା ହେଉଛି ଏକ ଆବାସିକ ଦକ୍ଷତା ବିକାଶ ପଦକ୍ଷେପ ଯାହା ଗ୍ରାମୀଣ ଯୁବବର୍ଗଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, କାର୍ଯ୍ୟସ୍ଥଳୀ ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ପରିକଳ୍ପନା କରାଯାଇଛି। ସଂରଚିତ ତାଲିମ, ଶିଳ୍ପ ସଂସ୍ଥା ପରିଦର୍ଶନ ଏବଂ ନିଯୁକ୍ତି ସହାୟତା ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଶିଳ୍ପ ଆବଶ୍ୟକତା ଅନୁଯାୟୀ କୌଶଳ ସହିତ ସଜ୍ଜିତ କରେ। ଏହି ଅଞ୍ଚଳର ପ୍ରଥମ ଉତ୍ସର୍ଗୀକୃତ ଆବାସିକ କୌଶଳ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ, ଏହା ଖାଦ୍ୟ ଏବଂ ପାନୀୟ ସେବା, ସିଲେଇ ମେସିନ୍ ଚଳାଇବା ଏବଂ ସହକାରୀ ବିଦ୍ୟୁତ କାରିଗରଙ୍କ କ୍ଷେତ୍ରରେ ବ୍ୟାପକ ତାଲିମ ପ୍ରଦାନ କରିଥାଏ, ଯାହାଦ୍ୱାରା ଆତିଥ୍ୟ, ଉତ୍ପାଦନ ଏବଂ ବୈଷୟିକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଉପଲବ୍ଧ ହୋଇଥାଏ ବୋଲି ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି।

# କମୁଛି ସ୍ମାର୍ଟଫୋନ୍ ଯୋଗାଣ, ବଢ଼ିବ ମୂଲ୍ୟ

**ମେମୋରି ଚିପ୍ ସଙ୍କଟ**

## ୩୦% ରପ୍ତାନୀ କମାଇବେ ସାଓମି, ଓପୋ ଓ ଭିଭୋ

**ନୂଆଦିଲ୍ଲୀ,୩୦।୬(ଏଜେନ୍ସି):** ଆଗକୁ ଦେଶରେ ଡିଜିଟାଲ ଗ୍ୟାଜେଟଗୁଡ଼ିକର ମୂଲ୍ୟ ବୃଦ୍ଧି ହେବାକୁ ଯାଉଛି। ଆଶ୍ଚର୍ଯ୍ୟଜନକ ଭାବେ ନିକଟରେ ଆପଲ ଏହାର ଉତ୍ପାଦଗୁଡ଼ିକରେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରିଛି। ଆଗକୁ ମଧ ଭାରତରେ ସ୍ମାର୍ଟଫୋନ୍ ମୂଲ୍ୟ ବୃଦ୍ଧି ହେବାକୁ ଯାଉଛି। ଏସବୁର ମୁଖ୍ୟ କାରଣ ମେମୋରି ଚିପ ସଙ୍କଟ। କାରଣ ଏଆଇ ଯୁଗରେ ମେମୋରି ଚିପ୍‌ର ଚାହିଦା ବହୁତ ବଢ଼ିଯାଇଛି। ସେହି ଅନୁସାରେ ପ୍ରଡକ୍ସନ ଫେସିଲିଟିସ୍ ନାହିଁ କି ଉତ୍ପାଦନ ହୋଇପାରୁନି। ଯେତିକି ପ୍ରଡକ୍ସନ ହେଉଛି, ସେଗୁଡ଼ିକୁ ଅଧିକ ଦାମ ଦେଇ ଏଆଇ ପାଇଁ ବ୍ୟହାର କରାଯାଉଛି। ତେଣୁ ମୋବାଇଲ, ଟ୍ୟାବଲ୍ୟାଟ ଓ କମ୍ପ୍ୟୁଟର ଭଳି ଗ୍ୟାଜେଟ୍ ପାଇଁ ମେମୋରି ଚିପ୍ ଅଭାବ ପଡୁଛି। ତେଣୁ ବର୍ତ୍ତମାନ ଏସବୁ ଶିଳ୍ପ ସଂକଟରେ ପଡ଼ିଯାଇଛି।

ଆପଲ ମୂଲ୍ୟ ବୃଦ୍ଧି କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ଏବେ ଏକ ନୂଆ ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ କୁହାଯାଇଛି ଯେ ସାଓମି, ଓପୋ ଏବଂ ଭିଭୋ ସମେତ ଚୀନର ସ୍ମାର୍ଟଫୋନ୍ ନିର୍ମାତାମାନେ ଚଳିତବର୍ଷ ସେମାନଙ୍କର ରପ୍ତାନୀ ଲକ୍ଷ୍ୟକୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବେ। ସ୍ମାର୍ଟଫୋନ ଯନ୍ତ୍ରାଂଶଗୁଡ଼ିକର ଅଭାବ ଏବଂ ବଢ଼ୁଥିବା ଖର୍ଚ୍ଚ ଶିଳ୍ପ ଉପରେ ଚାପ ପକାଉଥିବାରୁ କମ୍ପାନୀଗୁଡ଼ିକ ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ସାମସଙ୍ଗ ଏବଂ ଆପଲ୍ ପଛକୁ ବିଶ୍ୱର ତୃତୀୟ ବୃହତ୍ତମ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାଓମୀ ପୂର୍ବରୁ ଯୋଗାଣକାରୀମାନଙ୍କୁ ଚଳିତ ବର୍ଷ ପାଇଁ ପ୍ରାୟ ୧୩୫ ନିୟୁତ ୟୁନିଟର ଏକ ସୀମିତ ସପ୍ଲାଏ କରିବ ବୋଲି ସଂକେତ ଦେଇଥିଲା। ଯାହା ୨୦୨୫ ମସିହାରେ କମ୍ପାନୀ ଦ୍ୱାରା ପଠାଯାଇଥିବା ୧୭୦ ମିଲିଅନ ଫୋନ୍ ତୁଳନାରେ ଏକ ବଡ଼ ହ୍ରାସ ଥିଲା। ବର୍ତ୍ତମାନ କମ୍ପାନୀ ଏହି ସଂଖ୍ୟାରେ ଆଉ ୩୦ ପ୍ରତିଶତ ହ୍ରାସ କରିଛି। ଫଳରେ ଏହାର ରପ୍ତାନୀ ଟାର୍ଗେଟ୍ ପ୍ରାୟ ୯୫ ନିୟୁତ ୟୁନିଟକୁ ଖସିଆସିଛି। ଯଦି ଯୋଗାଣ ପରିସ୍ଥିତିରେ ସୁଧାର ନ ଆସେ, ତେବେ ଏହି ସଂଖ୍ୟା ଆହୁରି କମିପାରେ ବୋଲି କମ୍ପାନୀ ଯୋଗାଣକାରୀମାନଙ୍କୁ ସୂଚାଇ ଦେଇଛି। କେବଳ ସାଓମି ନୁହେଁ, ଓପୋ ଏବଂ ଭିଭୋ ମଧ ସମାନ ପଥ ଅନୁସରଣ କରି, ନିଜର ପୂର୍ବ ରପ୍ତାନୀ ଟାର୍ଗେଟ୍‌କୁ ୯୦ ମିଲିଅନ ୟୁନିଟ୍‌ରୁ କମ୍‌କୁ ହ୍ରାସ କରିଛନ୍ତି। ସେହିପରି ଅନର, ଯାହା ଗତ ବର୍ଷ ରେକର୍ଡ ୭୧ ନିୟୁତ ଫୋନ୍ ରପ୍ତାନୀ କରିଥିଲା, ହେଲେ ୨୦୨୬ରେ ହୁଏତ ସେହି ଟାର୍ଗେଟ ପୂରା କରି ନ ପାରେ।

ସ୍ମାର୍ଟଫୋନ୍ ନିର୍ମାତାମାନେ ବର୍ତ୍ତମାନ ସମାନ କମ୍ପୋନେଣ୍ଟ, ବିଶେଷକରି ମେମୋରି ଚିପ୍ସ ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ) ଶିଳ୍ପ ସହିତ ସିଧାସଳଖ ପ୍ରତିଯୋଗିତା କରୁଛନ୍ତି। ଲୋ-ପାୱାର୍ ଡି-ରାମ୍ ଚିପ୍ସ, ଯାହା ପୂର୍ବରୁ ମୁଖ୍ୟତଃ ଫୋନ୍ ପାଇଁ ତିଆରି ହେଉଥିଲା, ବର୍ତ୍ତମାନ ଏହାକୁ ଏଆଇ ସର୍ଭର ଆଡ଼କୁ ପଠାଇ ଦିଆଯାଉଛି। ଏନଭିଡିଆ ର ଏଆଇ ହାର୍ଡୱେରରେ ବ୍ୟବହୃତ ଏକ ସିଙ୍ଗଲ୍ ପ୍ରୋସେସର୍ ଟ୍ରେରେ ବହୁ ସଂଖ୍ୟକ ଏଭଳି ଚିପ୍ସକୁ ବ୍ୟବହାର କରାଯାଇପାରେ। ତେଣୁ ମେମୋରି ଚିପ୍ସର ସେହି ଚାହିଦା ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ପଛରେ ପକାଇ ଦେଉଛି। ସମସ୍ୟା କେବଳ ମେମୋରି ଚିପ୍‌କୁ ନେଇ ନୁହେଁ, ଅନ୍ୟାନ୍ୟ ଉପକରଣ ଯଥା ପ୍ରୋସେସରଠାରୁ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଏବଂ ଗ୍ଲାସ କ୍ଲଥ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ପ୍ରକାରର ଇଲେକ୍ଟ୍ରୋନିକ୍ ଉପାଦାନର ଉଚ୍ଚ ମୂଲ୍ୟ ରହୁଛି, ନହେଲେ ଏଗୁଡ଼ିକର ଯୋଗାଣ ଅଭାବ ଦେଖା ଦେଉଛି। ଏମିତିକି ଚିପ୍-ପ୍ୟାକେଜିଂ କ୍ଷମତା ସୁରକ୍ଷିତ କରିବା ପାଇଁ ଖର୍ଚ୍ଚ ବଢ଼ି ଯାଇଛି।

# ଆରମ୍ଭ ହେଲା ମହାପ୍ରଭୁଙ୍କ ଗୁପ୍ତ ସେବା

## ଅଣସର ପିଣ୍ଡିରେ ଉପଚାର ବିଧି

ପୁରୀ,୩୦।୬(ସମିସ): ସ୍ନାନବେଦୀରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କଠାରେ ଚକଟା ଭୋଗ ଓ ପଣାଭୋଗ କରାଯାଇଥିଲା।

ତେବେ ଦାରୁବିଗ୍ରହଙ୍କ ଅଣସର ପିଣ୍ଡିରେ ଯେଉଁ ଉପଚାର କରାଯାଏ ସେହି ବିଧି ଅନୁଯାୟୀ, ଆଷାଢ଼ କୃଷ୍ଣପକ୍ଷ ତୃତୀୟା ତିଥିରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୋଇଥାଏ। ଦଶମୀରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୁଏ। ତିନୋଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥା'ନ୍ତି। ଚକା ବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ।



ଏହିଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳ ବସ୍ତ୍ର, ଧଳାଫୁଲ ଓ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି ହୁଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥା'ନ୍ତି। ଏହିଦିନ ଗୀତଗୋବିନ୍ଦ ଖଣ୍ଡୁଆ, ତୁଳସୀ, ବିଭିନ୍ନ ପୁଷ୍ପ ଗୁଣା, ଝୁମ୍ପା, କରପଲ୍ଲବ, ହୃଦ ପଦକ ଆଦି ପରିଧାନ କରନ୍ତି। ଦଶମୂଳ ମୋଦକ ସେବନ କରିବା ପରେ ସୁସ୍ଥ ହୁଅନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡ଼ି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି କରାଯାଏ। ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସର ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦଉମହାପାତ୍ର ବନକଲାଗି କରିଥା'ନ୍ତି। ଶେଷ ହୁଏ ମହାପ୍ରଭୁଙ୍କ ଅଣସର ନୀତି।

## ଧାନ ସଂଗ୍ରହରେ ଅବ୍ୟବସ୍ଥା ପ୍ରସଙ୍ଗ

# ଡବଲ ଇଞ୍ଜିନର ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ: ବିଜେଡି

ଭୁବନେଶ୍ୱର,୩୦।୬(ସମିସ): ଡବଲ ଇଞ୍ଜିନ ସରକାର ଚାଷୀକୂଳ ପାଇଁ କାଳ ସାଜିଛି। ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଣ୍ଡି ଅବ୍ୟବସ୍ଥା ପାଇଁ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ବଦଳରେ ଡବଲ ଇଞ୍ଜିନ ସରକାର ଚାଷୀକୂଳ ପ୍ରତି ପ୍ରତାରଣା କରିଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ

- ମଣ୍ଡି ଅବ୍ୟବସ୍ଥା ପାଇଁ ହଇରାଣ ହେଉଛନ୍ତି ଚାଷୀକୂଳ
- ଅଦ୍ୟାବଧି ଅନେକ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି
- ଧାନ ବିକ୍ରି ପାଇଁ ଆଉ ୧୫ ଦିନ ମଣ୍ଡି ଖୋଲିବାକୁ ଦାବି

ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ବିଜେପି ସରକାରର ଚାଷୀ ମାରଣ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି ।

ଶ୍ରୀ ଦାସବର୍ମା କହିଥିଲେ ଯେ ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ହତାଶ ହୋଇଛନ୍ତି। ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀକୂଳ କଟନୀ ଛଟନୀରୁ ଆରମ୍ଭ କରି ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ସମୟରେ ଧାନର ଏମଏସପି ବୃଦ୍ଧି, ଇନପୁଟ ସବସିଡି ପ୍ରଦାନ ସହ ଚାଷୀର ସମସ୍ତ ଧାନକୁ କ୍ରୟ କରିବାକୁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି । ଜୁନ୍ ୩୦ ରବି ଧାନ ସଂଗ୍ରହର ଶେଷ ଦିନ ହୋଇଥିବା ବେଳେ, ବର୍ତ୍ତମାନ ସୁଦ୍ଧା ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ରାଜ୍ୟ ସରକାର ଏହାକୁ ୩ ଦିନ ପାଇଁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଜୀକରଣ



ସଠିକ୍ ଭାବେ ହେଉନଥିବାରୁ ଧାନ ସଂଗ୍ରହରେ ଚରମ ବିଫଳତା ଦେଖାଦେଇଛି। ଚଳିତ ଧାନ ସଂଗ୍ରହ ଆରମ୍ଭରୁ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ପଡି ରହିଛି । ବର୍ଷା ଋତୁ ଆରମ୍ଭ ହୋଇଯାଇ ଥିବାରୁ ଧାନ ମିଲକୁ ନେଇକି ଯିବାକୁ ଚାଷୀଙ୍କୁ ବାଧ କରାଯାଉଛି। ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ବେଳେ ପରିବାରର ପ୍ରମାଣପତ୍ର ଆଣିବା ପାଇଁ ଚାଷୀଙ୍କୁ କୁହାଗଲା। ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଷୀ ଯେମିତି ମଣ୍ଡିରେ ଧାନ ବିକ୍ରି କରିନପାରୁ। ଡବଲ ଇଞ୍ଜିନ ସରକାର ଚାଷୀଙ୍କ ବଳକା ଧାନ ସଂଗ୍ରହ କରିବେ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବା ବେଳେ ୧୫୦ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିବେ ନାହିଁ ବୋଲି କହିଛନ୍ତି । ୨୦ ଲକ୍ଷ ମେଟ୍ରିକ୍ ଟନ ରବି ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ତାହା ପୂରଣ ହୋଇନଥିବା ବେଳେ ଆଜି ପର୍ଯ୍ୟନ୍ତ ୧୮,୪୬,୦୦୦ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଛି । ୩,୬୭,୨୨୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବେଳେ ୩,୩୭,୦୦୦ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ଆହୁରି ୩୫,୦୦୦ ଚାଷୀ ୧,୫୦,୦୦୦ ମେଟ୍ରିକ୍ ଟନ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଅନେକ ମଣ୍ଡିରେ ପଲିଥିନ୍ ଅଭାବ ପାଇଁ ଧାନ ଭିଜୁଛି । ତେଣୁ ୩ ଦିନ ପରିବର୍ତ୍ତେ ଆହୁରି ୧୫ ଦିନ ମଣ୍ଡି ଖୋଲା ରଖିବା ସହ ଚାଷୀଙ୍କ ସମସ୍ତ ବଳକା ଧାନ ରାଜ୍ୟ ସରକାର ସଂଗ୍ରହ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଛି।

**ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା**

# ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୩୦।୬(ସମିସ): ପୁରୀର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲୋକସମ୍ପର୍କ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ



ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ରଥଯାତ୍ରାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ନ୍ୟସ୍ତ ଦାୟିତ୍ୱକୁ ଶୃଙ୍ଖଳିତ ଓ ସୂଚାରୁ ରୂପେ ସମ୍ପାଦନ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି ମର୍ମରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆସନ୍ତା ରଥଯାତ୍ରା ପାଇଁ ବିଭାଗ ପକ୍ଷରୁ ଆୟୋଜନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂହ ଏବଂ ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଗତ ବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଚଳିତ ବର୍ଷର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଆବଶ୍ୟକତା ଅନୁଯାୟୀ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ସହରର ପ୍ରମୁଖ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅଧିକରୁ ଅଧିକସଂଖ୍ୟକ ଜଗନ୍ନାଥପ୍ରେମୀଙ୍କ ନିକଟରେ ପହଞ୍ଚିବା ପାଇଁ ଉଭୟ ସ୍ଥାନୀୟ ଏବଂ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ, ଲାଇଭ କମନ ଫିଡ୍ ବ୍ୟବସ୍ଥା, ବିଶିଷ୍ଟ ଅତିଥିମାନଙ୍କ ସତ୍କାର ପାଇଁ ବିଭାଗ ପକ୍ଷରୁ ବନ୍ଦୋବସ୍ତ କରାଯିବ। ଖବରକାଗଜରେ ବିଜ୍ଞାପନ ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ହୁଡ଼ାରେ ମଇଁଷି ନେବାକୁ କେନ୍ଦ୍ର କରି ବୃଦ୍ଧଙ୍କୁ ପିଟିପିଟି ହତ୍ୟା

ନୟାଗଡ଼, ୩୦।୬(ସମିସ): ସାମାନ୍ୟ କଥାକୁ ନେଇ ନୟାଗଡ଼ରେ ହତ୍ୟାକାଣ୍ଡ ଘଟିଛି। ମଇଁଷି ଚରିବାକୁ କେନ୍ଦ୍ର କରି ଜଣେ ବୃଦ୍ଧଙ୍କୁ ପିଟିପିଟି ମାରିଦେଇଛନ୍ତି। ମୃତ ଯୁବକ ଜଣକ ହେଲେ ଇଟାମାଟି ଥାନା ପାଣ୍ଡେରିପାଟଣା ଗାଁର ପୀତବାସ ଖଟୁଆ। ବିଲ ହୁଡ଼ାରେ ମଇଁଷି ନେବାକୁ ବାରଣ କରିବାରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ମାତ୍ର ରିପୋର୍ଟ ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ ରିପୋର୍ଟ ହୋଇନି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ପୀତବାସଙ୍କ ବିଲ ହୁଡ଼ାରେ ବାଘେରା ଗାଁର ବାନାମ୍ବର ପରିଡ଼ା ଅଧିକାଂଶ ସମୟରେ ମଇଁଷି ନେଉଥିବାରୁ ହୁଡ଼ା ନଷ୍ଟ ହେଉଥିଲା। ଏଥିପାଇଁ ପୀତବାସ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ୧୫ଦିନ ପୂର୍ବରୁ ବଚସା ହୋଇଥିଲା। ଏ ନେଇ ଥାନାକୁ ମାମଲା ଯିବା ପରେ ପୁଲିସ ପୀତବାସଙ୍କୁ ଡାକି ପରେ ଛାଡ଼ି ଦେଇଥିଲା। ଆଜି ଅପରାହ୍ଣରେ ପୀତବାସ ଗ୍ରାମର ପୋଖରୀ ନିକଟକୁ ଆସିଥିବା ସମୟରେ ବାନାମ୍ବର ଏବଂ ଅନ୍ୟ ଦୁଇ ଜଣ ମିଶି ତାଙ୍କୁ ନିଜ ଗାଁକୁ ଟେକି ନେଇ ନିର୍ଦ୍ଧୁମ ପିଟିଥିଲେ। ପୀତବାସଙ୍କ ମୃତ୍ୟୁ ହୋଇଗଲା ଭାବି ସେମାନେ ତାଙ୍କୁ ଗାଁ ବାହାରେ ଏକ ନିଛାଟିଆ ସ୍ଥାନରେ ଫୋପାଡ଼ି ଦେଇ ଫେରାର ହୋଇଯାଇଥିଲେ। କିଛି ସ୍ଥାନୀୟ ଲୋକ ଏ ନେଇ ଖବର ପାଇବା ପରେ ପୀତବାସଙ୍କ ପରିବାରବର୍ଗଙ୍କୁ ଖବର ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବାନାମ୍ବର, ତାଙ୍କ ପୁଅ ଏବଂ ଅନ୍ୟ ଜଣେ ମିଶି ପୀତବାସଙ୍କୁ ହତ୍ୟା କରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ କରିବା ପାଇଁ ଜିଲ୍ଲା ମୁଖ୍ୟ ହସ୍‌ପିଟାଲରେ ରଖିବା ସହ ଘଟଣାର ତଦନ୍ତ କରୁଛି। ଆସନ୍ତାକାଲି ଗାଁରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବ ବୋଲି ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ଭିମ୍‌ସାର ଅଫିସ୍ ଅଧୀକ୍ଷକ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁର୍ଲାସ୍ଥିତ ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଆଜି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ସମ୍ବଲପୁରର ଧନକଉଡ଼ାରେ ଶ୍ରୀ ବିଶ୍ୱାଳଙ୍କ ଆବାସିକ ଘର (ଦୁଇ ମହଲା ବିଶିଷ୍ଟ କୋଠା), ଗୁଡେସିଙ୍ଗାରେ ଗୋଟିଏ କୋଠା, ଭିମସାର ମେଡିକାଲ ଷ୍ଟାଫ୍ କଲୋନୀରେ ସରକାରୀ କାର୍ଯ୍ୟାଳୟ ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ବିଶ୍ୱାଳଙ୍କ ଚାମ୍ବର ଯାଞ୍ଚ କରାଯାଇଛି। ୨ଟି କୋଠା, ୩୨ଟି ପ୍ଲଟ୍, ୧୯,୭୨,୪୯୦ ଟଙ୍କା, ୮୩.୦୫ ଗ୍ରାମ ସୁନା ଅଳଙ୍କା, ଗୋଟିଏ ଟ୍ରଲର, ୨ଟି ହାଇୱା, ୨ଟି ଟ୍ରାକ୍ଟର, ଗୋଟିଏ ଚାରି ଚକିଆ ଯାନ, ୪ଟି ଦୁଇ ଚକିଆ ଯାନ ସହ ବ୍ୟାଙ୍କ, ଡାକ ଏବଂ ବୀମା ଜମା ଠାବ ହୋଇଛି। ୨ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାର ୪ଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଛି। ଶ୍ରୀ ବିଶ୍ୱାଳ ୬-୧-୧୯୯୭ରେ ଜୁନିଅର୍ କ୍ଲର୍କ ଭାବେ ମାତ୍ର ୨୫୦୦ ଟଙ୍କା ଦରମାରେ ଭିମସାର୍‌ରେ ଯୋଗ ଦେଇଥିଲେ। ୧୧-୧-୨୦୧୯ରେ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପଦୋନ୍ନତି ପାଇଛନ୍ତି।

## ଭିମ୍‌ସାର ଷ୍ଟିୱାର୍ଡଙ୍କୁ ଘେରିଲା ଭିଜିଲାନ୍ସ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିମ୍‌ସାରର ଷ୍ଟିୱାର୍ଡ ଅଶ୍ୱିନୀ ମେହେର ମଧ୍ୟ ଭିଜିଲାନ୍ସ ଜାଲରେ ପଡିଛନ୍ତି। ମେଡିକାଲ ଷ୍ଟାଫ୍ କଲୋନୀ, ବୁର୍ଲା ସୌରଭ ବିହାରରେ ଗୋଟିଏ (ନିର୍ମାଣାଧୀନ) ୪ ମହଲା କୋଠା, ବୁର୍ଲା ପଠାନବନ୍ଧରେ ଗୋଟିଏ କୋଠା, ବରଗଡ଼ ଗୋବିନ୍ଦପାଲିରେ ଗୋଟିଏ କୋଠା ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ମେହେରଙ୍କ ଅଫିସ୍ ଚାମ୍ବର ଯାଞ୍ଚ କରାଯାଇଛି। ସୌରଭ ବିହାରରେ ଅବସ୍ଥିତ ପ୍ରାୟ ୬୫୦୦ ବର୍ଗଫୁଟ କ୍ଷେତ୍ରଫଳ ସହ ଏକ ଚାରି ମହଲା କୋଠା (ନିର୍ମାଣାଧୀନ), ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଅବସ୍ଥିତ ଗୋଟିଏ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଅବସ୍ଥିତ ଅନ୍ୟ ଏକ କୋଠା, ସମ୍ବଲପୁରର ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍, ବୁର୍ଲା ସହରରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ ସହରରେ ୨ଟି ସମେତ ୧୦ଟି ପ୍ଲଟ୍, ୮୩ ଗ୍ରାମ ସୁନାଗହଣା, ବ୍ୟାଙ୍କ, ଡାକ ଜମା, ୨ଟି ଦୁଇ ଚକିଆ ଯାନ ଠାବ ହୋଇଛି। ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ୫ଟି ଜାଗାରେ ଏକକାଳୀନ ଏହି ତଲାସ କରାଯାଇଛି।

# ୯ ବର୍ଷ ପରେ ଫେରାର୍ କଏଦୀ ଗିରଫ

## ଅମୃତସରରୁ ଉଠାଇ ଆଣିଲା କମିସନରେଟ୍ ପୁଲିସ

କଟକ,୩୦।୬(ସମିସ): ଦୀର୍ଘ ୯ବର୍ଷ ହେବ ହତ୍ୟାକାରୀ ଓ ପୁଲିସ ଲୁଚକାଳି ଖେଳରେ ଯବନିକା ପଡ଼ିଛି। ଜଗତପୁର ଥାନା ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣେ କୁଖ୍ୟାତ ଆଜୀବନ ସଜାପ୍ରାପ୍ତ କଏଦୀକୁ କମିସନରେଟ୍ ପୁଲିସ ପଞ୍ଜାବର ଅମୃତସହରରୁ କାବୁ କରିଛି। ଗିରଫ ଅଭିଯୁକ୍ତ ହେଉଛି ଜଗତପୁର ଥାନା ଅନ୍ତର୍ଗତ ଭୈରପୁର ଗ୍ରାମର ସାଜିଦ୍ ଖାନ୍। ୨୦୦୮ ର ଏକ ଚାଞ୍ଚଲ୍ୟକର ହତ୍ୟା ମାମଲାରେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଚୌଦ୍ୱାର ଜେଲରେ ସଜା କାଟୁଥିଲା ସାଜିଦ୍। ୨୦୧୭ରେ ପାରୋଲ୍‌ (ସାମୟିକ ଛୁଟି) ରେ ଆସି ଆଉ ଜେଲ୍‌କୁ ସେ ଫେରି ନଥିଲା। ପଞ୍ଜାବର ଅମୃତସରରେ ନିଜର ନାମ ଓ ପରିଚୟ ବଦଳାଇ ସେଠାରେ ନୂଆ ସଂସାର ଗଢ଼ି ଜୀବନ ବିତାଉଥିଲା। ଏହି ଦୁର୍ଦ୍ଦାନ୍ତ ଅପରାଧୀକୁ ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ପଞ୍ଜାବରୁ ଗିରଫ କରି ଓଡ଼ିଶା ଆଣିବା ପରେ ଗତ ୨୭ ତାରିଖ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି। ଏହାପରେ ତାକୁ ପୁଣି ଥରେ ଜେଲ୍ ପଠାଯାଇଥିବା ଜଣାପଡ଼ିଛି। ୨୦୦୮ ମସିହା ଅପ୍ରେଲ ୨୮ ତାରିଖରେ ଜଗତପୁର ଥାନା ଭୈରପୁର ଗ୍ରାମରେ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଜଘନ୍ୟ କାଣ୍ଡ ଘଟାଇବା ସମୟରେ ଅଭିଯୁକ୍ତମାନେ ମୃତକଙ୍କ ବଡ଼ ଭଉଣୀଙ୍କୁ ମଧ୍ୟ ଦୁଷ୍କର୍ମ ଉଦ୍ୟମ କରିଥିଲେ।



୨୦୧୦ରେ କଟକର ଫାଷ୍ଟଟ୍ରାକ କୋର୍ଟ-୧ ସାଜିଦ୍‌କୁ ଆଜୀବନ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ଶୁଣାଇଥିଲେ। ୨୦୧୭ ମସିହା ମାର୍ଚ୍ଚ ୭ ତାରିଖରେ ସାଜିଦ୍‌କୁ ୧୪ ଦିନ ପାଇଁ ପାରୋଲେ ମିଳିଥିଲା। ମାତ୍ର ସେ ଜେଲ୍ ପ୍ରାଚୀର ବାହାରକୁ ଆସିବା ପରେ କୌଶଳକ୍ରମେ ଓଡ଼ିଶା ସୀମା ପାର୍ ହୋଇଯାଇଥିଲା। ଜଗତପୁର ଥାନା କେସ୍ ନମ୍ବର ୭୫୬/୨୦୨୫ରେ ଏଏସଆଇ ତପନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ତାକୁ ଧରିବାକୁ ଗଠିତ ହୋଇଥିଲା। ସାଜିଦ୍ ସିଧା ପଞ୍ଜାବର ଅମୃତସର ସହରରେ ଆତ୍ମଗୋପନ କରିଥିଲା। ସେଠାରେ ଜାଲ୍ ଦଲିଲ୍ ଜରିଆରେ ସେ ନିଜର ନୂଆ ନାମ "ଫୟାଜ୍ ଖାନ୍' ରଖି ଆଧାର କାର୍ଡ ଓ ଅନ୍ୟାନ୍ୟ ପରିଚୟପତ୍ର ପ୍ରସ୍ତୁତ କରି ସାରିଥିଲା। ଅମୃତସରର ସୁଦର୍ଶନ ନଗର ଅଞ୍ଚଳରେ ଏକ ଭଡ଼ା ଘରେ ରହି ସେ ସେଠାକାର ସ୍ଥାନୀୟ ଜଣେ ମହିଳାଙ୍କୁ ବିବାହ କରିଥିଲା ଓ ତାଙ୍କର ପିଲାପିଲି ମଧ୍ୟ ହୋଇସାରିଥିଲେ। ପୁଲିସ ସନ୍ଦେହରୁ ବଞ୍ଚିବା ପାଇଁ ସେ ସହରର ଗଳି କନ୍ଦିରେ ମୋଟରସାଇକଲ୍ ଯୋଗେ ବେଡସିଟ୍ (ଶେଯ ଚାଦର) ଫେରି କରି ଜୀବିକା ନିର୍ବାହ କରୁଥିଲା। ଭୈରପୁର ଗ୍ରାମରୁ ଗୁପ୍ତ ସୂଚନା ଆଧାରରେ ଗତ ଜୁନ୍ ୨୩ ତାରିଖରେ ଏଏସଆଇ ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅମୃତସର ପୁଲିସ ଏବଂ କିଛି ପ୍ରବାସୀ ଓଡ଼ିଆଙ୍କ ସହାୟତା ନେଇଥିଲା। ୨ ଦିନ ଧରି ଛଦ୍ମବେଶରେ ରହି ଗତ ଜୁନ୍ ୨୫ ତାରିଖରେ ସାଜିଦ୍ ଖାନ୍‌କୁ କାବୁ କରିଥିଲା।

## ସିବିଏସ୍‌ଇର ସ୍ପଷ୍ଟୀକରଣ

# ଦଶମ ଶ୍ରେଣୀରେ ଲାଗୁ ହେବନି ତିନି-ଭାଷା ନୀତି

ଭୁବନେଶ୍ୱର, ୩୦।୬(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ତିନି-ଭାଷା ନୀତିରେ ପରିବର୍ତ୍ତନ କରାଯାଇଛି। ଏହି ନିୟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବାଦ୍ ଦିଆଯାଇଥିବାବେଳେ ପୂର୍ବପରି ସେମାନେ ପରୀକ୍ଷା ଦେବେ ବୋଲି ସିବିଏସ୍‌ଇ ସ୍ପଷ୍ଟ କରିଛି। ୨୦୨୬-୨୭ ଶିକ୍ଷାବର୍ଷରେ ଦଶମ ପରୀକ୍ଷା ଦେବାକୁ ଥିବା ପିଲାମାନେ ପୁରୁଣା ପାଠ୍ୟକ୍ରମ ଏବଂ ପରୀକ୍ଷା ବ୍ୟବସ୍ଥା ଅନୁଯାୟୀ ଅଧ୍ୟୟନ ଜାରି ରଖିବେ। ଫଳରେ ଚଳିତ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ପାଠପଢ଼ା କିମ୍ବା ବୋର୍ଡ ପରୀକ୍ଷା ପ୍ରସ୍ତୁତିରେ କୌଣସି ବାଧା ସୃଷ୍ଟି ହେବ ନାହିଁ। ନୂତନ ଭାବେ ଜାରି କରାଯାଇଥିବା ତିନି-ଭାଷା ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ। ନୂତନ ଜାତୀୟ ଶିକ୍ଷାନୀତିରେ ଏକାଧିକ ଭାଷା ଶିଖିବାକୁ ପ୍ରୋତ୍ସାହନ ଦିଆଯାଉଥିଲେ ମଧ୍ୟ, ପାଠ୍ୟକ୍ରମ ମଝିରୁ ନୂଆ ବ୍ୟବସ୍ଥାକୁ ସାମିଲ କରାଯିବ ନାହିଁ। ଶିକ୍ଷାବିତମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ ଶିକ୍ଷାବର୍ଷ ମଝିରୁ ଛାତ୍ରଛାତ୍ରୀଙ୍କ ଉପରେ ଅନାବଶ୍ୟକ ଚାପ ପଡ଼ିବ ନାହିଁ ବୋଲି କହିଛନ୍ତି। ସେହିପରି ଆଗାମୀ ବ୍ୟାଚ୍‌ଗୁଡ଼ିକ ପାଇଁ ତିନି-ଭାଷା ନୀତି ସମ୍ବନ୍ଧୀୟ ବିସ୍ତୃତ ନିର୍ଦ୍ଦେଶାବଳୀ ପୃଥକ ଭାବେ ଜାରି କରାଯିବ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି।

**ଏତଲା ରୁଜୁ, ତଦନ୍ତ ନିର୍ଦ୍ଦେଶ ପ୍ରସଂଗ**

# ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୩୦।୬(ସମିସ): ପୁଲିସ ଯଦି ଏତଲା ରୁଜୁ କରୁନାହିଁ କିମ୍ବା ମାମଲାର ସଠିକ୍ ତଦନ୍ତ କରୁନାହିଁ, ତେବେ ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ଉଚିତ ନୁହେଁ। ଏଭଳି ପରିସ୍ଥିତିରେ ଅଭିଯୋଗକାରୀ ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରିବା ଆବଶ୍ୟକ ବୋଲି ଓଡ଼ିଶା ଉଚ୍ଚନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟକୁ ଆଧାର କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲା ପାଇଁ ହାଇକୋର୍ଟରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାରରେ ବାଧା ସୃଷ୍ଟି ହେଉଛି। ସୁପ୍ରିମକୋର୍ଟଙ୍କ ମାମଲାର ଉଦାହରଣ ଦେଇ ହାଇକୋର୍ଟ କହିଥିଲେ ଯେ ଯଦି ପୁଲିସ ମାମଲା ରୁଜୁ ନ କରେ, ତେବେ ଜଣେ ବ୍ୟକ୍ତି ସମ୍ବିଧାନର ୨୨୬ ଧାରା ଅନୁଯାୟୀ, ସିଆରପିସିର ଧାରା ୧୫୬(୩) ଅନୁସାରେ ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହେବା ଉଚିତ। ମାଜିଷ୍ଟ୍ରେଟ୍ ଯଦି ପ୍ରାଥମିକ ଭାବେ ସନ୍ତୁଷ୍ଟ ହୁଅନ୍ତି, ତେବେ ସେ ଏତଲା ରୁଜୁ କରିବାକୁ କିମ୍ବା ଉପଯୁକ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇପାରିବେ। ଆବଶ୍ୟକ ସ୍ଥଳେ ତଦନ୍ତକାରୀ ଅଧିକାରୀ ବଦଳାଇବା ସହ ସମଗ୍ର ତଦନ୍ତର ମନିଟରିଂ ମଧ୍ୟ କରିପାରିବେ। ମାମଲାରୁ ପ୍ରକାଶ ଯେ ପ୍ରଶାନ୍ତ ଚୌଧୁରୀ ନାମକ ଜଣେ ବ୍ୟକ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ଏବଂ ନିରପେକ୍ଷ ତଦନ୍ତ ଦାବିକରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଏଥିରେ ସେ ରାଜ୍ୟ ଗୃହ ସଚିବ, ଭଦ୍ରକ ଏସ୍‌ପି ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀଙ୍କ ସମେତ ୯ ଜଣଙ୍କୁ ପକ୍ଷଭୁକ୍ତ କରିଥିଲେ। ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇ ଆବେଦନକାରୀ ପ୍ରଶାନ୍ତ ଚୌଧୁରୀଙ୍କୁ ଆଇନ ଅନୁଯାୟୀ ଉପଲବ୍ଧ ଥିବା ବିକଳ୍ପ ବ୍ୟବସ୍ଥା ବା ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଯିବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଦୀପ କୁମାର ଦାସ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଅଶୋକ କୁମାର ଆପଟ ମାମଲା ପରିଚାଳନା କରୁଥିଲେ।

## ଦେଢ଼ ବର୍ଷ ହେଲା ସରୁନି ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା

# ସରକାରଙ୍କୁ ୨୪ ଘଣ୍ଟାର ମହଲତ; ଅନ୍ୟଥା ଦୁର୍ବାର ଆନ୍ଦୋଳନ

ଭୁବନେଶ୍ୱର, ୩୦।୬(ସମିସ): ରାଜ୍ୟରେ ବିଧାୟକ ବା ସାଂସଦ ପଦ ଫାଙ୍କା ରହିଲେ ମାତ୍ର ୬ ମାସ ମଧ୍ୟରେ ନିର୍ବାଚନ ହୋଇ ପଦ ପୂରଣ ହେଉଛି। ରାଜ୍ୟସଭା ପଦ ଫାଙ୍କା ହେଉହେଉ ବିଜ୍ଞପ୍ତି ପ୍ରକାଶ ପାଉଛି। ମାତ୍ର ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍‌ଆଇ ପଦରେ ସରକାର ନିଯୁକ୍ତି ଦେଇପାରୁ ନାହାନ୍ତି । ରାଜ୍ୟର ଲକ୍ଷାଧିକ ମେଧାବୀଙ୍କ ଭବିଷ୍ୟତ ସହ ଖେଳୁଥିବା ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଆଜି ଲୋହିଆ ଏକାଡେମୀ ଠାରେ ଆଶାୟୀମାନେ ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ପକ୍ଷରୁ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ପ୍ରଥମେ ଓପିଆର୍‌ବି ଦ୍ୱାରା ଚାକିରି ବିକ୍ରି ମସୁଧା ହୋଇଥିଲା। ଧରା ପଡ଼ିବା ପରେ ସରକାର ତାକୁ ଭାଙ୍ଗି ଦେଇ ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ କମିସନ୍ (ଓୟୁଏସ୍‌ଏସ୍‌ଏସ୍‌ସି) ଗଠନ କରିଛନ୍ତି। ଅଧ୍ୟକ୍ଷଙ୍କ ସମେତ ସମ୍ପାଦକ ଓ ଅନ୍ୟ ସମସ୍ତ ପଦରେ ନିଯୁକ୍ତି ମଧ୍ୟ ପାଇ ସାରିଛନ୍ତି। ପ୍ରାୟ ୪ ମାସ ହେବ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ ମଧ୍ୟ ଏବେଯାଏଁ ପରୀକ୍ଷା ତାରିଖ ବାହାର କରିପାରୁ ନାହାନ୍ତି। ଲୋକଙ୍କ ଟାକ୍ସ ପଇସାରେ ଦରମା ପାଉଥିବା ବାବୁମାନେ ନିଦରୁ ଉଠନ୍ତୁ ଓ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ଦୃଷ୍ଟିରୁ ତୁରନ୍ତ ନିଯୁକ୍ତି ପରୀକ୍ଷା କରନ୍ତୁ ବୋଲି



ସେ ଦାବି କରିଛନ୍ତି। ଅପରପକ୍ଷରେ ସିବିଆଇର ଶିଥିଳ ତଦନ୍ତ ଉପରେ ସେ ପ୍ରଶ୍ନ କରିବା ସହ କାହାକୁ ବାନ୍ଧି ପାରୁ ନଥିବା କହି କଟାକ୍ଷ କରିଛନ୍ତି। ଅନ୍ୟ ଜଣେ ମହିଳା ଆଶାୟୀ କହିଛନ୍ତି ଯେ, ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ସେମାନଙ୍କ ଜୀବନକୁ ପ୍ରଭାବିତ କରିଛି। ଦୀର୍ଘ ଅଢ଼େଇ ବର୍ଷ ହେବ ପ୍ରସ୍ତୁତି କରୁଥିବା ସତ୍ତ୍ୱେ ପରୀକ୍ଷା ହେଉ ନ ଥିବାରୁ ଅନେକ ନକରାତ୍ମକ କଥା ଶୁଣିବାକୁ ପଡୁଛି। ଏପରିକି ଘର ଲୋକ ମଧ୍ୟ ପରୀକ୍ଷା ହେବ ନାହିଁ ବୋଲି କହିବା ସହ ବାହାଘର ହୋଇ ଯିବାକୁ ଚାପ ପକାଉଛନ୍ତି। ଫଳରେ ତାଙ୍କ ପରି ଅନେକ ଝିଅଙ୍କ ଜୀବନ ଏବେ ପଥଭ୍ରଷ୍ଟ ହେବାରେ ଉପନୀତ ହୋଇଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଅସୁବିଧା ପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ଆଉଜଣେ ଆଶାୟୀ କହଛନ୍ତି ଯେ, ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍‌ଆଇ ପରୀକ୍ଷା ହେଉନି। ରାଜ୍ୟର ଲକ୍ଷାଧିକ ପରୀକ୍ଷାର୍ଥୀ ପରୀକ୍ଷା ଅପେକ୍ଷାରେ ରହିଥିବାବେଳେ ସରକାର ସେମାନଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ସରକାର ୨୪ ଘଣ୍ଟା ମଧ୍ୟରେ ପରୀକ୍ଷା ପାଇଁ ନିଷ୍ପତ୍ତି ନ ନେଲେ ଆସନ୍ତାକାଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓୟୁଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ଘେରାଓ କରିବେ ବୋଲି ଆଶାୟୀମାନେ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୬୨- କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୮୭୯- ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା।
- ୧୯୯୭- ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ତମ ଦେଶ ହେଲା।
- ୨୦୧୭- ଭାରତରେ ପ୍ରଥମ ଥର ଜିଏସ୍‌ଟି ଲାଗୁ କରାଗଲା।



## ଜାତୀୟ ଚିକିତ୍ସକ ଦିବସ


ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଜାତୀୟ ଚିକିତ୍ସକ ଦିବସ ରୂପେ ପାଳନ କରାଯାଏ। ଅବିଶ୍ରାନ୍ତ ଭାବେ ରୋଗୀ ସେବାରେ ଲାଗି ରହିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସ୍ମୃତିରେ ୧୯୯୧ରୁ ଏହି ଦିବସ ପାଳିତ ହୋଇଆସୁଛି। ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ। ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ। ତାଙ୍କ ମୃତ୍ୟୁର ବର୍ଷେ ପୂର୍ବରୁ ସେ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଆହ୍ୱାନ ଏବଂ ଡାକ୍ତରମାନଙ୍କ ସୁରକ୍ଷା ବିଷୟରେ ସମାଜକୁ ସଚେତନ କରାଯାଇଥାଏ। ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ। ଏଥିପାଇଁ ସେମାନଙ୍କୁ ଦ୍ୱିତୀୟ ଭଗବାନର ଆଖ୍ୟା ଦିଆଯାଏ। ଡାକ୍ତରଙ୍କ ସାହାଯ୍ୟରେ ଜଣେ ରୋଗୀ ଏକ ନୂଆ ଜୀବନ ପାଇଥାଏ। ରୋଗୀଟିଏ ଯେତେବେଳେ ନିଜ ରୋଗ ସହ ଲଢ଼ୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ। ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ। ଜାତୀୟ ଚିକିତ୍ସକ ଦିବସ ଅବସରରେ ଡାକ୍ତରମାନଙ୍କ ନିଃସ୍ୱାର୍ଥପର ସମର୍ପଣ ଓ ଅବିଚଳିତ ପ୍ରତିବଦ୍ଧତାକୁ ମନେ ପକାଇଥାଏ ସାରା ଦେଶ। ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଡାକ୍ତରଙ୍କ ସମ୍ମାନାର୍ଥେ ଏକ ଥିମ୍ ରଖାଯାଏ। ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"

## ପୁଣି ଏକାଠି ଆସିବେ ଖିଲାଡ଼ି-ଅନାଡ଼ି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ 'ଭୂତ୍ ବଙ୍ଗଲା' ଫିଲ୍ମରେ ୧୪ ବର୍ଷ ପରେ ଏକାଠି କାମ କରିଥିଲେ। ଏହି ବର୍ଷ ଦୁହିଁଙ୍କର ଆଉ ଏକ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। 'ହୈୱାନ' ଫିଲ୍ମରେ ପୁଣି ଥରେ ଅକ୍ଷୟ ଓ ପ୍ରିୟଦର୍ଶନ ଏକାଠି କାମ କରୁଛନ୍ତି। ଏଥିରେ ଅକ୍ଷୟଙ୍କ ସହ ସୈଫ୍ ଅଲ୍ଲୀ ଖାନ୍ ଲିଡ୍ ରୋଲରେ ଦେଖାଯିବେ। ଏହି ସସପେନ୍ସ-ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ଅକ୍ଷୟ ଏବଂ ସୈଫ୍ ଅନେକ ବର୍ଷ ପରେ ଏକାଠି ବଡ଼ ପରଦାରେ ନଜର ଆସିବେ। ଏଥିରେ ସୈଫ୍ ନାୟକ ସାଜିଥିବାବେଳେ ଅକ୍ଷୟ ଖଳନାୟକ ଭୂମିକାରେ ଦେଖାଯିବେ। ଫିଲ୍ମ ନିର୍ମାତା ଏକ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ବିଷୟରେ ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି, "୧୧ ସେପ୍ଟେମ୍ବର, ୨୦୨୬ରେ ସିନେମାହଲ୍‌ରେ। ୬୦ଟି ବ୍ଲକ୍‌ବଷ୍ଟର୍ ଫିଲ୍ମର ଶାନଦାର ଯାତ୍ରା ପରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବେ ନେଇ ଆସୁଛନ୍ତି 'ହୈୱାନ'।" ଏହି ଘୋଷଣା ସାମ୍ନାକୁ ଆସିବା ମାତ୍ରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ଏହି ଥ୍ରୀଲର ଡ୍ରାମାରେ ଅକ୍ଷୟ ଏବଂ ସୈଫ୍‌ଙ୍କ ସହ ଶ୍ରେୟା ପିଲଗାଓଁକର ଏବଂ ସୈୟାମୀ ଖେର୍ ମଧ୍ୟ ନଜର ଆସିବେ। ସୈଫ୍ ଅଲ୍ଲୀ ଖାନ୍ ଏବଂ ଅକ୍ଷୟ କୁମାରଙ୍କ ଯୋଡ଼ିକୁ 'ମୈ ଖିଲାଡ଼ି ତୁ ଅନାଡ଼ି' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ଦୁହେଁ 'ଟସନ୍' ଫିଲ୍ମରେ ମଧ୍ୟ ଏକାଠି କାମ କରିଥିଲେ। ଏବେ ଦୁହେଁ 'ହୈୱାନ' ଫିଲ୍ମ ଜରିଆରେ ପୁଣି ଥରେ ପରଦାରେ ହଲଚଲ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ୧୧ ସେପ୍ଟେମ୍ବରରେ 'ହୈୱାନ' ରିଲିଜ୍ ହେଉଥିବାବେଳେ ଏହିଦିନ ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମ 'ଉଡ଼ତା ତୀର' ମଧ୍ୟ ରିଲିଜ୍ ହେଉଛି। ବକ୍ସ ଅଫିସ୍‌ରେ ଏହି ଟକ୍କର ଦେଖିବା ବେଶ୍ ମଜାଦାର ହେବ।



## ଆଜି ବାହୁଡ଼ିଥିଲେ
## ପଲ୍ଲୀକବି ନନ୍ଦକିଶୋର ବଳ



ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ। ଓଡ଼ିଶାର ଗ୍ରାମୀଣ ପ୍ରାକୃତିକ ସୌନ୍ଦର୍ଯ୍ୟ, ସରଳ ଜୀବନଯାତ୍ରା ଏବଂ ପଲ୍ଲୀ ସଂସ୍କୃତିକୁ ନିଜ କାବ୍ୟ-କବିତାରେ ସ୍ଥାନ ଦେଇଥିବାରୁ ତାଙ୍କୁ 'ପଲ୍ଲୀକବି' ଭାବରେ ସମ୍ମାନିତ କରାଯାଇଛି। ତାଙ୍କର କବିତାଗୁଡ଼ିକ ସରଳ, ହୃଦୟସ୍ପର୍ଶୀ ଏବଂ ଓଡ଼ିଆ ଲୋକସଂସ୍କୃତି ଓ ପଲ୍ଲୀ ଜୀବନର ଜୀବନ୍ତ ପ୍ରତିଛବି ଅଟେ। ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବା ଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ଶିଶୁ କବିତା କ୍ଷେତ୍ରରେ ପଲ୍ଲୀ କବି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ନାନା ବାୟା ଗୀତ ହେଉଛି ତା'ର ଏକ ନିଚ୍ଛକ ଉଦାହରଣ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଳୁଷିତ କରିଥାଏ, ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ।

## ସମ୍ଭାବନା



## କେମିତି ସମ୍ଭାଳିବେ କାମ ଚାପ

**ଆଜିକାଲି କର୍ମଜୀବୀଙ୍କ କାମ ଚାପ ଅଧିକ। ଏହା ଯୋଗୁଁ ମାନସିକ ଅଶାନ୍ତି ସହ ସ୍ୱାସ୍ଥ୍ୟ ଖରାପ ହେଉଛି। ତେବେ ସେମାନେ କିଛି ଉପାୟକୁ ଆପଣାଇ କାମ ଚାପକୁ ହାଲୁକା କରିପାରିବେ।**



- କାମର ପ୍ରାଥମିକତାକୁ ନିର୍ଦ୍ଧାରିତ କରନ୍ତୁ। ଜରୁରି କାମକୁ ପ୍ରଥମେ କରନ୍ତୁ।
- ଦିନ ତମାମ କେଉଁ ସବୁ କାମ କରିବା ଦରକାର, ସେସବୁ ଲେଖି ରଖନ୍ତୁ। ଏହାଦ୍ୱାରା ଚାପ କମ୍ ହେବ।
- ବଡ଼ କାମକୁ ଛୋଟ ଭାଗରେ ବାଣ୍ଟନ୍ତୁ। ଏହିପରି ଭାବେ ଛୋଟ ଛୋଟ ଲକ୍ଷ୍ୟକୁ ପୂରା କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ। ଲଗାତାର ବସି କାମ କରିବା ଦ୍ୱାରା ଉତ୍ପାଦକତା କମିପାରେ। ସମୟ ନିୟନ୍ତ୍ରଣ କରିବା ଶିଖନ୍ତୁ। କେଉଁ ସମୟରେ କେଉଁ କାମ କରିବେ ତାହା ଧାର୍ଯ୍ୟ କରନ୍ତୁ।
- ମଲଟି ଟାସ୍କିଂ କରନ୍ତୁ ନାହିଁ। ଗୋଟିଏ ସମୟରେ ଏକାଧିକ କାମ ନ କରି ଗୋଟିଏ କାମ କଲେ ଭଲ ଫଳ ମିଳେ।
- ଆବଶ୍ୟକ ପଡ଼ିଲେ ସହକର୍ମୀ ତଥା ବରିଷ୍ଠ ସହଯୋଗୀଙ୍କ ସହାୟତା ନିଅନ୍ତୁ। ସାହାଯ୍ୟ ପାଇଁ ସଙ୍କୋଚ କରିବା ଭଲ ନୁହେଁ।
- ଅଫିସ୍ ପରେ ଘର ଓ ପରିବାର ସହିତ ସମୟ ଅତିବାହିତ କରନ୍ତୁ।

## ଅଫିସ୍‌ରେ ସମ୍ମାନ ବୃଦ୍ଧି

**ସାଧାରଣତଃ ଅଫିସ୍‌ରେ ସମସ୍ତେ ନିଜର ସମ୍ମାନ ବୃଦ୍ଧି ତଥା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରି ନ ଥାନ୍ତି। ସେହିପରି କିଏ ନିଜ କାମ ମାଧ୍ୟମରେ ଲୋକପ୍ରିୟ ହେବାକୁ ଚେଷ୍ଟା କରନ୍ତି ତ ଆଉ କିଏ ନିଜର ବ୍ୟକ୍ତିତ୍ୱ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି।**



- ଅଫିସ୍‌ରେ ସହକର୍ମୀଙ୍କ ସହ କଥା ହେବା ବେଳେ ହସି ହସି କଥାବାର୍ତ୍ତା କରନ୍ତୁ।
- ଠିକ୍ ସମୟରେ କାମ ପୂରା କରନ୍ତୁ। ଏହା ହିଁ ଅଫିସ୍‌ରେ ସମ୍ମାନ ବୃଦ୍ଧିରେ ସାହାଯ୍ୟ କରେ।
- କେବଳ ନିଜ କାମ ନ କରି ଟିମ୍ ୱାର୍କ ମଧ୍ୟ କରନ୍ତୁ।
- ଭଲ କଥାବାର୍ତ୍ତା କରୁଥିବା କର୍ମଚାରୀଙ୍କ ସମ୍ମାନ ଭଲ ରହେ।
- ଅନ୍ୟମାନଙ୍କର ସମ୍ମାନ କରନ୍ତୁ ଏବଂ ସମ୍ମାନ ସହିତ କଥାବାର୍ତ୍ତା କଲେ ଏହା ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ।
- ପ୍ରତ୍ୟେକ ସମୟରେ ଅଭିଯୋଗ ନ କରି ସମସ୍ୟା ସମାଧାନ କରିବା ଶିଖନ୍ତୁ।
- ଅଫିସ୍ ଗସିପ୍‌ଠୁ ଦୂରରେ ରୁହନ୍ତୁ। ପରଚର୍ଚ୍ଚା ଉପରେ ଧ୍ୟାନ ଦିଅନ୍ତୁ ନାହିଁ।
- ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସାହାଯ୍ୟ କରନ୍ତୁ। ଏହି ସ୍ୱଭାବ ବି ସମ୍ମାନ ବୃଦ୍ଧିରେ ସହାୟକ ହୁଏ।

## ବିଦେଶରେ ପାର୍ଟ ଟାଇମ୍



**ବିଦେଶରେ ପଢ଼ା ସହିତ ପାର୍ଟ ଟାଇମ୍ ଚାକିରି କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ସେହିପରି ପ୍ରତ୍ୟେକ ଦେଶରେ ପାର୍ଟ ଟାଇମ୍ ଚାକିରି କରିବାର ଅନୁମତି ଅଛି। କାରଣ ଏହା ଦ୍ୱାରା ପିଲା ସେମାନଙ୍କର ନିତିଦିନର ଖର୍ଚ୍ଚ ଉଠାଇପାରନ୍ତି। ତେବେ ଆମେରିକା, ବ୍ରିଟେନ ଭଳି ଅନ୍ୟ ଦେଶରେ ପାର୍ଟ ଟାଇମ୍ କାମକୁ ନେଇ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି।**

ଆମେରିକାରେ ଭାରତୀୟ ଛାତ୍ର ସପ୍ତାହରେ ୨୦ ଘଣ୍ଟା କାମ କରିପାରିବେ। ପଢ଼ା ଜାରି ଥିବା ବେଳେ ଏ ନିୟମ ଲାଗୁ ହୋଇଥାଏ। ସେହିପରି ସେମିଷ୍ଟାର ବ୍ରେକ୍ ତଥା ଛୁଟି ଥିଲେ ଛାତ୍ରଛାତ୍ରୀ ସପ୍ତାହକୁ ୪୦ ଘଣ୍ଟା ପର୍ଯ୍ୟନ୍ତ ଚାକିରି କରିପାରିବେ। ବର୍ଷେ ପଢ଼ା ପୂରଣ କରିଥିବା ପିଲା କ୍ୟାମ୍ପସ ବାହାରେ ଚାକିରି କରିପାରିବେ। ତେବେ ପଢ଼ା ସମୟରେ କାନାଡ଼ାରେ ଭାରତୀୟ ଛାତ୍ର ସପ୍ତାହକୁ ୨୪ ଘଣ୍ଟା ଏବଂ ଛୁଟି ସମୟରେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ। ଭ୍ୟାଲିଡ ଷ୍ଟଡି ପରମିଟ୍ ଥିବା ଛାତ୍ରଙ୍କୁ କ୍ୟାମ୍ପସ ବାହାରେ ଚାକିରି କରିବାର ଅନୁମତି ଅଛି।

ସେହିପରି ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ୧୫ ଦିନରେ ୪୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଅଛି। ଏଠାରେ ବି ଅନ୍ୟ ଦେଶ ଭଳି ଛୁଟି ସମୟରେ ଅନଲିମିଟେଡ୍ କାମ କରିବାର ଅନୁମତି ମିଳିଥାଏ। ପୋଷ୍ଟ ଗ୍ରାଜୁଏଟ୍ ରିସର୍ଚ୍ଚ ଛାତ୍ର, ଡକ୍ଟୋରଲ ଡିଗ୍ରୀ ଆରମ୍ଭ କରିବା ପରେ ବିନା କୌଣସି ସମୟ ସୀମାରେ କାମ କରିପାରିବେ। ତେବେ ଜର୍ମାନୀରେ ପଢ଼ା ସମୟରେ ୨୦ ଘଣ୍ଟା ଏବଂ ଛୁଟିଦିନରେ ସପ୍ତାହକୁ ୪୦ ଘଣ୍ଟା ପାର୍ଟ ଟାଇମ୍ ଚାକିରିର ଅନୁମତି ଅଛି। ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ବର୍ଷକରେ ୧୨୦ ପୂରା ଦିନ, ୨୪୦ ଅଧା ଦିନ କାମ କରିବାର ଅନୁମତି ଅଛି। ନ୍ୟୁଜିଲାଣ୍ଡରରେ ଭାରତୀୟ ଛାତ୍ର ଏକାଡେମିକ ସେସନ ସମୟରେ ପ୍ରତି ସପ୍ତାହରେ ୨୦ ଘଣ୍ଟା ଏବଂ ଛୁଟିରେ ଫୁଲ୍ ଟାଇମ୍ କାମ କରିପାରିବେ। ଏହି ସୁବିଧା ଅତି କମ୍‌ରେ ଦୁଇ ବର୍ଷର ପୂର୍ଣ୍ଣକାଳୀନ କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ। ଫ୍ରାନ୍ସରେ ପଢୁଥିବା ଭାରତୀୟ ଛାତ୍ର ଶିକ୍ଷାବର୍ଷରେ ପ୍ରତିବର୍ଷ ୯୬୪ ଘଣ୍ଟା (ପ୍ରତି ସପ୍ତାହରେ ୨୦ ଘଣ୍ଟା) ଏବଂ ବିଶ୍ୱବିଦ୍ୟାଳୟ ଛୁଟି ସମୟରେ ଫୁଲଟାଇମ କାମ କରିପାରିବେ। ଏହି ସୁବିଧା ଫରାସୀ ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅଂଶବିଶେଷ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ।

ଅନ୍ୟପଟେ ନେଦରଲ୍ୟାଣ୍ଡସରେ ଭାରତୀୟ ଛାତ୍ରଛାତ୍ରୀ ପ୍ରତି ସପ୍ତାହରେ ୧୬ ଘଣ୍ଟା ଏବଂ ଜୁନ୍ ଜୁଲାଇ ଅଗଷ୍ଟ ମାସରେ ଫୁଲ ଟାଇମ୍ କାମ କରିପାରିବେ। କାମ କରିବା ପାଇଁ ଭାରତୀୟଙ୍କୁ ୱାର୍କ ପରମିଟ୍‌ର ଆବଶ୍ୟକତା ଥାଏ। ଷ୍ଟଡି ପୋଗ୍ରାମର ଜରୁରି ଅଂଶ ହୋଇଥିବା ଇଣ୍ଟରନସିପ୍‌ଙ୍କ ଉପରେ ଏହି ନିୟମ ଲାଗୁ ହୋଇ ନ ଥାଏ। ବ୍ରିଟେନରେ ପାଠପଢ଼ା ଚାଲିଥିବା ସମୟରେ ଭାରତୀୟ ଛାତ୍ରମାନେ ସପ୍ତାହରେ କେବଳ ୨୦ଘଣ୍ଟା କାମ କରିପାରିବେ। ସେମିଷ୍ଟର ବ୍ରେକ୍ ଥିଲେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଦିଆଯାଏ। ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଡିଗ୍ରୀ-ସ୍ତରୀୟ ପାଠ୍ୟକ୍ରମ କିମ୍ବା ତା'ଠାରୁ ଅଧିକ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ବାହାରେ କାମ କରିବାକୁ ଅନୁମତି ଦିଆଯାଏ।

## ପ୍ରଫେସନାଲଙ୍କ ପାଇଁ ଗ୍ୟାଜେଟ୍

**ଆଜିର ସମୟରେ ଅଫିସ୍ କାମ ବି ଆଡଭାନ୍ସ ହୋଇଗଲାଣି। ତେବେ କିଛି ଗ୍ୟାଜେଟ୍ ଏଭଳି ଅଛି, ଯାହାକି ଅଫିସ୍ କାମରେ କର୍ମଚାରୀଙ୍କ କାମକୁ ସହଜ ଓ ସୁବିଧାଜନକ କରିବାରେ ସାହାଯ୍ୟ କରିବ।**

**ପୋର୍ଟେବଲ ମନିଟର:** ଏହି ଡିଭାଇସ୍ ଲୋକଙ୍କୁ ଅତିରିକ୍ତ ସ୍କ୍ରିନ୍ ସ୍ପେସ୍ ଉପଲବ୍ଧ କରାଏ। ଏହି ଡିଭାଇସ୍ ସାହାଯ୍ୟରେ ଲୋକେ ଏକାକାଳୀନ ଅନେକ ୱିଣ୍ଡୋ ଖୋଲି କାମ କରିପାରିବେ।

**ନଏଜ କ୍ୟାନସଲିଂ ହେଡ୍‌ଫୋନ୍:** ଅଧିକ ଗହଳିଚହଳି ପାଟିତୁଣ୍ଡ ହେଉଥିବା ପରିବେଶରେ କାମ କରୁଥିଲେ ନଏଜ କ୍ୟାନସଲିଂ ହେଡ୍‌ଫୋନ୍ ଏକ ଉତ୍ତମ ବିକଳ୍ପ। ଏହି ଗ୍ୟାଜଟ୍ କାମରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ୱେୟାରଲେସ୍ କି-ବୋର୍ଡ ଏବଂ ମାଉସ୍:** ଅଫିସ୍ ତଥା ଘରୁ କାମ କଲେ ବି ଲାପଟପ୍ ତ ଏବେ ନିହାତି ଜରୁରି। ଲାପ୍‌ଟପ୍‌ରେ ଛୋଟ କି-ବୋର୍ଡ ଯୋଗୁଁ ଲୋକଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଏଭଳି ସ୍ଥିତିରେ ୱେୟାରଲେସ୍ କି-ବୋର୍ଡ ବରଦାନ ପ୍ରମାଣିତ ହୋଇପାରେ। ଏହି ଡିଭାଇସ୍ ଲୋକଙ୍କୁ ଟାଇପିଂରେ ସାହାଯ୍ୟ କରିବ। ସେହିପରି କି-ବୋର୍ଡ ଲାଗି ମାଉସ୍ ବି ଦରକାର। ତେଣୁ ୱେୟାରଲେସ୍ କି-ବୋର୍ଡ ବି ଖୁବ୍ ଉପକାରୀ।

**ସ୍ମାର୍ଟ ନୋଟ୍‌ବୁକ୍:** ସ୍ମାର୍ଟ ନୋଟ୍‌ବୁକ୍‌ରେ ଲେଖାଯାଉଥିବା ନୋଟ୍ ସହଜରେ ଡିଜିଟାଲ ଉପାୟରେ ସେଭ୍ କରାଯାଇପାରିବ। ଦରକାରୀ ତଥ୍ୟ ହଜି ନ ଥାଏ।

ସକାଳ THE SAKALA
www.sakalaepaper.com







# ଇତିହାସ ସୃଷ୍ଟି କଲେ ପାରାଗୁଏ, ମରୋକ୍କୋ

## ପେନାଲ୍ଟିରେ ୪ ଥରର ଚାମ୍ପିଅନ ଜର୍ମାନୀ, ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ୍ ସୁଟ୍‌ଆଉଟ୍

ଫକ୍ସବରୋ/ଗ୍ୱାଡଲୋପ୍,୩୦।୬(ଏଜେନ୍ସି)

୪ଥରର ଚାମ୍ପିଅନ ଜର୍ମାନୀ ଓ ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରୁ ପେନାଲ୍ଟି ସୁଟ୍‌ଆଉଟରେ ବିଦା ହୋଇଛନ୍ତି। ଅନ୍ୟପକ୍ଷରେ ସେମାନଙ୍କୁ ହରାଇ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିବା ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ଓ ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋ ଇତିହାସ ସୃଷ୍ଟି କରିଛନ୍ତି। ରାଉଣ୍ଡ-୩୨ରେ ଫ୍ରାନ୍ସ ଓ ସ୍ୱିଡେନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ପାରଗୁଏର ଏବଂ କାନାଡା ସହ ମରୋକ୍କୋର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ଭାରତୀୟ ସମୟ ସୋମବାର ରାତି ଓ ମଙ୍ଗଳବାର ସକାଳେ ଖେଳାଯାଇଥିବା ଏହି ଦୁଇଟିଯାକ ମ୍ୟାଚ୍ ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଖେଳରେ ଫଳାଫଳ ମିଳି ନ ଥିଲା। ନକ୍‌ଆଉଟ ମ୍ୟାଚ୍ ହୋଇଥିବାରୁ ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ବୋଷ୍ଟନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଜର୍ମାନୀ-ପାରାଗୁଏ ମ୍ୟାଚ୍ ୧-୧ ଗୋଲରେ ସମାନସ୍ତରରେ ରହିବା ପରେ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଗୋଲ ରକ୍ଷକ ଅର୍ଲାଣ୍ଡୋ ଗିଲ୍ ଦୁଇଟି ପେନାଲ୍ଟି ସଟ୍‌କୁ ସେଭ୍ କରିବା ଫଳରେ ପାରାଗୁଏ ୪-୧ରେ ୪ଥରର ଚାମ୍ପିଅନ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ମଣ୍ଟେରୀ ଷ୍ଟାଡିୟମ୍‌ରେ ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅଧିକ ରୋମାଞ୍ଚକର ହୋଇଥିଲା। ଏଥିରେ ଉଭୟ ଦଳ ଶେଷ ସମୟରେ ଗୋଲ ସ୍କୋର କରିଥିଲେ ମଧ୍ୟ ମ୍ୟାଚ୍‌ର ଫଳାଫଳ ମିଳି ପାରି ନ ଥିଲା। ପେନାଲ୍ଟି ସୁଟ୍‌ଆଉଟରେ ମରୋକ୍କୋ ୩-୨ ଗୋଲରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

## ବଡ଼ ବିପର୍ଯ୍ୟୟ ଘଟାଇଲା ପାରାଗୁଏ



ବୋଷ୍ଟନ ଷ୍ଟାଡିୟମ୍‌ରେ ସୋମବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଜର୍ମାନୀକୁ ପରାସ୍ତ କରି ପାରାଗୁଏ ଫିଫା ବିଶ୍ୱକପ୍ ଇତିହାସରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଫିଫା ର୍‍ୟାଙ୍କିଙ୍ଗ୍‌ରେ ଜର୍ମାନୀ ୧୦ମ ସ୍ଥାନରେ ଥିଲାବେଳେ ପାରାଗୁଏ ୪୧ତମ ସ୍ଥାନରେ ରହିଛି। ଏହି ବିଜୟ ସହ ପାରାଗୁଏ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲାବେଳେ ପ୍ରଥମଥର ଆୟୋଜିତ ହେଉଥିବା ରାଉଣ୍ଡ ଅଫ୍ ୩୨ରୁ ଜର୍ମାନୀ ବିଦାୟ ନେଇଛି। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲା ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଅର୍ଥାତ୍ ୧୨୦ ମିନିଟ୍ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ଜର୍ମାନୀ ପକ୍ଷରୁ କାଇ ହାର୍ଭେଜ୍ ଓ ପାରାଗୁଏ ପକ୍ଷରୁ ଜୁଲିଓ ଏନ୍‌ସିସ୍କୋ ଗୋଲ ସ୍କୋର କରିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ପାରାଗୁଏ ୪-୧ ଗୋଲରେ ବିଜୟୀ ହୋଇଥିଲା। ଦଳର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ୨ଟି ପେନାଲ୍ଟି ସଟ୍‌କୁ ଅଟକାଇ ଏହି ମ୍ୟାଚ୍‌ରେ ହିରୋ ବନିଯାଇଥିଲେ। ୨୦୧୦ରେ କ୍ୱାର୍ଟରଫାଇନାଲ ଖେଳିଥିବା ପାରାଗୁଏ ଗତ ୨ଟି ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନ ଥିଲା। ଏହି ମ୍ୟାଚ୍‌ରେ ବଲ ଜର୍ମାନୀ ନିୟନ୍ତ୍ରଣରେ ରହିଥିଲା। ଏପରିକି ପାରାଗୁଏ ଦଳ ଖେଳିବାକୁ ବଲ୍ ମଧ୍ୟ ପାଇ ନ ଥିଲେ। ଏହା ସତ୍ତ୍ୱେ ଜର୍ମାନୀ ଗୋଲ ସ୍କୋର କରିବାକୁ ସମର୍ଥ ହୋଇ ନ ଥିଲା। ପେନାଲ୍ଟି ସୁଟଆଉଟରେ ହାରିବା ଫଳରେ ଗତ ୪ଟି ବିଶ୍ୱକପ୍‌ରେ ଜର୍ମାନୀର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ହୋଇଛି। ୨୦୧୦ ଓ ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ଏବଂ ୨୦୨୬ରେ ରାଉଣ୍ଡ ଅଫ୍ ୩୨ରୁ ବିଦା ହୋଇଛି। ଦଳ ପ୍ରଥମଥର ପେନାଲ୍ଟି ସୁଟ୍‌ଆଉଟରେ ପରାଜିତ ହୋଇଥିଲାବେଳେ ପୂର୍ବରୁ ୪ଥର ବିଜୟୀ ହୋଇଥିଲା। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଜର୍ମାନୀ ଦଳ ଚଳିତ ବିଶ୍ୱକପ୍‌ରେ ଆଦୌ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରି ନ ଥିଲା।

## ମରୋକ୍କୋ ହିରୋ ୟାସିନ୍, ସାଇବାରୀ



ମଣ୍ଟେରୀ ଷ୍ଟାଡିୟମ୍‌ରେ ଫିଫା ର୍‍ୟାଙ୍କିଙ୍ଗ୍‌ରେ ଉପରତଳ ହୋଇ ରହିଥିବା ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ରାଉଣ୍ଡ -୩୨ ମୁକାବିଲା ରୋମାଞ୍ଚକ ହୋଇଥିଲା। ଖେଳର ୭୧ତମ ମିନିଟ୍‌ଯାଏ କେହି କାହାରିକୁ ଗୋଲ ଦେଇ ନ ଥିଲେ। ୭୨ତମ ମିନିଟ୍‌ରେ କୋଡି ଗାକ୍‌ପୋ ନେଦରଲ୍ୟାଣ୍ଡସ ପକ୍ଷରୁ ଓ ୯୧ତମ (ଇଞ୍ଜୁରୀ ଟାଇମ୍) ମିନିଟରେ ଇସା ଡିଓପ ମରୋକ୍କୋ ପକ୍ଷରୁ ଗୋଲ ଦେବା ଫଳରେ ଖେଳ ସମାନ ସ୍ତରରେ ରହିଥିଲା। ପେନାଲ୍ଟି ସୁଟ୍‌ଆଉଟରେ ନେଦରଲ୍ୟାଣ୍ଡସ ପକ୍ଷରୁ କ୍ରିସେନିକୋ ସମରଭିଲେ ମାରିଥିବା ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ସଟ୍‌କୁ ମରୋକ୍କୋ ଗୋଲରକ୍ଷକ ଅଟକାଇବା ପରେ ୫ମ ସଟ୍ ମିସ୍ ହୋଇଥିଲା। ଫଳରେ ଶେଷ ସଟ୍‌କୁ ମରୋକ୍କୋ ଗୋଲରେ ପରିଣତ କରିଥିଲେ ମ୍ୟାଚ୍ ଜିତିବାର ସ୍ଥିତିରେ ଥିଲା। ଏହି ସଟ୍‌କୁ ଷ୍ଟ୍ରାଇକର ଇସ୍‌ମାଏଲ ସାଇବାରୀ ଗୋଲରେ ପରିଣତ କରି ମରୋକ୍କୋକୁ ୩-୨ ପେନାଲ୍‌ଟିରେ ଜିତାଇବା ସହ ଦଳକୁ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ମରୋକ୍କୋ ମଧ୍ୟ ଗତ ୩ଟି ସଂସ୍କରଣରେ ୟୁରୋପର ଦୁଇଟି ଶକ୍ତିଶାଳୀ ଟିମ୍‌କୁ ପେନାଲ୍ଟି ସୁଟ୍‌ଆଉଟରେ ବିଦା କରିଛି। ଗତ ବିଶ୍ୱକପ୍‌ରେ ୟାସିନ୍ ବୋଉନୋଉ ୨ଟି ପେନାଲ୍ଟି ସଟ୍ ସେଭ୍ କରିବା ଫଳରେ ସ୍ପେନ୍‌କୁ ମରୋକ୍କୋ ହରାଇଥିଲା। ସାଇବାରୀଙ୍କ ଗୋଲ ବଳରେ ମରୋକ୍କୋ ଇତିହାସ ସୃଷ୍ଟି କରିବା ସହ ଆସନ୍ତା ଶନିବାର କାନାଡା ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

## ନରୱେକୁ ଜିତାଇଲେ ହାଲାଣ୍ଡ

ଡଲାସ, ୩୦।୬ (ଏଜେନ୍ସି): ଷ୍ଟ୍ରାଇକର ଖେଳାଳି ଏର୍ଲିଙ୍ଗ ହାଲାଣ୍ଡଙ୍କ ଗୋଲ୍ ବଳରେ ଏଠାରେ ମଙ୍ଗଳବାର ରାତିରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ରାଉଣ୍ଡ-୩୨ ମୁକାବିଲାରେ ନରୱେ ୨-୧ ଗୋଲରେ ଆଇଭରୀ କୋଷ୍ଟକୁ ପରାସ୍ତ କରିଛି। ମ୍ୟାଚର ୩୯ତମ ମିନିଟରେ ଆଣ୍ଟୋନିଓ ନୁସାଙ୍କ ଗୋଲ୍ ବଳରେ ନରୱେ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଖେଳର ଦ୍ୱିତୀୟାର୍ଦ୍ଧ ବେଶ୍ ରୋମାଞ୍ଚକ ରହିଥିଲା। ୭୪ତମ ମିନିଟରେ ଆମାଦ ଡିଆଲୋଙ୍କ ଗୋଲ୍ ସହାୟତାରେ ଆଇଭରୀ କୋଷ୍ଟ ମ୍ୟାଚକୁ ୧-୧'ର ବରାବର୍‌ସ୍ତରକୁ ଆଣିଥିଲା। ତେବେ ଆଇଭରୀ କୋଷ୍ଟର ଏହି ଖୁସି ବେଶୀ ସମୟ ରହି ନ ଥିଲା। ୮୬ତମ ମିନିଟରେ ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ନରୱେ ପାଇଁ ଦ୍ୱିତୀୟ ତଥା ବିଜୟସୂଚକ ଗୋଲଟି ଦେଇଥିଲେ। ଫଳରେ ଫିଫା ବିଶ୍ୱକପ ଇତିହାସରେ ପ୍ରଥମଥର ନକ୍‌ଆଉଟ୍ ଖେଳିଥିବା ଆଇଭରୀ କୋଷ୍ଟ ରାଉଣ୍ଡ-୩୨ରେ ଅଭିଯାନ ଶେଷ କରିଛି। ନରୱେ ପ୍ରି-କ୍ୱାର୍ଟରେ ବ୍ରାଜିଲକୁ ରବିବାର ରାତିରେ ଭେଟିବ।

**ଫିଫା ବିଶ୍ୱକପ୍ 26**
ରାଉଣ୍ଡ ଅଫ୍ ୩୨ ମୁକାବିଲା
ବୁଧବାର ରାତି
ଇଂଲଣ୍ଡ-କଙ୍ଗୋ
ଆଟଲାଣ୍ଟା, ରାତି ୯.୩୦
ବେଲଜିୟମ-ସେନେଗାଲ
ସିଆଟଲ, ରାତି ୧.୩୦
ଗୁରୁବାର ସକାଳ
ଆମେରିକା-ବୋସନିଆ
ସାନ୍‌ଫ୍ରାନ୍ସିକୋ, ସକାଳ ୫.୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ପାରାଗୁଏରେ ଜାତୀୟ ଛୁଟିଦିବସ

ଆସୁନସିଅନ,୩୦।୬(ଏଜେନ୍ସି): ଜର୍ମାନୀକୁ ହରାଇ ପାରାଗୁଏ ବିପର୍ଯ୍ୟୟ ସୃଷ୍ଟି କରିବା ସହ ୨୦୨୬ ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପରେ ସମଗ୍ର ଦେଶରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ମଙ୍ଗଳବାରକୁ ଜାତୀୟ ଛୁଟିଦିବସ ଭାବେ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ପେନାଙ୍କ ଅନୁଯାୟୀ ଫୁଟବଲ ଖେଳ ପାରାଗୁଏଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଥାଏ। ବିଶ୍ୱ ଫୁଟବଲରେ ଅଣ୍ଡରଡଗ୍ ଭାବେ ବିବେଚିତ ପାରାଗୁଏ ୪ଥରର ବିଶ୍ୱଚାମ୍ପିଅନ ଜର୍ମାନୀକୁ ପରାସ୍ତ କରିବା ଆମ ଲାଗି ଐତିହାସିକ ବିଜୟ ସହ ସମାନ। ଏହି ଉତ୍ସବକୁ ପାଳନ କରିବା ଲାଗି ସମସ୍ତ ନାଗରିକଙ୍କ ସୁବିଧା ଲାଗି ଛୁଟି ଘୋଷଣା କରାଯାଉଛି।

## ମାନୁଏଲ ନୁଏରଙ୍କ ଅବସର

ବର୍ଲିନ,୩୦।୬(ଏଜେନ୍ସି): ପେନାଲ୍ଟି ସୁଟ୍‌ଆଉଟରେ ପାରାଗୁଏ ନିକଟରୁ ହାରିଯିବା ପରେ ଜର୍ମାନୀର ୪୦ ବର୍ଷୀୟ ଗୋଲରକ୍ଷକ ମାନୁଏଲ ନୁଏର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବାକୁ ଘୋଷଣା କରିଛନ୍ତି। ପୂର୍ବରୁ ମଧ୍ୟ ସେ ଅବସର ଘୋଷଣା କରିଥିଲେ, କି ଦଳରେ ଭଲ ଗୋଲରକ୍ଷକ ନ ଥିବାରୁ ୨୦୨୪ ଅଗଷ୍ଟରେ ପୁଣିଥରେ ଅନ୍ତର୍ଜାତୀୟ ଫୁଟବଲ ଖେଳିଥିଲେ। ଏବେ ପରାଜୟ ସହ ଅନ୍ତର୍ଜାତୀୟ ଫୁଟବଲରୁ ଅପସରି ଯାଇଛନ୍ତି।

## ହରମନପ୍ରୀତଙ୍କୁ ଭାରତର ନେତୃତ୍ୱ

**ଏସୀୟ କ୍ରୀଡ଼ା**

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଚଳିତ ଟି-୨୦ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ହରମନପ୍ରୀତ୍ କୌର ଅଧିନାୟିକା ପଦ ବଜାୟ ରଖିଛନ୍ତି। କ୍ରମାଗତ ଦ୍ୱିତୀୟ ସଂସ୍କରଣ ଲାଗି ହରମନପ୍ରୀତ୍ ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରିକେଟ୍ ଦଳର ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୨ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତୀୟ ମହିଳା କ୍ରିକେଟ୍ ଦଳ**
ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଗୁନାଲାନ କମଳିନୀ, ଭାରତୀ ଫୁଲମଣି, ଶ୍ରୀ ଚରଣି, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ୍, ରାଧା ଯାଦବ ଓ ନନ୍ଦିନୀ ଶର୍ମା।

## ୱିମ୍ବଲଡନ: ସ୍ୱିଆଟେକ ଆଗେଇଲେ

ଲଣ୍ଡନ, ୩୦।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ଦ୍ୱିତୀୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସିଙ୍ଗଲ୍ସ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଇଗା ସ୍ୱିଆଟେକ, ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ଷଷ୍ଠ ସିଡ୍ ଆମଣ୍ଡା ଆନିସିମୋଭା ପ୍ରମୁଖ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଚତୁର୍ଥ ସିଡ୍ ଆମେରିକାର ବେନ୍ ସେଲଟନ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ମଧ୍ୟ କଷ୍ଟସାଧ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପାଞ୍ଚ ସେଟ୍ ମୁକାବିଲାରେ ସିନ୍ନର ୪-୬, ୬-୩, ୬-୭(୬/୮), ୬-୨, ୬-୩ ସେଟରେ ବିଶ୍ୱର ୫୦ ନମ୍ବର ଖେଳାଳି ସର୍ବିଆର ମିଓମିର କେକମାନୋଭିକଙ୍କୁ ହରାଇଥିଲେ। ଏହି ମ୍ୟାଚ୍ ଜିତିବାକୁ ସିନ୍ନରଙ୍କୁ ସାଢ଼େ ୩ ଘଣ୍ଟା ସମୟ ଲାଗିଥିଲା।

● ଆଇସିସି ମହିଳା ଟି-୨୦ ବିଶ୍ୱକପ୍

## ଅଷ୍ଟମଥର ଫାଇନାଲ ଖେଳିବ ଅଷ୍ଟ୍ରେଲିଆ

ଲଣ୍ଡନ, ୩୦।୬ (ଏଜେନ୍ସି): ରେକର୍ଡ ଛ'ଥରର ବିଜେତା ଅଷ୍ଟ୍ରେଲିଆ ୮ମଥର ଲାଗି ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଚଳିତ ବିଶ୍ୱକପର ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୮ ୱିକେଟରେ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୭ ୱିକେଟ ହରାଇ ୧୨୫ ରନର ଛୋଟିଆ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟିକା ହେଲି ମାଥ୍ୟୁସ ସର୍ବାଧିକ ୩୦, ଡେଣ୍ଡ୍ରା ଡଟିନ ଅପରାଜିତ ୨୬ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଅଧିନାୟିକା ସୋଫି ମୋଲିନେକ୍ସ (୨/୩୦), ଆସଲେ ଗାର୍ଡନର (୨/୧୩) ଓ ଜର୍ଜିଆ ୱେରହାମ (୨/୧୭) ମିଳିତ ଭାବେ ୬ଟି ୱିକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ବେଥ ମୁନୀ ୬୧ ଓ ଆସଲେ ଗାର୍ଡନର ୩୫ ରନର ଅପରାଜିତ ପାଳି ଖେଳି ଦଳକୁ ସହଜରେ ଜିତାଇଥିଲେ। ଗୁରୁବାର ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମହିଳା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତା ରବିବାର ଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ।



ତୁର୍କୀରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟୀ ସ୍ପୋର୍ଟ୍ସ ୟୁଥ୍ ଗେମ୍ସରେ ପଦକ ଜିତି ରାଜ୍ୟ ଓ ଦେଶ ଲାଗି ଗୌରବ ଆଣିଥିବା ଓଡ଼ିଶାର ଆକାଶ ରଞ୍ଜନ ମୁଣ୍ଡ ଓ ବିଭାସିନ୍ଧୁ ବାରିକଙ୍କୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

### ଆଜିଠୁ ଓଡ଼ିଶାରେ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟ୍‌ବଲ୍

ଭୁବନେଶ୍ୱର, ୩୦।୬ (ସମିସ): ସ୍ଥାନୀୟ ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ବୁଧବାରଠାରୁ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବ୍ଲୁସ୍‌ଆଇ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ବ୍ଲୁସ୍‌ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ସୂଚନା ଦେଇଛନ୍ତି।

# ଭାରତ-ଇଂଲଣ୍ଡ ଟି-୨୦ ସିରିଜ ଆଜିଠୁ

ଚେଷ୍ଟର-ଲି-ଷ୍ଟ୍ରିଟ, ୩୦।୬ (ଏଜେନ୍ସି)



ଭାରତୀୟ କ୍ରିକେଟ୍ ଦଳର ଇଂଲଣ୍ଡ ଗସ୍ତ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି। ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ପାଞ୍ଚଟିକିଆ ଟି-୨୦ ସିରିଜର ପ୍ରଥମ ମ୍ୟାଚ ଚେଷ୍ଟର-ଲି-ଷ୍ଟ୍ରିଟରେ ରାତି ୧୦ଟାରେ ଖେଳାଯିବ। ଆୟର୍ଲାଣ୍ଡ ବିପକ୍ଷରେ ବିରାଟ ବିପର୍ଯ୍ୟୟର ସମ୍ମୁଖୀନ ହେବାପରେ ଟିମ୍ ଇଣ୍ଡିଆ ଏହି ସିରିଜ ଖେଳିବ। ତେଣୁ ନୂଆ ଅଧିନାୟକ ଶ୍ରେୟସ ଆୟରଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଆୟର୍ଲାଣ୍ଡ ବିପକ୍ଷରେ ଲଜ୍ଜାଜନକ ଭାବେ ଦୁଇଟିଯାକ ଟି-୨୦ ମ୍ୟାଚ ହାରିବା ପରେ ଭାରତୀୟ ଦଳର ଖେଳାଳିମାନେ ଚାପରେ ରହିଛନ୍ତି। ତେଣୁ ଇଂଲଣ୍ଡ ବିପକ୍ଷରେ ଉନ୍ନତ ପ୍ରଦର୍ଶନ କରି ଏହି କ୍ଷତିର ଭରଣା କରିବାକୁ ଭାରତ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଅଧିନାୟକ ଆୟରଙ୍କ ନେତୃତ୍ୱରେ ଉପରେ ମଧ୍ୟ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ପ୍ରାୟ ୩ ବର୍ଷ ଧରି ଭାରତୀୟ ଦଳର ଟି-୨୦ ସେଟଅପ୍‌ରୁ ବାହାରେ ରହିବା ପରେ ଆୟର ଅଧିନାୟକ ସହ ଦଳକୁ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ତାଙ୍କୁ ନୂଆ ନେତୃତ୍ୱ ଭାର ମିଳିଥିଲା। କିନ୍ତୁ ଆୟରଙ୍କ ନେତୃତ୍ୱରେ ଭାରତ ପ୍ରଥମ ସିରିଜରେ ୨-୦ରେ ଆୟର୍ଲାଣ୍ଡ ନିକଟରୁ କ୍ଲିନସୁଇପ ହୋଇଛି। ଏବେ ବିଶ୍ୱର ଦୁଇ ନମ୍ବର ଦଳ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ଭାରତ ଲଢ଼େଇ କରିବାକୁ ଯାଉଛି। ଯାହାକି ଆୟର ବାହିନୀ ପାଇଁ ଆହୁରି କଷ୍ଟକର ପରୀକ୍ଷା ହେବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱରେ ଇଂଲଣ୍ଡ ବିଶ୍ୱ କ୍ରିକେଟରେ ସୀମିତ ଓଭରରେ ଏକ ଶ୍ରେଷ୍ଠ ଦଳ ଭାବେ ବିବେଚିତ ହେଉଛି। ଅଧିନାୟକ ବ୍ରୁକଙ୍କ ସମେତ ଜାକବ ବେଥେଲ, ଜୋଶ ବଟଲର, ସାମ୍ କରନ, ୱିଲ୍ ଜ୍ୟାକ, ଫିଲ୍ ସଟ, ଜୋଫ୍ରା ଆର୍ଚରଙ୍କ ଭଳି ଖେଳାଳି ଯେକୌଣସି ଦଳ ପାଇଁ ବିପଦଜନକ ସାବ୍ୟସ୍ତ ହୋଇପାରନ୍ତି। ତେଣୁ ଇଂଲଣ୍ଡ ମାଟିରେ ଖେଳାଯିବାକୁ ଥିବା ଏହି ସିରିଜ ଟିମ୍ ଇଣ୍ଡିଆ ପାଇଁ ସହଜ ହେବନାହିଁ। ସେହିଭଳି ଆୟର୍ଲାଣ୍ଡରେ ସୁଯୋଗ ପାଇ ନ ଥିବା ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜରେ ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

**ପ୍ରଥମ ଟି-୨୦**
ମ୍ୟାଚ୍ ଆରମ୍ଭ: ରାତି ୧୦ଟା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ

### ଭାରତ ସପକ୍ଷରେ ରେକର୍ଡ

ରେକର୍ଡ ଉପରେ ନଜର ପକାଇଲେ ଭାରତର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ଆଜି ପର୍ଯ୍ୟନ୍ତ ୩୦ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଯେଉଁଥିରେ ଭାରତ ୧୮ ଓ ଇଂଲଣ୍ଡ ୧୨ ମ୍ୟାଚ ଜିତିଛି। ଦୁଇ ଦଳ ଶେଷଥର ଲାଗି ଚଳିତ ବର୍ଷ ପ୍ରାରମ୍ଭରେ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଭାରତ ୭ ରନରେ ବିଜୟୀ ହୋଇଥିଲା।

AHANA GYNAECARE & IVF
Wishes You A
Happy Doctors' Day 2026
NABH-Accredited Small Healthcare Organisation
1st and only exclusive gynaecology and maternity hospital in Bhubaneswar to get the honour.
Headed by **Dr. Sujit Kumar Behera**, Chief Gynaecologist & Advanced Laparoscopic Surgeon
**State-of-the-art IVF & Infertility** unit, headed by **Dr. Sanjeev Behera**
1st Hospital in Bhubaneswar with Permission from Govt. Authority towards undertaking Pre-implantation Genetic Testing (PGT), Screening (PGS), & Diagnosis (PGD)
Fully-equipped **Fetal Medicine Dept.**, headed by **Dr. Shweta Somasikta Pani**
All Pregnancy Ultrasonography Scans like Fetal Echo, Genetic Counselling, Fetal Therapy and Invasive Procedures like Amniocentesis, CVS & Fetal Reduction
Services offered:
- Advanced Gynaecology Laparoscopic Procedures
- Fetal Medicine Unit with Invasive Procedures
- OPD services for Cardiology & Ultrasound
- IVF-ET, ICSI, IUI & other Fertility services
- High-Risk Pregnancy handling
- Neonatal Unit with Level - 3 NICU
Plot No. 119, District Center, C.S. Pur, Bhubaneswar-751016
0674 68 11 111 & 0674 23 00 888 91243 64151
ahanagynaecare@gmail.com | www.ahanagynaecare.com
Facebook Page Google Map
AHANA
NABH CERTIFIED PESHCO-2023-7863

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS